- Vol.- 45, Issue No. 248
- Tuesday, 9 December 2025
- ମଙ୍ଗଳବାର, ୯ ଡିସେମ୍ବର ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




### ଲୋକସଭା ବିତର୍କରେ ପ୍ରଧାନମନ୍ତ୍ରୀ ମୋଦି

## ଇଂରେଜଙ୍କୁ ଦୋହଲାଇଥିଲା 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ,୮।୧୨: 'ବନ୍ଦେ ମାତରମ୍' ଏକ ମନ୍ତ୍ର , ସ୍ଲୋଗାନ୍, ଯାହା ପ୍ରେରଣା ଶକ୍ତି ଦେଇଛି । ଆମେ ଏଠାରେ ବସିଛୁ ତାହା 'ବନ୍ଦେ ମାତରମ୍'ର ପରିଣାମ । ଇଂରେଜଙ୍କୁ ଦୋହଲାଇ ଦେଇଥିଲା ଭାରତୀୟଙ୍କ ସଂକଳ୍ପ 'ବନ୍ଦେ ମାତରମ୍' । ଏହା ୧୮୭୫ରୁ ଆରମ୍ଭ, ଆଜି ଏହା ୧୫୦ ବର୍ଷ ପୂରଣ କରିଛି । ଆମେ ଏ ଐତିହାସିକ ମୁହୂର୍ତ୍ତର ସାକ୍ଷୀ, ଏଥିପାଇଁ ଗର୍ବିତ । ଲୋକସଭାରେ ସୋମବାର ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ନେଇ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଭାଷଣ ରଖି ଏହା କହିଛନ୍ତି। ଆମେ 'ବନ୍ଦେ ମାତରମ୍'ର ୧୫୦ ବର୍ଷର ସାକ୍ଷୀ । 'ବନ୍ଦେ ମାତରମ୍' କେବଳ ରାଜନୈତିକ ସ୍ୱାଧୀନତା ସଂଗ୍ରାମ ପାଇଁ ଏକ ମନ୍ତ୍ର ନ ଥିଲା। ଏହା ତା'ଠାରୁ ବହୁତ ଅଧିକ ଥିଲା । ସ୍ୱାଧୀନତା ଆନ୍ଦୋଳନ ଆମର ମାତୃଭୂମିକୁ ଦାସତ୍ୱର କବଳରୁ ମୁକ୍ତ କରିବା ପାଇଁ ଏକ ଯୁଦ୍ଧ ଥିଲା । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି,' ଏଠାରେ କୌଣସି ନେତୃତ୍ୱ ଏବଂ ବିରୋଧୀ ଦଳ ନାହିଁ । ଆମେ ଏଠାରେ ସାମୂହିକ ଭାବରେ 'ବନ୍ଦେ ମାତରମ୍'ର ଋଣକୁ ସ୍ୱୀକାର କରିବାର ଅବସର । ପୁଣି ଏକତ୍ର ହେବା ଏବଂ ସମସ୍ତଙ୍କ ସହିତ ମିଶି ଆଗକୁ ବଢ଼ିବାର ସମୟ ଆସିଛି । ଯେତେବେଳେ 'ବନ୍ଦେ ମାତରମ୍' ୧୦୦ ବର୍ଷ ପୂରଣ କଲା, ସେତେବେଳେ ଭାରତ ଜରୁରୀକାଳୀନ ପରିସ୍ଥିତିର କବଳରେ ଥିଲା । ସେହି ସମୟରେ ଦେଶପ୍ରେମୀମାନଙ୍କୁ ଜେଲଦଣ୍ଡ ଦିଆଯାଇଥିଲା । ଯେତେବେଳେ ଆମର ସ୍ୱାଧୀନତା ଆନ୍ଦୋଳନକୁ ପ୍ରେରଣା ଦେଇଥିବା ଗୀତଟି, ଦୁର୍ଭାଗ୍ୟବଶତଃ, ଭାରତ ଏକ କଳା ଯୁଗର ସାକ୍ଷୀ ଥିଲା। 'ବନ୍ଦେ ମାତରମ୍'ର ୧୫୦ ବର୍ଷ ହେଉଛି ସେହି ଗର୍ବ ଏବଂ ଆମର ଅତୀତର ସେହି ମହାନ ଅଂଶକୁ ପୁନର୍ବାର ସ୍ଥାପନ କରିବାର ଏକ ସୁଯୋଗ । ଏହି ଗୀତଟି ଆମକୁ ୧୯୪୭ରେ ସ୍ୱାଧୀନତା ହାସଲ କରିବାକୁ ପ୍ରେରଣା ଦେଇଥିଲା । ଏତେ ଲୋକପ୍ରିୟ ଗୀତ ସହିତ କାହିଁକି ଅନ୍ୟାୟ ହେଲା ? ନେହେରୁଙ୍କୁ ଚୌକିର ବିପଦ ଥିଲା ସେଥିପାଇଁ ବନ୍ଦେ ମାତରମ୍ ସହ ବୁଝାମଣା କରିଦେଲେ।

# ଆଜି ବାରବାଟୀ ଟି-୨୦ ଲଢ଼େଇ





କଟକ, ୮।୧୨(ନିପ୍ର): ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଟି-୨୦ ସିରିଜର ପ୍ରଥମ ମ୍ୟାଚ ଖେଳାଯିବ। ଏଥିପାଇଁ ବାରବାଟୀ ପଡ଼ିଆ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି । କେବଳ ମୁକାବିଲାକୁ ଅପେକ୍ଷା । ୪୦ହଜାରରୁ ଅଧିକ ଦର୍ଶକଙ୍କ ଉପସ୍ଥିତିରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜୋର୍‌ଦାର ଲଢ଼େଇ ହେବ। ପୂର୍ବରୁ ସୋମବାର ଭାରତ ଓ ଦକ୍ଷିଣ ଆଫ୍ରିକା ଦଳର ଖେଳାଳୀମାନେ ବାରବାଟୀରେ ଅଭ୍ୟାସ କରିଛନ୍ତି । ମଙ୍ଗଳବାର ମହାମୁକାବିଲା ପାଇଁ ଟିମ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଉପଅଧିନାୟକ ଶୁଭମନ ଗିଲ୍, ଓପନିଂ ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମା, ତ୍ରିଲୋକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ସଂଜୁ ସାମସଙ୍ଗ, ଯଶପ୍ରୀତ ବୁମରା, କୁଳଦୀପ ଯାଦବ ଓ ଅନ୍ୟ ଖେଳାଳୀମାନେ ସୋମବାର ବାରବାଟୀରେ ଅଭ୍ୟାସ କରିଥିଲେ । ରନିଂ ଓ ବ୍ୟାୟାମ ସହିତ ଝାଳ ବୁହାଇ ଷ୍ଟାଡ଼ିୟମର ସ୍ଥିତିକୁ ଅତି ନିକଟରୁ ଖେଳାଳୀମାନେ ପରଖି ଥିଲେ । ଅପରାହ୍ନ ସାଢ଼େ ୧ ଟାରୁ ୪.୩୦ ଯାଏ ଟିମ ଇଣ୍ଡିଆର ଖେଳାଳୀମାନେ ବାରବାଟୀ ପଡ଼ିଆରେ ଜୋରଦାର ଅଭ୍ୟାସ କରିଥିଲେ। ଅଭ୍ୟାସ ପୂର୍ବରୁ

- ପରୀକ୍ଷା ପୂର୍ବରୁ ସବୁ ପାଠ ପଢ଼ାଯାଏ ନାହିଁ
- ଟିମ୍ କମ୍ବିନେସନ ବେଷ୍ଟ, ମ୍ୟାଚ୍ ବି ହେବ ବେଷ୍ଟ: ସୂର୍ଯ୍ୟକୁମାର
- ଆମେ ଭଲ ପ୍ରଦର୍ଶନ କରିବୁ: ମାକରମ୍

ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସାମ୍ବାଦିକ ସମ୍ମିଳନୀରେ ଏକ ବଡ଼ ସୂଚନା ଦେଇଛନ୍ତି । ସେ ଦଳରେ ନିଜ ସ୍ଥାନ ପକ୍କା କରି ବାରବାଟୀରେ ଖେଳିବେ ବୋଲି ଅଧିନାୟକ ସୂର୍ଯ୍ୟକୁମାର ସୂଚନା ଦେଇଛନ୍ତି । ଟି-୨୦ ଫରମାଟରେ ଆସନ୍ତା ବିଶ୍ୱକପ ପ୍ରସ୍ତୁତିକୁ ନେଇ ଅଧିନାୟକ ସୂର୍ଯ୍ୟ କୁମାର ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ପରୀକ୍ଷା ଆରମ୍ଭର ଶେଷ ୪ ଦିନ ପୂର୍ବରୁ ସବୁ ପାଠ ପଢ଼ାଯାଏ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି । ତେଣୁ ଦଳ ୨୦୨୪ ଟି-୨୦ ବିଶ୍ୱକପ୍ ପରଠାରୁ ପ୍ରସ୍ତୁତି ଆରମ୍ଭ କରିସାରିଛି । ଟିମ କମ୍ବିନେସନରେ ବେଶି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଟିମ୍ କମ୍ବିନେସନ ବେଷ୍ଟ, ମ୍ୟାଚ୍ ବି ହେବ ବେଷ୍ଟ ବୋଲି ଅଧିନାୟକ ସୂର୍ଯ୍ୟକୁମାର ସୂଚନା ଦେଇଛନ୍ତି । ବାରବାଟୀରେ ଘରୋଇ ମ୍ୟାଚ ଖେଳିବାର ଅନୁଭୂତି ରହିଛି ବୋଲି ସେ କହିଛନ୍ତି । ସେହିପରି ଦକ୍ଷିଣ ଆଫ୍ରିକା ଦଳ ସନ୍ଧ୍ୟା ୫ଟା ୩୦ ରୁ ୮ଟା ୩୦ ଯାଏ ବାରବାଟୀରେ ଅଭ୍ୟାସ କରିଥିଲେ । ଅଭ୍ୟାସ ପୂର୍ବରୁ ବାରବାଟୀରେ ଦକ୍ଷିଣ ଆଫ୍ରିକା ଅଧିନାୟକ ମାକରମ ପ୍ରେସ ମିଟ କରିଥିଲେ । ଦକ୍ଷିଣ ଆଫ୍ରିକା ଅଧିନାୟକ ମାକରମ କହିଛନ୍ତି, ଆମେ ଭଲ ପ୍ରଦର୍ଶନ କରିବୁ । ବିଗତ ମ୍ୟାଚ ଗୁଡ଼ିକ ଆମକୁ ଭଲ ଅନୁଭୂତି ଦେଇଛି । ଦିନିକିଆ ସିରିଜରେ ଆମେ ଭଲ ଖେଳିଛୁ । ଟି-୨୦ ସିରିଜରେ ମଧ୍ୟ ଭଲ ପ୍ରଦର୍ଶନ କରିବୁ ବୋଲି ଅଧିନାୟକ ମାକରମ କହିଛନ୍ତି । ସୂଚନାଯୋଗ୍ୟ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି-୨୦ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖ ମଙ୍ଗଳବାର ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଖେଳାଯିବ । ସନ୍ଧ୍ୟା ୭ଟା ରେ ଏହି ମ୍ୟାଚ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ଟସ୍ ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ସନ୍ଧ୍ୟା ସାଢ଼େ ୬ଟା ହେବ । ମ୍ୟାଚ ରାତି ପ୍ରାୟ ୧୧ଟା ରେ ଶେଷ ହେବ ।

### ବାରବାଟୀ ମ୍ୟାଚ ଦେଖିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ୮।୧୨(ନିପ୍ର): ୯ ତାରିଖରେ କଟକ ବାରବାଟୀ ଷ୍ଟାଡିଅମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚ ଦେଖିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମ୍ୟାଚକୁ ଉପଭୋଗ କରିବେ ବୋଲି ଜଣାପଡ଼ିଛି । ଏହାବ୍ୟତୀତ ଅନ୍ୟ କିଛି ମନ୍ତ୍ରୀ ମଧ୍ୟ ମ୍ୟାଚ୍ ଦେଖିବାକୁ ଯାଇପାରନ୍ତି ବୋଲି ସୂଚନା ମିଳିଛି।

### ନବୀନଙ୍କୁ ନିଶାଣ କଲେ ମୁଖ୍ୟମନ୍ତ୍ରୀ

## ୨ ମିନିଟ୍ ବସିବାକୁ ଧୈର୍ଯ୍ୟ ନାହିଁ

ଭୁବନେଶ୍ୱର,୮।୧୨: ରାଜଗାଙ୍ଗପୁର ଲାଞ୍ଜିବେରନା ଠାରେ ଜଣେ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି। ନବୀନଙ୍କ ଏହି ନିଶାଣ ପରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାକୁ ଆସିବା ପ୍ରସଙ୍ଗରେ ନବୀନଙ୍କୁ ପାଲଟା ଆକ୍ରମଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଗୃହରେ ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, 'ବିଧାନସଭାକୁ ଆସି



୨ ମିନିଟ୍ ବସିବାକୁ ଧୈର୍ଯ୍ୟ ନାହିଁ। ନବୀନ ବାବୁ ନୂଆପଡ଼ାରେ ୬ ଘଣ୍ଟା ପ୍ରଚାର ପାଇଁ ଯାଇ ପାରୁଛନ୍ତି, କିନ୍ତୁ ବିଧାନସଭା ୯ ଦିନ ହେଲାଣି ଚାଲିଥିଲେ ମଧ୍ୟ ବିରୋଧୀଦଳ ନେତା କେତେ ଦିନ ଆସିଛନ୍ତି ? କେବଳ ସୋସିଆଲ୍ ମିଡିଆରେ ପୋଷ୍ଟ କରିଦେଲେ ବିକାଶ ହେବ ନାହିଁ। ଗୃହରେ କଥା ଉଠାଇବାକୁ ଅଧିକାର ଦିଆଯାଇଛି।' ଏହା ପୂର୍ବରୁ, ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜଗାଙ୍ଗପୁର ଘଟଣାକୁ 'ଅତ୍ୟନ୍ତ ହୃଦୟ ବିଦାରକ' କହିବା ସହ ସରକାରଙ୍କୁ ସମାଲୋଚନା କରିଥିଲେ।

## ଖୁବ୍‌ଶୀଘ୍ର ଦେଶାନ୍ତର ହେବେ ଚିହ୍ନଟ ୨୦ ବାଂଲାଦେଶୀ

ଭୁବନେଶ୍ୱର, ୮।୧୨(ନିପ୍ର); ଖୁବ୍‌ଶୀଘ୍ର ଦେଶାନ୍ତର ହେବେ ଜଗତସିଂହପୁର ଜିଲ୍ଲାରୁ ଚିହ୍ନଟ ହୋଇଥିବା ୨୦ ଜଣ ବାଂଲାଦେଶୀ । ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ତଥ୍ୟ ଜାରି କରିଛନ୍ତି ରାଜ୍ୟ ସରକାର । ୨୧୦୯ ଜଣ ସନ୍ଦିଗ୍ଧଙ୍କୁ ଯାଞ୍ଚ କରାଯାଇଛି । ସେଥିରୁ ୨୦୨୫ ଜଣ ଭାରତୀୟ ଭାବେ ମୁକ୍ତ ହୋଇଥିବା ବେଳେ ୧୩ ଜଣଙ୍କ ପରିଚୟ ପତ୍ର ଯାଞ୍ଚ ଚାଲିଛି । ୭୧ ଜଣଙ୍କୁ ଅବୈଧ ବାଂଲାଦେଶୀ ଭାବେ ଚିହ୍ନଟ କରାଯାଇଛି । ଭୁବନେଶ୍ୱରରେ ୨୪ ଜଣ, କଟକରେ ୧୫,ବ୍ରହ୍ମପୁରରେ ୬,ଗଞ୍ଜାମରେ ୧,କନ୍ଧମାଳରେ ୪,କୋରାପୁଟରେ ଜଣେ,ଜଗତସିଂହପୁରରେ ୨୦ ଜଣଙ୍କୁ ଚିହ୍ନଟ କରାଯାଇଛି । ୭୧ ଜଣ ଭିତରୁ ୪୮ ଜଣଙ୍କୁ ଦେଶାନ୍ତର କରାଯାଇଛି । ୨ ଜଣ ବାଂଲାଦେଶୀ ଅନୁପ୍ରବେଶକାରି ଜାଲ୍ କାଗଜପତ୍ର ଦେଇ ନିଜ ନାମରେ ଭାରତୀୟ ପାସପୋର୍ଟକରିଛନ୍ତି । ସେମାନଙ୍କନାମରେ ମୋକଦ୍ଦମା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି । ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

### ବିଧାନସଭା ଶୂନ୍ୟକାଳରେ ବିଜେଡି ଉଠାଇଲା

## ଶିକ୍ଷକ ଆନ୍ଦୋଳନ ଓ ମାଲକାନଗିରି ପ୍ରସଙ୍ଗ

ଭୁବନେଶ୍ୱର, ୮।୧୨(ନିପ୍ର): ସୋମବାର ବିଧାନସଭାର ଶୀତକାଳୀନ ଅଧିବେଶନର ଶୂନ୍ୟକାଳରେ ବିଜେଡ଼ି ବିଧାୟକ ଗୌତମବୁଦ୍ଧ ଦାସ ଉଠାଇଥିଲେ ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ । ଶିକ୍ଷକ ଧାରଣାରେ ବସିଛନ୍ତି । ପ୍ରାଥମିକ ଶିକ୍ଷକ ଶୀତରେ ବସିଛନ୍ତି ରାଜରାସ୍ତାରେ । ଦୁଇ ଦଫା ଦାବି ପୂରଣ ପାଇଁ ବସିଛନ୍ତି । ସରକାର କାହିଁକି ଦାବିପୂରଣ ଦିଗରେ ସମୟ ଗଡାଉଛନ୍ତି ? ଏ ଦାବି କିଛି ସମୟଭିତରେ ପୂରଣ ହୋଇପାରିବ । ଶିକ୍ଷକଙ୍କ ଦୁଃଖ ଶୁଣନ୍ତୁ ସରକାର ବୋଲି ସେ ଦାବି କରିଛନ୍ତି । ଅନ୍ୟପଟେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ବି ଏକାଧିକ ଦାବି ନେଇ ରାଜରାସ୍ତାରେ ବସିଛନ୍ତି । ଶିକ୍ଷକ ଅଭାବ ଅଛି । ଏସ୍‌ଆଇ ପରୀକ୍ଷା ଦୁର୍ନୀତିରେ ସମ୍ପୃକ୍ତି ଥିବା ସିଲିକନ ସଂସ୍ଥାକୁ ସେମାନଙ୍କ ଅଭିଯୋଗ ପୋର୍ଟାଲ ଦାୟିତ୍ୱ ଦିଆଯାଇଛି । ସିଲିକନ ସଂସ୍ଥା କଳାତାଲିକାଭୁକ୍ତ ହେବା ପରେ ପୋର୍ଟାଲ ଏବେ ବନ୍ଦ ହୋଇଯାଇଛି । ଏସଏସପି ଅଧ୍ୟାପକମାନେ ମଧ୍ୟ ଆନ୍ଦୋଳନରେ ବସିଛନ୍ତି । ସେମାନଙ୍କ ଦାବି ସରକାରୀ ମାନ୍ୟତା ଦିଆଯାଉ । ସରକାର କାହିଁକି ଦାବିପୂରଣ ଦିଗରେ ପଦକ୍ଷେପ ନେଉନାହାନ୍ତି । ଏମାନେ ସମସ୍ତେ ଆମ ପାଇଁ ଅମୂଲ୍ୟ ରତ୍ନ ବୋଲି ବିଜେଡ଼ି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି। ଶୂନ୍ୟକାଳରେ ଆଜି ଉଠିଥିଲା ମାଲକାନଗିରିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ଓ ଘର ଜାଳିବା ପ୍ରସଙ୍ଗ । ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ, ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି । ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ । ଆଜି ଖବରକାଗଜରେ ବାହାରିଛି, କିନ୍ତୁ ଘଟଣା ଦୁଇ ଦିନ ତଳର। ଗୃହ ବିଭାଗ ଓ ଗୁଇନ୍ଦା ବିଭାଗ ଶୋଇଥିଲେ କି ? ୫୦ ଘର ପୋଡ଼ିଲା, ଦୁଇ ଗୋଷ୍ଠୀ ଭିତରେ ବିବାଦ ହେଲା। ହେଲେ ପୋଲିସ କେମିତି ଜାଣିପାରିଲା ନାହିଁ । ମାଲକାନାଗିରି ଆଇନ ଶୃଙ୍ଖଳା କ୍ଷେତ୍ରରେ ସମ୍ବେଦନଶୀଳ ଜିଲ୍ଲା । ସେଠାରେ ଏଭଳି ଘଟଣା ଘଟିବା ଦର୍ଶାଉଛି ଯେ, ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସରକାର ବିଫଳ । ତତକ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ।

## ଜେଲ ଗଲା ଦଲାଲ ବିରଞ୍ଚି

ଭୁବନେଶ୍ୱର,୮।୧୨: ସରିଲା ରିମାଣ୍ଡ । ଜେଲ ଗଲା ଦଲାଲ ବିରଞ୍ଚି ନାୟକ । ଏସଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟର ମାଇଣ୍ଡ ବିରଞ୍ଚିକୁ ୪ ଦିନିଆ ରିମାଣ୍ଡରେ ନେଇଥିଲା ସିବିଆଇ। ରିମାଣ୍ଡ ସରିବା ପରେ ସୋମବାର କୋର୍ଟ ଚାଲାଣ କରିଛି । ଜାମିନ ଖାରଜ ହେବାରୁ ଝାରପଡ଼ା ଜେଲକୁ ବିରଞ୍ଚିକୁ ପଠାଯାଇଛି। ବିରଞ୍ଚିକୁ ପଚରାଉଚରା ପରେ ସିବିଆଇ ହାତରେ ବଡ଼ ସୁରାଗ ଲାଗିଛି । ଆଶାୟୀଙ୍କୁ ଟ୍ରେନିଂ ହେବାକୁ ଦିଘା ମୋଡ୍ୟୁଲ ପାଇଁ ବିହାରରୁ ଆସିଥିଲା ନୀତିଶ କୁମାର । ନୀତିଶର ଗୁମର ଖୋଲିଛି ଦଲାଲ ବିରଞ୍ଚି ନାୟକ।

### ଆଖି ବୁଜିଲେ ଗୁରୁତର ଛାତ୍ରୀ

#### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୮।୧୨(ନିପ୍ର): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରଠାରେ ଯୁକ୍ତ ୩ର ଜଣେ କଲେଜ ଛାତ୍ରୀ ଶ୍ରୁତି ଟପ୍ପୋ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମରେ ଗୁରୁତର ହୋଇ ଆଇଜିଏଚରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି । ଏକ ଦୁଃଖଦ ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ୯୧ ପ୍ରତିଶତ ଅଭିଯୋଗର ହୋଇଛି ସମାଧାନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୮।୧୨(ନିପ୍ର): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିବା ଅଭିଯୋଗର ୯୧ ପ୍ରତିଶତ ସମାଧାନ ହୋଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସ୍ଥାନରେ ଉତ୍ତର ରଖି ତଥ୍ୟ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଇନ ମନ୍ତ୍ରୀ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୩,୩୫୮ଟି ଅଭିଯୋଗ ଆସିଛି । ଯେଉଁଥିରୁ ୧୨, ୪୩୨ ଅଭିଯୋଗର ସମାଧାନ ହୋଇ ସାରିଛି । ଜିଲ୍ଲା, ଉପଖଣ୍ଡ ଓ ତହସିଲ ସ୍ତରରେ ବି ପ୍ରତି ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲୁଛି । ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ନିର୍ଦ୍ଦେଶାଳୟ ସହ ଅନଲାଇନ ପୋର୍ଟାଲ ମାଧ୍ୟମରେ ବି ଅଭିଯୋଗ ରେଜିଷ୍ଟ୍ରେସନ କରାଯାଉଛି । ପୂର୍ବରୁ ୨୦୦୮ରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିଥିଲେ ବି ପୂର୍ବ ସରକାର ସମୟରେ ଏହା ହେଉ ନ ଥିଲା କହିଛନ୍ତି ଆଇନମନ୍ତ୍ରୀ । ତେଣୁ ସେଗୁଡିକ ସମାଧାନ ପାଇଁ କଣ ପଦକ୍ଷେପ ନିଆଯାଇଛି ଓ କିଛି ସମୟ ସୀମା ନିର୍ଦ୍ଧାରିତ ଅଛି କି ବୋଲି ପ୍ରଶ୍ନ କରିଥିଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ। ଆଇନ ମନ୍ତ୍ରୀ କହିଛନ୍ତି ୧୪ ଲକ୍ଷ ୪୧ ହଜାର ୮୩୨ ଟି ଅଭିଯୋଗ ଜନଶୁଣାଣି ପୋର୍ଟାଲରେ ରେଜିଷ୍ଟ୍ରେସନ ହୋଇଛି। ଏଥିରୁ ୧୩ ଲକ୍ଷ ୭ ହଜାର ୨୫୩ଟି ଅଭିଯୋଗର ସମାଧାନ ହୋଇଛି। ବାକି ଥିବା ୧ ଲକ୍ଷ ୩୪ ହଜାର ୫୭୯ ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ଜଟିଳ ଅଛି । ଏହାର ସମାଧାନ ପାଇଁ ବିଭିନ୍ନ ଦିଗ ଉପରେ ବିଚାର ଚାଲିଛି ।

# ମାଲକାନଗିରିରେ ଇଣ୍ଟରନେଟ ସେବା ବନ୍ଦ

ମାଲକାନଗିରି, ୮।୧୨(ନିପ୍ର): ଜଣେ ମହିଳାଙ୍କ କଟାମୁଣ୍ଡ ନ ମିଳିବା ନେଇ ଦୁଇ ଗ୍ରାମ ଏମଭି-୨୬ ଓ ରାଖାଲଗୁଡ଼ା ର ଦୁଇଗୋଷ୍ଠୀ ମଧ୍ୟରେ ଉପୁଜିଥିବା ଗଣ୍ଡଗୋଳ ଥମୁନାହିଁ। ଘରପୋଡି ଘଟଣାକୁ ନେଇ ମଙ୍ଗଳବାର ସନ୍ଧ୍ୟା ୬ଟା ଯାଏ ବନ୍ଦ ରହିବ ଇଣ୍ଟରନେଟ। ମାଲକାନଗିରି ଜିଲାପାଳ ଏ ନେଇ ସୂଚନା ଦେଇଛନ୍ତି। ଘଟଣା ସ୍ଥଳକୁ ରବିବାର ରାତିରେ ଡିଆଇଜି ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୋମବାର ଡିଜିପି,ଏଡିଜି ଗସ୍ତ

- ସୋମବାର ସନ୍ଧ୍ୟା ୬ଟାଠାରୁ ମଙ୍ଗଳବାର ସଂଧ୍ୟା ୬ଟା
- ଦୁଇ ଗୋଷ୍ଠୀ ଉତ୍ତେଜନା ଥମୁନି
- ମୁଖ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି
- ବିଏନ୍‌ଏସ ୧୬୩ ଧାରା ଲାଗୁ
- ଶାନ୍ତି ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ
- ଡିଜିପି,ଏଡିଜିଙ୍କ ଗସ୍ତ

ସୋମବାର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏମଭି-୨୬ ଗାଁ ଘଟଣା ସ୍ଥଳରେ ବିଏନଏସ ୧୬୩ ଧାରା ଲାଗୁ କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ୨୪ ଘଣ୍ଟା ଇଣ୍ଟରନେଟ ସେବା ବନ୍ଦ ରହିବ। ସୋମବାର ସନ୍ଧ୍ୟା ୬ଟାରୁ କରିଛନ୍ତି। ଜିଲ୍ଲା ସଦର କୋରକୁଣ୍ଡା ଥାନାସ୍ଥ ଡୁଡାମେଟଲା ଗ୍ରାମ ପୋଟେରୁ ନଦୀରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତ ଦେହ ଗତ ୪ ଦିନ ତଳେ ଉଦ୍ଧାର ହୋଇଥିଲା । ସେହି ଘଟଣାକୁ ନେଇ ରାଖାଲଗୁଡା ଓ ଏମଭି ୨୬ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ହତ୍ୟା କିଏ କରିଛି ତାହା ଅସ୍ପଷ୍ଟ ରହିଛି। ନିଖୋଜ ଥିବା ମୁଣ୍ଡକୁ ତୁରନ୍ତ ଉଦ୍ଧାର କରିବା ସହିତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ରାଖାଲଗୁଡା ଗ୍ରାମବାସୀଙ୍କ ସମେତ ଆଦିବାସୀ ସଂଘ ପୁଲିସ ପ୍ରଶାସନ ନିକଟରେ ଦାବି କରିଥିଲେ। ଦୀର୍ଘ ୪ ଦିନ ହେବ କୌଣସି ସୁଫଳ ନ ମିଳିବାରୁ ଏହାକୁ ନେଇ ରବିବାର ଏମଭି-



୨୬ ଏବଂ ରାଖାଲଗୁଡା ଗ୍ରାମ ଓ ଆଦିବାସୀ ସଂଘ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମଭି-୨୬ ଗ୍ରାମରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ପୁନଃ କିଛି ସମୟ ପାଇଁ ରାଖାଲଗୁଡା ଏବଂ ଏହାର ଆଖପାଖ ଅଞ୍ଚଳର ଏକ ଗୋଷ୍ଠୀ ଜୋର ଜବରଦସ୍ତ ଗ୍ରାମରେ ପଶି ବହୁ ଲୋକଙ୍କ ଘର ନିଆଁ ଲଗାଇ ଦେଇଥିଲେ। ଘଟଣା ସ୍ଥଳରେ ଡିଆଇଜି,ଏସପି, ଜିଲ୍ଲାପାଳ ଓ ଅନ୍ୟାନ ଅଧିକାରୀ ପହଞ୍ଚି ଉଭୟ ଗ୍ରାମବାସୀଙ୍କୁ ବୁଝାଇଥିଲେ । ସୋମବାର ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟରେ ଉଭୟ ଗୋଷ୍ଠୀଙ୍କୁ ଡାକି ଶାନ୍ତି କମିଟି ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୋମବାର ସକାଳେ ଆଦିବାସୀ ସମାଜ ମହାସଂଘର ସଭାପତି ସହିତ ଅନ୍ୟାନ ଆଦିବାସୀ ନେତା ମାନେ ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲ୍ଲା ବଙ୍ଗାଳୀ ସମାଜ ପକ୍ଷରୁ ପ୍ରାୟ ୧୦ହଜାର ଲୋକ ଏମଭି୩ କୃଷ୍ଣ ମନ୍ଦିର ଠାରୁ ୫ କିଲୋମିଟର ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ପ୍ରାୟ ଦୁଇ ଘଣ୍ଟାରୁ ଉର୍ଦ୍ଧ ସମୟ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜ ପଥ ଅବରୋଧ ହୋଇଥିଲା। ଜିଲ୍ଲାପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ପାଇଁ କୁହାଯିବା ପରେ ବଙ୍ଗାଳି ସମାଜ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ଘଟଣା ସ୍ଥଳରେ ପରିସ୍ଥିତି ନିୟନ୍ତ୍ରଣ ଥିଲେ ମଧ୍ୟ ଉଭୟ ଗୋଷ୍ଠୀମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ସନ୍ଧ୍ୟା ୬ଟା ଠାରୁ ୨୪ ଘଣ୍ଟା ପାଇଁ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରି ଦିଆଯାଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରିରହିଛି।

# ବ୍ୟଞ୍ଜନ ବିଭବ

***ଜଗନ୍ନାଥଙ୍କ ନୀତିକାନ୍ତି ଅନୁଯାୟୀ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଏହି ମହାପ୍ରସାଦରେ ଅନ୍ନ, ଖେଚୁଡ଼ି, କାନିକା, ମିଠା ଅନ୍ନ, ଡ଼ାଲି, ଡ଼ାଲମା, ମୁଗଡ଼ାଲି, ବେସର, ଶାଗ, ମହୁର, ମଧୁରୁଚି, ପୋଟଳରସା, ଜହ୍ନି ରାଇ, କଖାରୁ ଫୁଲ ମଞ୍ଜାବେସର, କାବୁଲି ଶୋଲା ମହୁର, କଦଳୀ ଦେଶୀଆଳୁ ରସା ପ୍ରଭୃତି ରହିଛି।***



ଶ୍ରୀମହାପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ କାଠ, କୁଡୁଆ, ପରିବା, ମସଲା, ଡାଲି ଓ ଚାଉଳ ଆଦି ଆସୁଥିବା ବିଭାଗୀୟ ଯାନବାହନ, ବିଭିନ୍ନ ସ୍ଥାନରୁ ବରାଦୀ ମହାପ୍ରସାଦ ପ୍ରସ୍ତୁତି ପାଇଁ ପ୍ରତିଦିନ ପ୍ରାୟ ୧୭୫୦ ସେବକ ଲାଗିପଡ଼ିଥାନ୍ତି। ସୁପକାର ୭୦୦, ନିଯୋଗର ସମସ୍ତ କର୍ମଚାରୀ-୧୦୦, ପାଣିଆ-୧୫୦ ତୁଣିଆ-୧୫୦, ଯୋଗାଣିଆ-୧୫୦, ମହାପ୍ରସାଦ ବୋହିବା ବୋଝିଆ-୩୦୦, କୁଡୁଆ ଓ କାଠ ବୋଝିଆ ୮୦ ଏବଂ ଆନନ୍ଦ ବଜାର କର୍ମଚାରୀ-୧୫୦ ଜଣ ରହିଥାନ୍ତି। ଏହା ସହିତ ବିଶେଷ ଦିନମାନଙ୍କରେ ଅଧିକ ପରୋକ୍ଷ ସେବାୟତ ନିୟୋଜିତ ରହି ରୋଷଘରେ ମହାପ୍ରଭୁଙ୍କ ସେବା କରନ୍ତି। ସୁଆରମାନଙ୍କର ରୋଷଶାଳାରେ ରାନ୍ଧିବାର ଅଧିକାର ରହିଛି। ରୋଷଶାଳା ରାସ୍ତାରେ ମା'ଲକ୍ଷ୍ମୀଙ୍କ ମୂର୍ତ୍ତି ରହିଥିବା ବେଳେ ଦ୍ୱାରରେ ରୋଷ ଗଣେଶଙ୍କ ଆସ୍ଥାନ ରହିଛି। ସୁଆରମାନେ ତାଙ୍କୁ ପୂଜା କରନ୍ତି ଓ ତାଙ୍କୁ ମୁଣ୍ଡିଆମାରି ରୋଷଘରେ ପ୍ରବେଶ କରିଥାନ୍ତି। । ସୁଆର ମହାସୁଆର ନିଯୋଗ ରନ୍ଧାକାର୍ଯ୍ୟ ପୂର୍ବରୁ ପ୍ରଣବମନ୍ତ୍ରରେ ତଣ୍ଡୁଳ (ଅରୁଆ ଚାଉଳ) ପକାଇ ମା'ଲକ୍ଷ୍ମୀଙ୍କ ବିଜେ ସ୍ମରଣ କରି ଚୁଲା କାର୍ଯ୍ୟ ଆରମ୍ଭ କରନ୍ତି। ମହାପ୍ରଭୁଙ୍କ ନିକଟରେ ଏହି ଖାଦ୍ୟ ଭୋଗହେବା ପରେ ମା' ବିମଳାଙ୍କୁ ସମର୍ପଣ



କରାଯାଇ ମହାପ୍ରସାଦରେ ହୋଇଥାଏ। ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ବ୍ୟବସ୍ଥା, ତା'ର ରନ୍ଧନ ଶୈଳୀ, ପୂଜାବିଧି ଓ ମାହାତ୍ମ୍ୟ ଅତ୍ୟନ୍ତ ପ୍ରାଚୀନ ତଥା ସମଗ୍ର ପୃଥିବୀରେ ଅନନ୍ୟ। ପାରମ୍ପରିକ ରୀତିରେ ଏହି ପ୍ରକ୍ରିୟା ଏବେ ବି ପ୍ରଚଳିତ ରହି ଏହି କ୍ଷେତ୍ରର ମାହାତ୍ମ୍ୟକୁ ଉଜ୍ଜୀବିତ କରୁଛି। ଶ୍ରୀମହାପ୍ରସାଦକୁ 'ଅବଢ଼ା' ମଧ କହିଥାନ୍ତି, ଯାହା ବଢ଼ାଯାଏ ନାହିଁ। ଏକାଠି ସାମୂହିକ ଭାବେ ମହାପ୍ରସାଦ ଭୋଜନ କରାଯାଇଥାଏ। ପୃଥିବୀ ପ୍ରସିଦ୍ଧ ପୁରୀର ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ରୋଷଶାଳାରେ ପ୍ରସ୍ତୁତ ଶ୍ରୀମହାପ୍ରସାଦ କୋଟି କୋଟି ଭକ୍ତଜନଙ୍କ ବହୁ ଆକାଂକ୍ଷିତ। ହେଲେ ଏହା ପ୍ରସ୍ତୁତି ହେଉଥିବା ରୋଷଶାଳା କୌଣସି ଆଧୁନିକ ଖାଦ୍ୟ କାରଖାନାଠାରୁ କମ୍ ନୁହେଁ। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ। ଏହା ସହିତ ସ୍ୱତନ୍ତ୍ର ଦିନମାନଙ୍କରେ ଲକ୍ଷାଧିକ ଶ୍ରଦ୍ଧାଳୁ ଅବଢ଼ା ବା ଶ୍ରୀମହାପ୍ରସାଦ ସେବନ କରିଥାନ୍ତି। ବିଶ୍ୱାସ କରାଯାଏ, ଯେତେବେଳେ ମହାଲକ୍ଷ୍ମୀ ରୋଷେଇରେ ସନ୍ତୁଷ୍ଟ ହୋଇ ନଥାନ୍ତି ସେତେବେଳେ ମନ୍ଦିର ପ୍ରାଙ୍ଗଣରେ ରହସ୍ୟଜନକ ଭାବରେ ଏକ 'କୁକୁର'ର ଆବିର୍ଭାବ ଘଟେ, ଯଦିଓ କୌଣସି ପରିସ୍ଥିତିରେ ସେଠାରେ କୁକୁର ନ ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ଏଭଳି ପରିସ୍ଥିତିରେ କୁକୁର ଆବିର୍ଭାବ ମା'ଲକ୍ଷ୍ମୀଙ୍କର ଅସନ୍ତୋଷକୁ ପ୍ରକାଶ କରିଥାଏ। ସେଥିପାଇଁ ପ୍ରସ୍ତୁତ ହୋଇଥିବା ବ୍ୟଞ୍ଜନ ମାଟିରେ ପୋତିଦିଆଯାଇ ପୁନର୍ବାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହି କୁକୁର ମନ୍ଦିର ପରିସରରେ ପୂଜା ପାଉଥିବା ଜଣେ ତାନ୍ତ୍ରିକ ଦେବୀ 'କୁତ୍ତାମ ଚଣ୍ଡୀ' ବୋଲି କହନ୍ତି, ଯିଏ ମହାପ୍ରଭୁଙ୍କ ରୋଷଶାଳରେ ପ୍ରସ୍ତୁତ ବ୍ୟଞ୍ଜନର ସ୍ୱଚ୍ଛତା ନିର୍ଦ୍ଦିଷ୍ଟ କରିବା ଦାୟିତ୍ୱରେ ନିୟୋଜିତ। ଶ୍ରୀମନ୍ଦିର ରୋଷଘରେ ପ୍ରସ୍ତୁତ ଭୋଗ ଚାରି ଭାଗରେ ବିଭକ୍ତ- ଭୀମପାକ, ନଳପାକ, ସୌରୀପାକ, ଗୌରୀପାକ। ଭୀମପାକରେ ପ୍ରସ୍ତୁତ ହୋଇଥାଏ ବଡ଼ତିଅଣ, ଗୁଡ଼ ଖୁଆରା, ପାକଲା ନଡ଼ିଆ ରସ, ପୋଡ଼ପିଠା, ବିରିପିଠା ଓ ଗୁଡ଼ କରଞ୍ଜି। ନଳପାକରେ ସାକର, ତିଅଣ ଲୋପରା, ଆଡ଼ଙ୍ଗ ଏବଂ ବିଭିନ୍ନ ପ୍ରକାରର ପଣା ପ୍ରସ୍ତୁତ ହେଉଥିବା ବେଳେ ସୌରୀପାକରେ ମହୁର, ଦେଶୀ ଆଳୁ ଭଜା, କଦଳୀ ଭଜା, ଅଦା ପାଚେଡ଼ି, ଘିଅ ଏବଂ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତ କରାଯାଏ। ଗୌରୀପାକରେ ପ୍ରସ୍ତୁତ ହୁଏ ମୁଗ ତିଅଣ, ଲେଉଟିଆ ଶାଗ ଏବଂ କୋଶଳା ଶାଗ ପ୍ରଭୃତି। ଜଗନ୍ନାଥଙ୍କ ନୀତିକାନ୍ତି ଅନୁଯାୟୀ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଏହି ମହାପ୍ରସାଦରେ ଅନ୍ନ, ଖେଚୁଡ଼ି, କାନିକା, ମିଠା ଅନ୍ନ, ଡ଼ାଲି, ଡ଼ାଲମା, ମୁଗଡ଼ାଲି, ବେସର, ଶାଗ, ମହୁର, ମଧୁରୁଚି, ପୋଟଳରସା, ଜହ୍ନି ରାଇ, କଖାରୁ ଫୁଲ ମଞ୍ଜାବେସର, କାବୁଲି ଶୋଲା ମହୁର, କଦଳୀ ଦେଶୀଆଳୁ ରସା ପ୍ରଭୃତି ରହିଛି। ମହାପ୍ରଭୁଙ୍କ ପ୍ରିୟ ସେବକ ଭାବେ ସୁଆର ମହାସୁଆର ମହାପ୍ରଭୁଙ୍କ ପାଇଁ ମନଲାଖି ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରିଥାନ୍ତି। ଯେତେ ଖାଇଲେ ବି ମହାପ୍ରସାଦ ପାଇବାକୁ ଯେମିତି ବ୍ୟାକୁଳ ହୋଇଉଠନ୍ତି ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ଭକ୍ତ।



# ତାରା ତାରିଣୀ

## ● *ଶକ୍ତି-ସ୍ୱରୂପିଣୀ ଦେବୀ*

## ପଞ୍ଚ ଦେବତା ଉପାସନାର ଏହା ପ୍ରମୁଖ ପୀଠ



ତାରାତାରିଣୀ ମନ୍ଦିର ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ହିନ୍ଦୁ ଧର୍ମର ଶକ୍ତି-ସ୍ୱରୂପିଣୀ ଦେବୀ, ପୂର୍ବେଶ୍ୱରୀ ମା' ତାରାତାରିଣୀଙ୍କ ଶକ୍ତିପୀଠ । ଆମ ଦେଶରେ ଥିବା ବିଭିନ୍ନ ୫୧ ଶକ୍ତିପୀଠ ମଧ୍ୟରେ ଏହା ଅନ୍ୟତମ ଅଟେ । ଏହି ଶକ୍ତିପୀଠରେ ତାରା ଓ ତାରିଣୀ ରୂପରେ ଦୁଇ ଭଉଣୀ ପୂଜା ପାଉଛନ୍ତି । ମାନସିକ ପୂର୍ଣ କରୁଥିବା ଏହି ପୀଠର ମହିମା ଯୋଗୁଁ ଏହା ବେଶ ପ୍ରସିଦ୍ଧି ଲାଭ କରିଛି । ଭାରତରେ ଥିବା ସବୁ ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରେ ମା'ତାରାତାରିଣୀଙ୍କ ପୀଠର ସ୍ୱାତନ୍ତ୍ର୍ୟତା ରହିଛି । ଏହା ସ୍ତନ ପୀଠ ହୋଇଥିବାରୁ ଦେଶର ୪ ଆଦିଶକ୍ତି ପୀଠ ଓ ତନ୍ତ୍ର ପୀଠ ମଧ୍ୟରୁ ଅନ୍ୟତମ। ଏହି ପୀଠ ଶାବରୀ, ବୈଦିକ, ବୌଦ୍ଧ, ବୈଷ୍ଣବୀ, ପରମ ତନ୍ତ୍ର ଓ ଶକ୍ତିପୀଠ ଭାବରେ ପ୍ରସିଦ୍ଧି ଲାଭ କରିଛି । ପ୍ରାଚୀନ କଳିଙ୍ଗ ରାଜ୍ୟର ମା' ଇଷ୍ଟଦେବୀ। ନୌବାଣିଜ୍ୟ ପରମ୍ପରା ଓ ସାଧବ ମାନଙ୍କ ମା' ତାରାତାରିଣୀ ଇଷ୍ଟଦେବୀ। ପୀଠ ନିକଟରେ ଥିବା ବିଶ୍ୱର ପ୍ରାଚୀନ ଓ ସୁବିଶାଳ ବନ୍ଦରରୁ ତେଣୁ ଅନୁଷ୍ଠାନ ଓ ପୂଜାର୍ଚ୍ଚନା ସହ ଆରମ୍ଭ ହେଉଥିଲା ବିଦେଶକୁ ବାଣିଜ୍ୟ ଯାତ୍ରା। ୯୯୯ ପାହାଚ ନୌବାଣିଜ୍ୟ ପରମ୍ପରାର ପ୍ରତୀକ । ଜାଭା-ସୁମାତ୍ରାରୁ ଫେରୁଥିବା ଚେଟି ରାମେୟା ନାମକ ସାଧବର ସମୁଦ୍ର ମଧ୍ୟରେ ଜୀବନ ବଂଚାଇ ଥିବାରୁ ମା'ଙ୍କ ପାଇଁ ସେ ନିର୍ମାଣ କରିଥିଲା ଏହି ୯୯୯ ପଥର ପାହାଚ। ବୌଦ୍ଧ ଧର୍ମର ଦେବୀ 'ତାରା'ଙ୍କ ଏହା ଉତ୍ପତ୍ତି ସ୍ଥାନ। ମା'







ତାରାତାରିଣୀ ପୀଠରେ ଏକ ବୁଦ୍ଧ ମୂର୍ତ୍ତି ପୂଜା ପାଉ ଥିବାବେଳେ ମା' ତାରାତାରିଣୀଙ୍କ ମନ୍ତ୍ର, ତନ୍ତ୍ର ଓ ପୂଜା ପଦ୍ଧତି ସାମାନ୍ୟ ପରିବର୍ତ୍ତନ ସହ 'ବୌଦ୍ଧ ତାରା'ଙ୍କ ଅର୍ଚ୍ଚନା ପାଇଁ ବ୍ୟବହାର ହେଉଛି। ମାଆଙ୍କର ପୂଜାର୍ଚ୍ଚନା ପ୍ରତ୍ୟୁଷରୁ ଆରମ୍ଭ ହୋଇଥାଏ । ପ୍ରଥମେ କାଳରାତ୍ରିକୁ ବନ୍ଦନା କରି, ଅଗଣାକୁ ଶୋଧ କରାଯାଇ ଦ୍ୱାରପାଳ ଗଙ୍ଗାଯମୁନାଙ୍କୁ ସ୍ନାନ କରାଯାଏ ଓ ସୂର୍ଯ୍ୟପୂଜା ଆରମ୍ଭ ହୁଏ । ତା'ପରେ ଦେଉଳଶୋଧ, ପାର୍ଶ୍ୱଦେବତାଙ୍କୁ ସ୍ନାନ କରାଯାଇ ମାଆଙ୍କର ନିଦ୍ରାଭଙ୍ଗ କରିବା ପାଇଁ ଘଣ୍ଟଶବ୍ଦ କରିବାର ବିଧି ରହିଛି । ପୂଜକ ପହଡ଼ ତ୍ୟାଗ କରିବାର ନିବେଦନ କରିଥାନ୍ତି । ମନ୍ଦିରର ଦ୍ୱାର ଖୋଲାଯାଇ ମାଆଙ୍କ ନିତ୍ୟକର୍ମ ସମାପନ କରାଯାଏ । ମୁଖ ପ୍ରକ୍ଷାଳନ, କାଠଲାଗି ପରେ ଚୁଆ, କର୍ପୂର, ସିନ୍ଦୂର, କସ୍ତୁରୀ, ଗୋରଚନା, ଜାଇଫଳ ପ୍ରଭୃତିଦ୍ୱାରା ମାଆଙ୍କୁ ସ୍ନାନମାର୍ଜନା କରି ବେଶ କରାଯାଏ । ବାଳଧୂପ ଲାଗି ହୁଏ । ଏହା ସହ ପ୍ରାତ୍ୟହିକ ପଞ୍ଚ ଦେବତାଙ୍କର ପୂଜା ହୁଏ । ମାଆଙ୍କ ନିକଟରେ ବାଳଧୂପ ଲାଗି ସହ ଧୂପ ରୂପେ ଖେଚୁଡ଼ି ଓ ଡାଲମା ଲାଗି କରାଯାଏ । ମଙ୍ଗଳ ଆଳତି ଓ ପୁଷ୍ପାଞ୍ଜଳି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିରର ଦ୍ୱାର ଖୋଲାଯାଏ । ପରମ୍ପରା ଅନୁସାରେ ମଧ୍ୟାହ୍ନ ୧୨ଟା ୧୫ ମିନିଟ୍‌ରେ ମାଆଙ୍କୁ ମଧ୍ୟାହ୍ନ ଧୂପର ନୈବେଦ୍ୟ ସମର୍ପଣ କରାଯାଏ। ପୁନର୍ବାର ଦେଉଳ ଶୋଧ କରି ଶଙ୍ଖୁଡ଼ି ଭୋଗ ଯଥା- ଅନ୍ନ, ଡାଲି, ଖଟା, ଭଜା ପ୍ରଭୃତି ଲାଗି କରାଯାଏ । ନୀରାଜନା ପୁଷ୍ପାଞ୍ଜଳି ପରେ ମାଆଙ୍କର ପୁନରାୟ ପହୁଡ଼ ପଡେ। ମଧ୍ୟାହ୍ନ ଧୂପର ପ୍ରସାଦ ସାଧୁ, ସନ୍ଥ, ଅତିଥି ଓ ପୂଜକ ସମସ୍ତେ ଏକତ୍ର ଭୋଜନ କରନ୍ତି। ଏହା ମହାନ୍ ପ୍ରଥା ପ୍ରାୟତଃ ବିରଳ ।

### ପୂଜାବିଧି:-

ଅପରାହ୍ଣ ଦୁଇଟା ବେଳକୁ ମାଆ ପହୁଡ଼ ତ୍ୟାଗ କରିବା ପାଇଁ ପୂଜକ ନିବେଦନ କରିବା ସହ ମାଆଙ୍କର ମୁଖ ଧୌତ କରାଯାଇ ବେଶ କରାଯାଏ । ପାଦ ଅର୍ଘ୍ୟ, ଧୂପ, ଦୀପର ନୈବେଦ୍ୟ ଅର୍ପଣ ପରେ ଜନସାଧାରଣଙ୍କୁ ଦର୍ଶନ ପାଇଁ ସୁଯୋଗ ଦିଆଯାଏ । ପାଞ୍ଚଟା ପନ୍ଦର ମିନିଟ୍‌ରେ ସନ୍ଧ୍ୟାଆଳତି ଆରମ୍ଭ ହୁଏ । ମନ୍ଦିର ଶୁଦ୍ଧ କରାଯାଇ ବାଳଭୋଗ ସହିତ ଆଳତି କରାଯାଇଥାଏ । ଭକ୍ତଙ୍କ ଦର୍ଶନ ନିମନ୍ତେ ରାତି ସାଢ଼େ ଆଠଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହେ । ଏହାପରେ ରାତ୍ରିଧୂପ ଲାଗି ହୁଏ । ରାତି ଧୂପରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଏ । ରାତ୍ରି ଆଳତି ପରେ ମାଆ ପହୁଡ଼ ବିଜେ କରିଥାନ୍ତି । ପହୁଡ଼ ବିଜେ ପାଇଁ ପୂଜକ ମାଆଙ୍କୁ ପଲଙ୍କରେ ବିଜେ ହେବାକୁ ନିବେଦନ କରିଥାନ୍ତି । ସ୍ତୁତିପାଠ କରି ଆଳଟ କରିବାର ପ୍ରଥା ରହିଛି । ପହୁଡ଼ ପରେ ମନ୍ଦିର ବନ୍ଦ କରାଯାଏ ।

### ବଳିପ୍ରଥା:-

ପଞ୍ଚ 'ମ' କାର ପୂଜା ଓ ତନ୍ତ୍ରର ବିଶେଷ ପ୍ରଭାବ ଯୋଗୁଁ ମା'ତାରା ତାରିଣୀ ପୀଠରେ ଅତି ପ୍ରାଚୀନ କାଳରୁ ବଳିପ୍ରଥା ପ୍ରଚଳନ ଥିବାର ସୂଚନା ମିଳେ। ମଧ୍ୟଯୁଗରେ ଶହ ଶହ ବର୍ଷ ଧରି ବଳିପ୍ରଥା ପ୍ରଚଳନ ଥିବାର ଜଣାଯାଏ। ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଅନୁସାୟୀ ବିଂଶ ଶତାବ୍ଦୀର ଆରମ୍ଭରେ ବର୍ଷସାରା ମଙ୍ଗଳବାର ଓ ସଂକ୍ରାନ୍ତି ତିଥିରେ ମା'ଙ୍କଠାରେ ବହୁଳ ସଂଖ୍ୟାରେ ଛାଗ ବଳି ଦିଆଯାଉଥିଲା। ମୁଖ୍ୟତଃ ଚୈତ୍ର ମାସର ୪ଗୋଟି ମଙ୍ଗଳବାରରେ ୧୦ହଜାରରୁ ଅଧିକ ଛେଳି ଓ ବୋଦା ବଳି ଦିଆଯାଉଥିଲା । ପାହାଡ ଉପରେ ବହୁ ସଂଖ୍ୟକ ବଳି ଦିଆଯାଉ ଥିବା ଯୋଗୁଁ ଏହା ଉପରକୁ ଯିବାକୁ ଥିବା ୯୯୯ ପାହାଚ ରାସ୍ତାଟି ରକ୍ତର ସୁଅରେ ଲାଲ ହୋଇ ଯାଉଥିଲା। ମହାତ୍ମା ଗାନ୍ଧୀଙ୍କ ବିରୋଧ ପରେ ବ୍ରିଟିଶ ସରକାର ଏହି ପ୍ରଥାକୁ ବନ୍ଦ କରି ଦେଇଥିଲେ। ଏବେ ମା'ଙ୍କୁ ଆମିଷ ନୈବେଦ୍ୟ ଦିଆଯାଉଛି। ତମ୍ବାପାତ୍ରରେ ପଇଡ଼ ପାଣିକୁ ମଦ୍ୟ ରୂପରେ ମା'ଙ୍କୁ ଅର୍ପଣ କରାଯାଉଛି।

### ମଣ୍ଡନ ମାନସିକ:-

ନିଃସନ୍ତାନ ଥିବା ବ୍ୟକ୍ତି ସନ୍ତାନ ଆଶା କରି ଓ ରୋଗଗ୍ରସ୍ତ ଶିଶୁର ଆରୋଗ୍ୟ ଲାଭ ପାଇଁ ବାପାମାଆମାନେ ସନ୍ତାନର ପ୍ରଥମ କେଶ ମା'ଙ୍କ ପୀଠରେ ମଣ୍ଡନ କରିବା ପାଇଁ ମାନସିକ କରନ୍ତି, ମାନସିକ ପୂରଣ ହେବାପରେ ଏଠାରେ ବିଶେଷତଃ ଚୈତ୍ର ମଙ୍ଗଳବାରରେ ଏଥିପାଇଁ ପ୍ରବଳ ଭିଡ଼ ହୋଇଥାଏ ।

## ଦେଶର ୪ ଆଦିଶକ୍ତି ପୀଠ ଓ ତନ୍ତ୍ର ପୀଠ ମଧ୍ୟରୁ ଏହା ଅନ୍ୟତମ

# ଈଶ୍ୱରଙ୍କ ଅନୁଭବ



ଈଶ୍ୱରଙ୍କୁ ଉପାସନା କରିବାର ଭିନ୍ନ ଭିନ୍ନ ବିଧି ମଧ୍ୟରୁ ଗୋଟିଏ ହେଉଛି ଦେବାଳୟ ପରିକ୍ରମା କରିବା । ମନ୍ଦିର, ଦେବାଳୟ, ଭଗବାନଙ୍କ ମୂର୍ତ୍ତି କିମ୍ବା ପୂଜା ସାମଗ୍ରୀ ଚାରିପାଖେ ପରିକ୍ରମା ବା ପ୍ରଦକ୍ଷିଣ କରିବାର ବିଧି ଅବଲମ୍ବନ କରାଯାଇଥାଏ । ଋକ୍‌ବେଦରେ ପ୍ରଦକ୍ଷିଣ ଶବ୍ଦକୁ ଦୁଇ ଭାଗରେ (ପ୍ରା + ଦକ୍ଷିଣ) ବିଭାଜିତ କରାଯାଇଛି । ଏହି ଶବ୍ଦରେ ଥିବା 'ପ୍ରା'ର ଅର୍ଥ ହେଉଛି ଆଗକୁ ବଢ଼ିବା ଏବଂ 'ଦକ୍ଷିଣ'ର ଅର୍ଥ ହେଉଛି ୪ ଦିଗ ମଧ୍ୟରୁ ଗୋଟିଏ ଦକ୍ଷିଣ ଦିଗ । ପରିକ୍ରମାର ଅର୍ଥ ହେଉଛି ଦକ୍ଷିଣ ଦିଗ ଆଡ଼କୁ ଆଗକୁ ବଢ଼ି ଦେବୀ-ଦେବତାଙ୍କ ପୂଜା କରିବା । ପରିକ୍ରମା ସମୟରେ ଭଗବାନ ଆମର ଡାହାଣ ପାର୍ଶ୍ୱସ୍ଥ ଗର୍ଭଗୃହରେ ଉପସ୍ଥିତ ଥାଆନ୍ତି । ଦକ୍ଷିଣ ଦିଗ ଆଡ଼କୁ ଘଣ୍ଟା କଣ୍ଟା ଭଳି ପ୍ରଦକ୍ଷିଣ କରିବା ଦ୍ୱାରା ଭଗବାନଙ୍କ ପ୍ରତିମୂର୍ତ୍ତି ଓ ପ୍ରଦକ୍ଷିଣ କରୁଥିବା ଭକ୍ତ ମଧ୍ୟରେ ଏକସମାନ ଦୂରତା ବଜାୟ ରହିଥାଏ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମାନ୍ତରାଳ ଦୂରତା ରହୁଥିବା ଯୋଗୁଁ ଈଶ୍ୱର ଆଖପାଖରେ ରହିଥିବାର ଅନୁଭବ ହୋଇଥାଏ । ପୁରାଣରେ ଭଗବାନଙ୍କ ପରିକ୍ରମା କରିବାର ମହତ୍ତ୍ୱ ବିଷୟରେ ବର୍ଣ୍ଣନା ରହିଛି । ଥରେ ଭଗବାନ କାର୍ତ୍ତିକେୟ ଓ ଶ୍ରୀଗଣେଶଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱକୁ ନେଇ ପ୍ରତିଯୋଗିତା ହେଲା । ଯିଏ ପ୍ରଥମେ ବ୍ରହ୍ମାଣ୍ଡ ପରିକ୍ରମା କରିବ ସେ ହିଁ ଶ୍ରେଷ୍ଠ ବିବେଚିତ ହେବ ବୋଲି କୁହାଗଲା । କାର୍ତ୍ତିକେୟ ନିଜ ମୟୂର ବାହନରେ ବ୍ରହ୍ମାଣ୍ଡ ପରିକ୍ରମା କରିବାକୁ ବାହାରିଗଲେ । ଭଗବାନ ଗଣେଶଙ୍କ ବୁଦ୍ଧି ଥିଲ ପ୍ରଖର । ସେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଚାରିପାଖେ ବୁଲି ଆସିଲେ । କାର୍ତ୍ତିକେୟ ବ୍ରହ୍ମାଣ୍ଡ ପରିକ୍ରମା କରି ଫେରିବା ପରେ ଗଣେଶଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଏହାର ଅର୍ଥ ବୁଝାଇବାକୁ ଯାଇ ଶ୍ରୀଗଣେଶ କହିଥିଲେ, ମାତାପିତା ମୋ ପାଇଁ ସଂସାର ଠାରୁ ବଳି । ଏଣୁ ଜ୍ଞାନ ଅର୍ଜନ ନିମନ୍ତେ ମାତା-ପିତାଙ୍କୁ ଛାଡ଼ି ବ୍ରହ୍ମାଣ୍ଡ ପରିକ୍ରମା କରିବାର କୌଣସି ଆବଶ୍ୟକତା ନାହିଁ । ଈଶ୍ୱରଙ୍କ ବ୍ୟତୀତ ଗୁରୁଜନ, ଅଗ୍ନି, ବୃକ୍ଷଲତାର ପରିକ୍ରମା ଦ୍ୱାରା ମନୁଷ୍ୟ ପୁଣ୍ୟ ଲାଭ କରିଥାଏ ବୋଲି ସନାତନ ଧର୍ମରେ ବର୍ଣ୍ଣିତ ରହିଛି । ବିବାହ ସମୟରେ ଅଗ୍ନି ପରିକ୍ରମା, ପୂଜା କାଳରେ ଅଶ୍ୱତ୍ଥ ବୃକ୍ଷର ପରିକ୍ରମା କରାଯାଇଥାଏ । ତେବେ ପରିକ୍ରମା କରିବା ସମୟରେ ଧୈର୍ଯ୍ୟ ରଖିବା ଜରୁରୀ ।





# ଗୀତାଜ୍ଞାନ

ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ୍ କୌରବଙ୍କ ବିରୋଧରେ ଅସ୍ତ୍ର ଉଠାଇବାକୁ ରାଜି ନ ଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ । କୁରୁକ୍ଷେତ୍ରରେ ଚାରିଆଡ଼େ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ । କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମିରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ଏହି ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ । ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କେତେକ ଏହାକୁ ଶୁଣିପାରିଥିଲେ । ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ । ସେମାନେ କିଏ କିଏ ଥିଲେ ? ଜାଣିବା। ସବୁଠୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତାଙ୍କୁ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ ଶୁଣିପାରିଥିଲେ ଗୀତା ଜ୍ଞାନ । ତୃତୀୟ ତଥା ଶେଷରେ ଗୀତାଜ୍ଞାନ ଶୁଣିଥିଲେ ଘଟୋତ୍କଚଙ୍କ ପୁଅ ଅର୍ଥାତ୍ ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।



"ସର୍ବଧର୍ମାନ ପରିତ୍ୟଜ
ମାକେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ
ମୋକ୍ଷୟିଷ୍ୟାମି ମା ଶୁଚଃ
ଯତ୍ର ଯୋଗେଶ୍ୱରଃ କୃଷ୍ଣୋ
ଯତ୍ର ପାର୍ଥୋ ଧନୁର୍ଧରଃ
ତତ୍ର ଶୀର୍ବିଜୟୋ ଭୂତିର୍ଧ୍ରୁବା
ନୀତିର୍ମତିର୍ମମ ।''

## ଦ୍ୱାରିକା ମହାରଣା 'ବୌଦ୍ଧ ଚକ୍ର ପ୍ରଜ୍ଞା ପାରିଜାତ ସମ୍ମାନ'ରେ ସମ୍ବର୍ଦ୍ଧିତ

ରମ୍ଭା,(ନିପ୍ର): ନୀଳଚକ୍ର ସାହିତ୍ୟ ସଂସଦ, ବୌଦ୍ଧଚକ୍ର ଓ ଭାବ ସମ୍ରାଟ ପକ୍ଷରୁ ବୌଦ୍ଧ ସ୍ଥିତ ପାରିଜାତ ପାଲେସ୍ ଠାରେ ଆୟୋଜିତ ସପ୍ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ-୨୦୨୫ ଅବସରରେ 'ବୌଦ୍ଧଚକ୍ର ପ୍ରଜ୍ଞା ପାରିଜାତ ସମ୍ମାନ'ରେ ସମ୍ବର୍ଦ୍ଧିତ କରୁଛନ୍ତି ବିଶିଷ୍ଟ



ସାହିତ୍ୟ ସମାଲୋଚକ, ପ୍ରାବନ୍ଧିକ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ । ସମ୍ବର୍ଦ୍ଧିତ ଉତ୍ସବ ସ୍ଥଳରେ ଉପସ୍ଥିତ ଅଛନ୍ତି ନୀଳଚକ୍ରର ପ୍ରତିଷ୍ଠାତା ସ୍ୱନାମଧନ୍ୟ ପ୍ରାବନ୍ଧିକ ସାହିତ୍ୟ ଆଲୋଚକ ଇଞ୍ଜିନିୟର ଡକ୍ଟର ସଂଜୟ କୁମାର ପଣ୍ଡା, 'ଗୋକର୍ଣ୍ଣିକା'ର ସମ୍ପାଦକ ଡକ୍ଟର ରମାକାନ୍ତ ଜେନା, ସାହିତ୍ୟିକ ଡକ୍ଟର ଲକ୍ଷ୍ମୀନାରାୟଣ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବରେଣ୍ୟ ବ୍ୟକ୍ତି ସବିଶେଷ। ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ସାଧୁବାଦ ପ୍ରଣାମ ଜଣାଉଛି।

## ପିଚୁ ହାଇୱା ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଆସିକା,(ନିପ୍ର): ଆସିକା ଥାନା କଇଁଫୁଲିଆ ଛକ ଠାରେ ସ୍କୁଟିକୁ ଧକ୍କା ଦେଲା ପିଚୁ ବୋଝେଇ ହାଇୱା । ହାଇୱା ଧକ୍କାରେ ଜଣକଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ମକୁନ୍ଦପୁର ଗ୍ରାମର ଶିବ ବିଶ୍ୱାଳ (୨୨ ବର୍ଷ) । ସୂଚନା ଅନୁସାରେ ନିଜ ଓଡି ୦୭ ଏବି ୩୧୩୪ସ୍କୁଟି ମାଧ୍ୟମରେ ନିଜ ଗାଁରୁ କଲେଜ ଛକ ଯିବା ସମୟରେ ନୂଆଗାଁରୁ ଆସିକା ଅଭିମୁଖେ ଯାଉଥିବା ଓଡି ୩୨ଜି ୯୨୯୧ ଏକ ପିଚୁ ବୋଝେଇ ହାଇୱା କଇଁଫୁଲିଆ ଛକ ନିକଟରେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଯୁବକ ଜଣକ ଗୁରୁତର ହୋଇଥିଲେ । ଗୁରୁତର ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅଟୋ ସାହାଯ୍ୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଯୁବକ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନାନ୍ତର ସମୟରେ ହିଞ୍ଜିଳିକାଟୁ ନିକଟରେ ଯୁବକଙ୍କର ମୃତ୍ୟୁ ଘଟିଛି । ଅପରପକ୍ଷରେ ଘଟଣାସ୍ଥଳରେ ଆସିକା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

କୃଷ୍ଣପ୍ରସାଦ,(ନି ପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡା ସ୍ଥିତ ନାରାୟଣ ବିଦ୍ୟାପୀଠ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଓ ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ପରାମର୍ଶ ଓ ଔଷଧ ମାଗଣାରେ ବିତରଣ କରିଥିଲେ । ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଚେଷ୍ଟା କ୍ରମେ ଆୟୋଜିତ ସ୍ୱାସ୍ଥ୍ୟ ସେବା ଶିବିରରେ ଭୁବନେଶ୍ୱର ସ୍ଥିତ ସମ ଅଲଟିମେଟ ହସପିଟାଲର ଡା ଶରତ କୁମାର ସାହୁ, ପ୍ରଫେସର ଆୟାସକାନ୍ତ ସିଂହ, ପ୍ରଫେସର ବୁଧେଶ୍ୱର ମାଝୀ, ଡା ଚିନ୍ମୟୀ କର, ଡା ଶିବ ପ୍ରସାଦ ସାହୁ, ଡା ରାଜୀବ ପରିଡ଼ା, ଡା ସତ୍ୟବ୍ରତ ବରାହ, ଡା ନଚିକେତା ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାଯାଇଛି । ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା,ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ,ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ଯୁବନେତା ପ୍ରଦୀପ କୁମାର ଜେନା ସମେତ ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ମାନେ ସ୍ୱାସ୍ଥ୍ୟ ସେବା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ଶିକ୍ଷକଙ୍କ ଧର୍ମଘଟ; ୩୨୦ ଛାତ୍ରଛାତ୍ରୀ ବିନା ପାଠରେ ଫେରିଲେ

ନିମାପଡ଼ା, (ନି.ପ୍ର.): ଏହି ବ୍ଲକ୍‌ରେ ଥିବା ଏକମାତ୍ର ଆଦର୍ଶ ବିଦ୍ୟାଳୟରେ ଶିକ୍ଷକମାନଙ୍କ ଆନ୍ଦୋଳନ ସୋମବାର ଠାରୁ ଆରମ୍ଭ ହୋଇଛି। ବିଦ୍ୟାଳୟରେ ଥିବା ୧୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଅଧ୍ୟକ୍ଷ ବାପି ମାଝି ବିଦ୍ୟାଳୟରେ ଉପସ୍ଥିତ ଥିବା ବେଳେ ବାକି ୧୨ ଜଣ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ୧୨ ଦଫା ଦାବି ପୂରଣ ଦାବିରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ଆହ୍ୱାନରେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ସମସ୍ତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ଏକକ କ୍ୟାଡ଼ର ନିୟମ, ସମାନ କାମକୁ ସମାନ ଦରମା ନୀତିରେ ସଂଗୀତ, କ୍ରୀଡ଼ା ଏବଂ କମ୍ପ୍ୟୁଟର ଶିକ୍ଷକ ମାନଙ୍କ ପାଇଁ ୪୬୦୦ ଗ୍ରେଡ଼ ପେ', ପ୍ରତ୍ୟେକ ବିଦ୍ୟାଳୟରେ ପିଜିଟି ପଦବୀ ସୃଷ୍ଟି, କଳା ବିଭାଗ ଖୋଲିବା, ଅଧ୍ୟକ୍ଷଙ୍କ ଗ୍ରେଡ଼ ପେ' ଅସଙ୍ଗତ ଦୂରୀକରଣ ସହ ଉପାଧ୍ୟକ୍ଷଙ୍କ ପଦୋନ୍ନତି କାର୍ଯ୍ୟକଳାପକୁ ଅଧ୍ୟକ୍ଷଙ୍କ ନିଯୁକ୍ତି ନିୟମ ସହ ସମାନ କରିବା, ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ବିଦ୍ୟାଳୟ କର୍ମଚାରୀ ପିଲାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା,ପାଇଁ ନିଟ୍/ ଜେଇଇ/ ଏନଏମଏମଏସ୍ ସମ୍ବନ୍ଧୀୟ ସୁବିଧା ପୁନଃ ପ୍ରଚଳନ, ପୂର୍ବ ଚାକିରୀ କାଳ ଓ ଦରମା ସୁରକ୍ଷା, ଆଦର୍ଶ ବିଦ୍ୟାଳୟକୁ ପିଏମଶ୍ରୀ ମାନ୍ୟତା ପ୍ରଦାନ ଆଦି ଦାବି ଗୁଡ଼ିକ ମଧ୍ୟରୁ ଅନ୍ୟତମ।

# ପିଏମ୍ ଜନମନ ରାସ୍ତା, ନିମ୍ନମାନର କାମ ନେଇ ଅଭିଯୋଗ

ରାୟଗଡା,(ନିପ୍ର): ସପ୍ତାହ ହେଲା ରାସ୍ତା କାମ ସରିଛି। ହେଲେ ହାତ ଲଗେଇଲେ ଉଠିଯାଉଛି ପିଚୁ ଆଉ ଗୋଡି। କେନ୍ଦ୍ର ସରକାର ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମମାନଙ୍କୁ ମୁଖ୍ୟ ରାସ୍ତା ସହ ସଂଯୋଗକରି ଗମନାଗମନର ସୁବିଧା ଉପଲବ୍ କରାଇବା ପାଇଁ ପି. ଏମ ଜନମନ ଯୋଜନାରେ ସାମିଲ କରାଯାଇଛି। ରାସ୍ତା ନିର୍ମାଣ କାମ ଚାଲିଛି, ହେଲେ ଏଭଳି ଅବସ୍ଥା ସାମ୍ନାକୁ ଆସିଛି ନିମ୍ନମାନର କାମକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ଆଉ ଅସନ୍ତୋଷ ବଢିବାରେ ଲାଗିଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସୁନାଖଣ୍ଡି ପଞ୍ଚାୟତ ବାମନାଗୁଡା ଓ ମୂସୁଡ଼ି ପି. ଏମ ଜନମନ ରାସ୍ତା ନିର୍ମାଣ ହେବାର ମାତ୍ର ଆଠ ଦିନ ଯାଇନି ପିଚୁ ବାହାରି ପଡ଼ିଥିବା ନଜରକୁ ଆସିବାପରେ ଗ୍ରାମବାସୀ ଅଭିଯୋଗ କରିବା ସହ ବିଭାଗୀୟ ଅଧିକାରୀ ଓ ଠିକାଦାର ମଧ୍ୟରେ ରହିଥିବା ମଧୁଚନ୍ଦ୍ରିକା ପଦରେ ପଡିଯାଇଥିବା ଚର୍ଚ୍ଚା ଖୁବ୍ ଚାଲିଛି। ବିଗତ ଦିନରେ ତଳ ମୂସୁଡ଼ି ଏବଂ ଉପର ମୂସୁଡ଼ି ଗ୍ରାମକୁ ରାସ୍ତା ନ ଥିବାରୁ ସବୁ ମୌଳିକ ଯୋଜନାରୁ ବଞ୍ଚିତ ହୋଇ ରହିଥିଲେ। ହେଲେ ତତ୍କାଳୀନ ଜିଲ୍ଲାପାଳ ଗୁହାପୁନମ ତାପସ କୁମାର ଓ ତଦସିଲଦାର ଗୌରଚନ୍ଦ୍ର ପଟନାୟକ ଏବଂ ବିଡ଼ିଓ ପ୍ରଦୀପ ନାୟକ ଉକ୍ତ ଗ୍ରାମର ଲୋକଙ୍କୁ ପାହାଡ଼ ଉପରେ ନ ରହିବା ଇବା ପାଇଁ ଅନେକ ବୁଝାଇବା ସହ, ପାହାଡ଼ତଳେ ସମସ୍ତ ସୁବିଧା ସହିତ ବିଦ୍ୟାଳୟ, ଅଙ୍ଗନବାଡି, ବିଜୁଳି, ପାନୀୟଜଳ, ଏ ଏନ ଏମ କୋଠା, ପିଲାଙ୍କ ସକାଶେ ଖେଳ ପଡିଆ ଆଦି ସୁବିଧା ଯୋଗାଇଦେବା ପାଇଁ କହିଥିବା ସତ୍ତ୍ୱେ ସେମାନେ ରାଜି ନ ହେବାରୁ ସେମାନଙ୍କ ପାଇଁ ରାସ୍ତାର ବ୍ୟବସ୍ଥା କରିଥିଲେ। ଉକ୍ତ ପ୍ରସ୍ତାବରେ ଗତବର୍ଷ ମୋହର ବାଜିବାରୁ ରାସ୍ତାକାମ ଆରମ୍ଭ ହୋଇଥିଲା। ହେଲେ କିନ୍ତୁ କିନ୍ତୁ ଆରଡ଼ି ବିଭାଗୀୟ



ଅଧିକାରୀ ଓ ଠିକାଦାର ମିଶି ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ପିଚୁ କାମ ସପ୍ତାହେ ଗଲାନାହିଁ ଗୋଡି, ମାଟି, ବଜୁରି ବାହାରି ଯାଉଥିବାରୁ ପ୍ରଶାସନକୁ ଦାୟୀ କରିଛନ୍ତି ଗ୍ରାମବାସୀ। ରାସ୍ତାର ଅବସ୍ଥା ଯଦି ଆରମ୍ଭରୁ ଏପରି, ଘରେ ନ ପସୁଣୁ ଚାଳ ବାଜିବା ନ୍ୟାୟରେ ଆଗକୁ କେମିତି ଥିବ ତାହା ସହଜେ ଅନୁମେୟ। ରକ୍ଷଣାବେକ୍ଷଣ ପାଇଁ ଟଙ୍କା ଥିଲେ ମଧ ନୂଆ କାର୍ଯ୍ୟରେ ମରାମତି କାହିଁକି କରାଯିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏଭଳି ନିମ୍ନମାନର କାମକୁ ନେଇ ଗ୍ରାମବାସୀ ପଚାରିଲେ ଠିକାଦାର ଧମକଚମକ ଦେଉଥିବା ଅଭିଯୋଗ ହୋଇଛି।

ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ନିର୍ମାଣ ହୋଇଛି ବାମନାଗୁଡା ଓ ମୂସୁଡ଼ି ରାସ୍ତା, ଏହି ରାସ୍ତାର ଲମ୍ବ ୩. ୨କି. ମି.। ଡଙ୍ଗରିଆ କନ୍ଧଙ୍କ ଗାଁ ମୂସୁଡ଼ି ଓ ଉପର ମୂସୁଡ଼ି ଗାଁ ଅଧିବାସୀଙ୍କ ମୁଖ୍ୟ ରାସ୍ତା। ରାସ୍ତା ନିର୍ମାଣ କାର୍ଯ୍ୟରେ ଅଧିକ ପରିମାଣର ଗୋଡି, ଏବଂ ଆବଶ୍ୟକ ପରିମାଣର ପିଚୁ ମିଶାଯାଇ ନ ଥିବାରୁ ମାତ୍ର ଆଠ ଦିନରେ ରାସ୍ତାର ଅବସ୍ଥା ଖରାପ ହୋଇ ଯାଇଥିବା ଗ୍ରାମର ମଦନ କାର୍ଡରାକା, ରମେଶ ପିଡ଼ିସିକା,ମାଙ୍କୁ ପିଡିସିକା, ଚନ୍ଦ୍ର ପିଡିସିକା, ଓ ଲଖଣ ପିଡିସିକା ପ୍ରମୁଖ ଠିକା ସଂସ୍ଥାକୁ ପଚାରିବାରୁ ଉତ୍କ୍ଷିପ୍ତ ହୋଇଯାଇଥିଲେ ଠିକାଦାର। ଲୋକେ ଅଭିଯୋଗ କଲେ ନାଲି ଆଖି ଦେଖାଉଛନ୍ତି ଠିକାଦାର। ଜିଲ୍ଲାପାଳ ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ଆରମ୍ଭରୁ ଶେଷଯାଏଁ ଅତି ସ୍ୱଚ୍ଛତାର ସହ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ, ସେସବୁକୁ ଅଣଦେଖା କରି ଠିକାଦାର ଓ ବିଭାଗୀୟ ଅଧିକାରୀ ସେହି ନିମ୍ନମାନର କାମ ଅର୍ଥାତ୍ ଭିତର ଫମ୍ପା ଉପର ଚକ୍‌ମକିଆ କାମ ଚାଲିଛି। ତେଣୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## 'ଶ୍ରୀଲିଙ୍ଗରାଜଙ୍କ ନାମରେ ଏକ୍ସପ୍ରେସ ଟ୍ରେନ ଚଳାଚଳ ହେଉ'

ଭୁବନେଶ୍ୱର,(ନିପ୍ର): ଲିଙ୍ଗରାଜ ପାସେଞ୍ଜର ହଲ୍ଟ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ସେବା ପ୍ରତିନିଧିର ମିଳିତ ଉଦ୍ୟମରେ ନେତୃତ୍ୱ ନେଇଥିବା ସମାଜସେବୀ ନୀଳମଣି ମିଶ୍ରଙ୍କ ଉଦ୍ୟମରେ ବିଭିନ୍ନ ସମୟରେ ଚାରି ବର୍ଷ ଛଅମାସ ହେବ ଶାନ୍ତିପୂର୍ଣ୍ଣ ଧାରଣା ଲିଙ୍ଗରାଜ ପାସେଞ୍ଜର ହଲ୍‌ଟ ଠାରେ ଅନୁଷ୍ଠିତ ହୋଇଆସୁଛି। ଧାରଣାକାରୀଙ୍କ ପକ୍ଷରୁ କୁହାଯାଇଛି ଯେ ନୀଳାଚଳ, ନନ୍ଦନକାନନ, ଧଉଳି ଇତ୍ୟାଦି ନାମରେ ଟ୍ରେନ ନାମିତ ହୋଇଥିବା ବେଳେ ଅଦ୍ୟାବଧି ଲିଙ୍ଗରାଜଙ୍କ ନାମରେ କୌଣସି ଟ୍ରେନ ନାମିତ ନ ହେବା ଦୁର୍ଭାଗ୍ୟଜନକ। ପ୍ରତିଦିନ ଲିଙ୍ଗରାଜଙ୍କ ପୀଠକୁ ସହସ୍ରାଧିକ ଯାତ୍ରୀ ଦର୍ଶନ ଲାଗି ଆସୁଛନ୍ତି। ଶ୍ରୀଲିଙ୍ଗରାଜ ଏକ୍ସପ୍ରେସ ନାମରେ ଟ୍ରେନ ଚଳାଚଳ ହେଲେ ସ୍ଥାନୀୟ ଏହି ଧର୍ମୀୟସ୍ଥଳୀର ପ୍ରଚାର



ପ୍ରସାରିତ ହୋଇପାରନ୍ତା।ଭୁବନେଶ୍ୱର ଷ୍ଟେସନ ଭଳି ଏଠାରେ ମଧ୍ୟ ଦୂରଗାମୀ ଟ୍ରେନଗୁଡିକର ରହଣି କରାଗଲେ ସ୍ଥାନୀୟ ପୁରୁଣା ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ଯାତ୍ରୀ ଉପକୃତ ହୋଇପାରନ୍ତେ। କୁହାଯାଉଛି ଯେ ଲିଙ୍ଗରାଜ ପାସେଞ୍ଜର ହଲ୍ଟର ୨୨ କୋଟି ଟଙ୍କାର କାମ ଚାଲିଛି। ମାତ୍ର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ଗୋଟିଏ ପ୍ଲାଟଫର୍ମକୁ ଯାତ୍ରୀଙ୍କ ପକ୍ଷେ ଛୁଆପିଲା ଓ ଆସବାବପତ୍ର ନେଇ ଯାତାୟାତ କରିବା ପାଇଁ ଶତାଧିକ ପାହାଚ ଚଢ଼ିବାକୁ ପଡେ। ତେଣୁ ଏଠାରେ ଏସ୍କାଲେଟର ସ୍ଥାପନର ଆବଶ୍ୟକତା ରହିଛି । ଷ୍ଟେସନ ନିକଟରେ ଶ୍ରମିକ ହାଟ ଥିବାରୁ ୫ ଟଙ୍କିଆ ଆହାର କେନ୍ଦ୍ର ଖୋଲାଯିବା ଲୋଡ଼ା ପଡୁଛି। ପାନୀୟ ଜଳ ବ୍ୟବସ୍ଥା, ଶିଶୁଙ୍କ ସ୍ତନ୍ୟପାନ ଗୃହ, ସାଧାରଣ ଶୌଚାଳୟ ଓ ରାତ୍ରୀକାଳୀନ ଯାତ୍ରୀଙ୍କ ପାଇଁ ଅଟୋ ଷ୍ଟାଣ୍ଡର ବ୍ୟବସ୍ଥା ଏଯାବତ୍ ହୋଇନାହିଁ। ଏ ଦିଗରେ ରେଳ କର୍ତ୍ତୃପକ୍ଷ ଓ କେନ୍ଦ୍ର ରେଳବାଇ ମନ୍ତ୍ରୀ ସଦୟ ଧ୍ୟାନ ଦେବାକୁ ଧାରଣାକାରୀ ସନ୍ତୋଷ କୁମାର ମହାପାତ୍ର, ନାରାୟଣ ଖୁଣ୍ଟିଆ, ଡକ୍ଟର ସୁଦର୍ଶନ ବଳିଆରସିଂହ, ପତିତପାବନ ପଣ୍ଡା, ସତ୍ୟନାରାୟଣ ସାମନ୍ତସିଂହାର, ଦାମୋଦର ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର ଓ ଅନ୍ୟମାନଙ୍କ ପକ୍ଷରୁ ଦାବି କରାଯାଇଛି।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ହିଞ୍ଜିଳିକାଟୁ, (ନିପ୍ର): ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ ସୋମବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣୀ କରିଥିଲେ। ସେଠାରୁ ସ୍ଥାନୀୟ ପୌରାଞ୍ଚଳ ହିଞ୍ଜିଳିକାଟୁ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣଧିନ ବିଦ୍ୟାଳୟ କାର୍ଯ୍ୟ ବୁଲି ଦେଖିବା ସହ ନିର୍ମାଣ କାର୍ଯ୍ୟ ଆସନ୍ତା ଫେବୃୟାରୀ ମାସ ଶେଷ ସୁଦ୍ଧା ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ବ୍ଲକ ସାରୁ ଗ୍ରାମ ପଞ୍ଚାୟତରେ ପହଞ୍ଚି ମାଛ ଜାଆଁଳା ଉତ୍ପାଦନ କେନ୍ଦ୍ରର ଶୁଭ ଉଦଘାଟନ କରିଥିଲେ। ପରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ନିର୍ମାଣାଧୀନ ଉନ୍ନୟନ ପ୍ରକଳ୍ପ, ନିର୍ମାଣଧିନ ପୋଖରୀ ସୌନ୍ଦର୍ଯ୍ୟକରଣ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିବା ସହ ଶିକ୍ଷାଦାନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷାର୍ଥୀ ମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ରାଳବ ଗ୍ରାମରେ ପହଞ୍ଚି ନିର୍ମାଣଧିନ ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଉପ ଜିଲ୍ଲାପାଳ ଶିବାଶିଷ ବରାଳ, ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ସହକାରୀ ଯନ୍ତ୍ରୀ ସହଦେବ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଡି. ଅଶୋକ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ପୁରୀ, (ନିପ୍ର): ପୁରୀ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପୋଲିସ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ , ପୁରୀ ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୧୧ଟି ବ୍ଲକରୁ ମୋଟ୍ ୨୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୋଲିସ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବରାମ ମିଶ୍ରଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ଶିକ୍ଷକ ଦେବବ୍ରତ ବେଦମତା ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ କୁଇଜ୍ କନିଷ୍ଠ ବିଭାଗ ପ୍ରତିଯୋଗିତାରେ ପ୍ରତୀକ ପ୍ରିତମ ପରିଡ଼ା, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ସପ୍ତଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ

ବୁଗୁଡା,(ନିପ୍ର): ସ୍ଥାନୀୟ ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ପରିସରରେ ନାରୀ ଚେତନା ପାଇଁ 'ସପ୍ତ ଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ମାତୃ କମିଟି ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ୟ ଭାବେ ସିଡିପିଓ ବବିତା କୁମାରୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ କାଉନସିଲର ସପ୍ନାରାଣୀ ଦାଶ ଯୋଗ ଦେଇ ସମାଜରେ ନାରୀ ଭିତରେ ଥିବା ସପ୍ତଶକ୍ତିକୁ ଉଜ୍ଜୀବିତ କଲେ ସମାଜରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସି ପାରିବ ଏବଂ ଏଥି ପାଇଁ ମା'ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ନାରୀ ସମାଜରେ କିର୍ତ୍ତୀ, କ୍ଷମା, ଧୃତି, ବାକ ଓ ଶ୍ରୀ ଅଟେ ବୋଲି କହିଥିଲେ ।

## ୧୭୪ ଲିଖିତ ଅଭିଯୋଗର ହେଲା ଆଶୁ ସମାଧାନ

ବୋଲଗଡ,(ନିପ୍ର): ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ବୋଲଗଡ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲ୍ଲା ପଞ୍ଚାୟତ ଅଫିସର ତଥା ପଲ୍ଲୀ ପ୍ରଶାସନ ସେବା ନୋଡାଲ ଅଫିସର ସାମଲେନ୍ଦୁ ନାୟକଙ୍କ ଆବାହକତ୍ୱରେ ଗ୍ରାମପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଓ ଜନସେବା କାର୍ଯ୍ୟକ୍ରମ ସୋମବାର ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ହରିପୁରଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲ୍ଲା ପଞ୍ଚାୟତ ଅଫିସର ତଥା ପଲ୍ଲୀ ପ୍ରଶାସନ ସେବା ନୋଡାଲ ଅଫିସର ସାମଲେନ୍ଦୁ ନାୟକ, ମୁଖ୍ୟବକ୍ତା ଭାବେ ବୋଲଗଡ ତହସିଲଦାର ବିଜୟ କୁମାର ସେଠୀ ଓ ସମ୍ମାନିତ ଅତିଥିଭାବେ ଖଙ୍ଗୁରିଆ




ଗ୍ରାମପଞ୍ଚାୟତ ସରପଞ୍ଚ ଜଳଧର ମହାନ୍ତି, ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ଓ ସମିତି ସଭ୍ୟା ବିନୋଦିନୀ ଦତ୍ତ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରିଥିଲେ । ପଲ୍ଲୀ ପ୍ରଶାସନ ସେବା କାର୍ଯ୍ୟକ୍ରମରେ କୃଷି, ପଞ୍ଚାୟତିରାଜ, ମତ୍ସ୍ୟ ଓ ପଶୁ ପାଳନ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ,ବିଦ୍ୟୁତ ବିଭାଗ, ଶିଶୁ କଲ୍ୟାଣ ବିଭାଗ,ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ଶିକ୍ଷା ଇତ୍ୟାଦି ବିଭାଗ ଗୁଡିକର କାର୍ଯ୍ୟନିର୍ବାହୀ ଅଧିକାରୀମାନେ( ୨୭୨ ) ଜଣ ଲୋକମାନଙ୍କର ଲିଖିତ ଅଭିଯୋଗକୁ ପଞ୍ଜିକୃତ କରିଥିଲେ । ୧୭୪ ଟି ଲିଖିତ ଅଭିଯୋଗକୁ ତୁରନ୍ତ ଆଶୁ ସମାଧାନ କରିଥିଲେ । ୯୮ଜଣ ଲୋକମାନଙ୍କର ଲିଖିତ ଅଭିଯୋଗ ଗୁଡିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ ପଲ୍ଲୀ ପ୍ରଶାସନ ସେବା ମାଧ୍ୟମରେ ଲୋକମାନଙ୍କର ସମସ୍ତ ସମସ୍ୟା ସମାଧାନ ହୋଇପାରିବ ବୋଲି ଖଙ୍ଗୁରିଆ ଗ୍ରାମପଞ୍ଚୟତ ସରପଞ୍ଚ ଜଳଧର ମହାନ୍ତି ଓ ସମିତିସଭ୍ୟା ବିନୋଦିନୀ ଦତ୍ତ ପ୍ରମୁଖ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ ।

## ଆନ୍ତଃରାଜ୍ୟ ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



ଚମ୍ପୁଆ,(ନିପ୍ର): ଚମ୍ପୁଆ ଏନ.ଏ.ସି ଅଧୀନସ୍ଥ ୧ନଂ ୱାର୍ଡ ଗୋଧୂଳି ଗ୍ରାମଠାରେ ଗୋଧୂଳି ଯୁବକ ସଂଘ ଦ୍ୱାରା ଦୁଇଦିନିଆ ନବମ ଅନ୍ତରାଜ୍ୟ ଗ୍ରାମାଂଚଳ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏ.ଆଇ.ଟି.ୟୁ.ସି ଜିଲା ସଭାପତି ଏମ.ଡି ବଦ୍ରୁ ଜମା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ଛତ୍ରପତି ନାଏକ ଓ ଫୁଟବଲ ଖେଳାଳୀ ସତ୍ୟଜିତ ମହାକୁଡ ପ୍ରମୁଖ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ ଖେଳୁଆଡ ମନୋଭାବ ନେଇ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଅନ୍ତିମ ତଥା ଫାଇନାଲ ଖେଳ ଶିବଶଙ୍କର ଫୁଟବଲ କ୍ଲବ ଝାଡଖଣ୍ଡ ଓ ଅଶୋକ ବ୍ରଦର୍ସ ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶିବଶଙ୍କର ଏକାଦଶ ଅଶୋକ ବ୍ରଦର୍ସକୁ ୧-୦ ରେ ହରାଇ ଚମ୍ପିଆନ ହୋଇଥିଲା। ପ୍ରତ୍ୟେକ ବର୍ଷ ଏହି ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ଯୁବକଙ୍କ ଭିତରେ ଥିବା ଲକ୍କାୟିତ ପ୍ରତିଭାର ବିକାଶ ଚାଲୁରହିବ ବୋଲି ସଭାପତି ମୋହନ ନାଏକ ଓ ସମ୍ପାଦକ ନରେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

## ରାଜନଗର ଶାଖାର ୨୦ ତମ ସ୍ୱନକ୍ଷତ୍ର ଉତ୍ସବ



କେନ୍ଦ୍ରାପଡ଼ା (ନିପ୍ର): ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଅବିଭକ୍ତ କଟକ,କେନ୍ଦ୍ରାପଡ଼ା ଜଗତସିଂହପୁର ଏବଂ ଯାଜପୁର ଜିଲ୍ଲାର ଅଗ୍ରଣୀ ସମବାୟ ଅନୁଷ୍ଠାନ କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିଃ ରାଜନଗର ଶାଖାର ୨୦ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୋସାଇଟିର ଅଗ୍ରଗତି ଓ ଗ୍ରାହକ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତି ଶ୍ରୀ ସାହୁଙ୍କୁ ବ୍ୟାଙ୍କ କର୍ମଚାରୀ ଓ ଏଜେଣ୍ଟମାନଙ୍କ ମିଳିତରେ କରାଯାଇଥିଲା ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ । ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼,ବିଡିଓ ସୌମଶ୍ରୀ ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୋଣାର୍କରେ ଜାତୀୟ ହସ୍ତଶିଳ୍ପ ସପ୍ତାହ ଉଦ୍‌ଘାଟିତ

# 'ହସ୍ତଶିଳ୍ପ ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ'

କୋଣାର୍କ,(ନି:ପ୍ର): ହସ୍ତଶିଳ୍ପ ଆମ ଅସ୍ମିତା ଓ ଗୌରବର ପ୍ରତିଫଳନ। ଆମ ଶିଳ୍ପିମାନଙ୍କର ସ୍ପର୍ଦ୍ଧିତ କଳାର ପ୍ରଦର୍ଶନ ଓ ପରିପ୍ରକାଶ ଏହାକୁ ଅଧିକ ଋଦ୍ଧିମନ୍ତ ଓ ପ୍ରେରଣାଦାୟୀ କରାଉଛି ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ଆଜି ସଂଧ୍ୟାରେ କୋଣାର୍କ ଅର୍ବାନ ହାଟ ଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ହସ୍ତଶିଳ୍ପ ସପ୍ତାହକୁ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଉଦ୍‌ଘାଟନ କରିବା ସହ ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଶିଳ୍ପୀମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଏକ ସୁନ୍ଦର ପ୍ଲାଟଫର୍ମ ପ୍ରଦାନ କରାଯାଇ ପାରୁଛି। ୧୯୫୦ ମସିହାରୁ



ଏହା ପାଳିତ ହୋଇ ଆସୁଛି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ଆମେ ତାହାର ଅନୁପାଳନ କରୁଛନ୍ତି। ରାଜ୍ୟରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଶିଳ୍ପି ରହିଥିବା ବେଳେ ୭୦ ଭାଗ ମହିଳା ଅଟନ୍ତି। ଏଠାରେ ଶିଳ୍ପିମାନଙ୍କ ଲାଇଭ ଡେମୋନେଷ୍ଟ୍ରସନ ହେବ। ଏହାକୁ ସମସ୍ତେ ଦେଖି ପାରିବେ। ଏଠାରେ ୬୭ଟି ଷ୍ଟଲ କରାଯାଇଛି। ଚଳିତ ଭୁବନେଶ୍ୱର ତୋଷାଳୀ ମେଳା ବଡ ଆକାରର ପ୍ରାୟ ୭୦୦ ଷ୍ଟଲ ହେବ ଓ କେବଳ ସ୍ୱଦେଶୀ ଆଧାରିତ ହେବ। ଏପରିକି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଓଡ଼ିଆ ସଂସ୍କୃତି ଆଧାରିତ ହେବ ବୋଲି ମନ୍ତ୍ରୀ କହିଥିଲେ। ଆମ ଶିଳ୍ପୀ ମାନେ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଭାବଧାରାକୁ ଅଧିକ ପରିପୃଷ୍ଟ କରିବେ। ଏହା ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ ହେବ ବୋଲି ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ। ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସମସ୍ତଙ୍କୁ ସ୍ୱାଗତ କରିବା ସହ ଆମ ହସ୍ତଶିଳ୍ପୀଙ୍କ ଦକ୍ଷତା ଅନନ୍ୟ। ହସ୍ତଶିଳ୍ପୀ ମାନଙ୍କ କଳାର ପ୍ରଦର୍ଶନ ପାଇଁ ଏକାମ୍ର ହାଟ,ନିଳାଚଳ ହାଟ ଓ କୋଣାର୍କ ଅର୍ବାନ ହାଟର ବ୍ୟବସ୍ଥା ହେଉଛି। ୬୯ ପ୍ରକାର କଳା ଆମ ରାଜ୍ୟରେ ଅଛି ଓ ଏହାର ପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। ବଜାର ସୃଷ୍ଟି ଓ ଉତ୍ପାଦକକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଆମର ମୁଖ୍ୟ କାର୍ଯ୍ୟ।ଏହାକୁ ଦୀର୍ଘସ୍ଥାୟୀ ଭିତ୍ତିରେ କରିବା ଆବଶ୍ୟକତା ରହିଛି ଯାହାକୁ ବିଭାଗ ପରିବ୍ୟାପ୍ତ କରୁଛି। ଶିଳ୍ପୀ ମାନଙ୍କ ସମସ୍ୟାକୁ ଦୂର କରି ସେମାନଙ୍କୁ ଅଧିକ ସହଯୋଗ କରିବାକୁ ବିଭାଗ ଉଦ୍ୟମ କରୁଛି। ଏହି ହସ୍ତଶିଳ୍ପ ସପ୍ତାହ ସେମାନଙ୍କୁ ସଶକ୍ତ ଓ ଅଧିକ କ୍ରିୟାଶୀଳ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ସିଡାକର ସଦସ୍ୟ ସଚିବ ସୁବ୍ରତ କୁମାର ବେହେରା, ଉତ୍କଳିକାର ଏମ ଡି ମମତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ହସ୍ତଶିଳ୍ପ ନିର୍ଦ୍ଦେଶକ ଡଃ ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ହସ୍ତଶିଳ୍ପୀ ମାନେ ସେମାନଙ୍କ ସମୃଦ୍ଧ କଳାକୁ ଏଠାରେ ପ୍ରଦର୍ଶନ ଓ ବିକ୍ରୟର ବ୍ୟବସ୍ଥା କରାଯାଇଛି। ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି ସୂଚନା ଦେଇଛନ୍ତି। ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଚାଳନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ତିଥି : (ପଞ୍ଚମୀ) : (ଅଶ୍ଳେଷା କର୍କଟ)
ଅମୃତବେଳା: ଦିବା ଘ.୭।୪୮ ମଧ୍ୟେ ୯।୨୪ ଗତେ

## ଆଜିର ଅନୁଚିନ୍ତନ

ବୁଦ୍ଧିମାନ ଭକ୍ତ ମୋର ଭଜନ କରନ୍ତି- ସର୍ବ ଭାବରେ ମୋର ଶରଣାପନ୍ନ ହୁଅନ୍ତି। - ଶ୍ରୀମଦ୍ ଭଗବଦ୍ ଗୀତା

# ଚାପକୁ ଉପେକ୍ଷା !

ଗତ କିଛିଦିନ ହେବ ଇଣ୍ଡିଗୋ ଏୟାରଲାଇନ୍‌ସର ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଫଳରେ ବିଭିନ୍ନ ବିମାନବନ୍ଦରରେ ଅପେକ୍ଷାରତ ହଜାର ହଜାର ଯାତ୍ରୀଙ୍କ ଦୁର୍ଦ୍ଦଶା ମାନସିକ ଓ ଶାରୀରିକ ସ୍ତରରେ ଏକ ପ୍ରକାର ଅସହାୟ ହୋଇପଡ଼ିଛନ୍ତି। ପ୍ରାୟ ୨ହଜାରରୁ ଅଧିକ ବିମାନ ବାତିଲ ହୋଇଛି। ପ୍ରତିଦିନ ଶତାଧିକ ବିମାନ ବାତିଲ ହେଉଥିବା ପରିଲକ୍ଷିତ ହେଉଛି। ପ୍ରାରମ୍ଭିକ ଭାବରେ ଏହି ଏୟାରଲାଇନ୍‌ସର କର୍ତ୍ତୃପକ୍ଷ ସଫେଇ ଦେଲେ ଯେ ଏହା ପଛରେ ସାମାନ୍ୟ ପ୍ରଯୁକ୍ତିଗତ ସମସ୍ୟା ରହିଛି। ତାହା ସାଙ୍ଗକୁ ଶୀତଦିନ ହେତୁ ସମୟ ସାରଣୀରେ ପରିବର୍ତ୍ତନ, ପ୍ରତିକୂଳ ପାଣିପାଗ, ବିମାନ ଚଳାଚଳରେ ପୂର୍ବାପେକ୍ଷା ଗହଳି ବୃଦ୍ଧି, ପାଇଲଟଙ୍କ ପାଇଁ ପରିବର୍ଦ୍ଧିତ ରୋଷ୍ଟର ନିୟମ କାର୍ଯ୍ୟକାରୀ ହେବାରେ ନକାରାତ୍ମକ ପ୍ରଭାବ ଇତ୍ୟାଦି। ଅବଶ୍ୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ଇତିମଧ୍ୟରେ ଉଦ୍ଦିଷ୍ଟ ରୋଷ୍ଟର ନିୟମକୁ ପ୍ରତ୍ୟାହାର କରିନେଇଛି। ତେବେ ତଥ୍ୟାଭିଜ୍ଞ ମହଲର କହିବା କଥା ବହୁବିଧ ଅପରେସନାଲ ଚ୍ୟାଲେଞ୍ଜ ବା କାର୍ଯ୍ୟକାରିତାଗତ ଆହ୍ୱାନ ଅଦେଖା ହୋଇ ରହିଛି।

ଦେଖିବାକୁ ଗଲେ ଏୟାର ଇଣ୍ଡିଆର ଯେତିକି ବିମାନ ଚଳାଚଳ କରିଥାଏ ତାହାର ଦୁଇଗୁଣ ଅର୍ଥାତ୍ ଇଣ୍ଡିଗୋ କଂପାନୀର ବିମାନ ପ୍ରତ୍ୟହ ୨୨ଶହରୁ ଅଧିକ ସଂଖ୍ୟାରେ ଉଡ଼ାଣ କରିଥାଏ। ନିକଟରେ ଡିଜିସିଏ ନୂଆ ବିମାନ ଉଡ଼ାଣ କର୍ତ୍ତବ୍ୟ ସମୟସୀମା ବା ଏଫ୍‌ଡିଟିଏଲ ନିୟମାବଳୀରେ ଉଲ୍ଲେଖ କରିଛି ସାପ୍ତାହିକ ବିଶ୍ରାମ ପାଇଁ କୌଣସି ଲିଭ୍ ବା ଛୁଟିକୁ ବିକଳ୍ପ ଭାବରେ ଦେଖାଯାଇପାରିବନାହିଁ। ଏହି ଧାଡ଼ିକ ହିଁ ପାଇଲଟଙ୍କ ଚାପଗ୍ରସ୍ତ ଜୀବନ ସଂପର୍କରେ ସୂଚାଏ। ଇଣ୍ଡିଗୋ ପରିଚାଳନା ନେଇ ପାଇଲଟ ସଂଘଗୁଡ଼ିକର ଅଭିଯୋଗମାନ ପ୍ରାସଙ୍ଗିକ ଆଲୋଚନା ରଖେ। କର୍ତ୍ତୃପକ୍ଷ ଖର୍ଚ୍ଚକାଟ କରିବା ଲାଗି ଆବଶ୍ୟକତା ଠାରୁ କମ୍ ମାନବ ସମ୍ବଳ ରଣକୌଶଳ ଆପଣାଇଛି। ଏଥିସହ ନୂତନ ରେଷ୍ଟ୍ ନର୍ମସ ବା ବିଶ୍ରାମ ନିୟମାବଳୀ, ସିଡ୍ୟୁଲ ପ୍ଲାନିଂ ବା ସୂଚିତ ଯୋଜନାକୁ ସ୍ଥାନିତ କରାଯାଇନାହିଁ ଇତ୍ୟାଦି। ଅନୁରୂପ ଭାବରେ ନୂତନ ନିୟମାବଳୀ ମୁତାବକ ପାଇଲଟ ସଂଖ୍ୟା ବିନା ଯାଞ୍ଚ ଶୀତକାଳୀନ ଉଡ଼ାଣ ଭରିବାରେ ଡିଜିସିଏ କିଭଳି ଅନୁମୋଦନ ଦେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରେ। ପାଇଲଟ ଷ୍ଟାଫିଂଙ୍କ ଡାଞ୍ଚା କାର୍ଯ୍ୟଭାର ମୁତାବକ ବଦଳିବା ଲୋଡ଼ା, ଆବଶ୍ୟକ ବିଶ୍ରାମ ଓ ଦରମା ସ୍ଥିତିକୁ ମଧ୍ୟ ବିଚାରକୁ ନେବାକୁ ହେବ। ଜଣାଶୁଣା ବିଷୟ ଯେ ଆକାଶପଥ ଦିନକୁ ଦିନ ଅଧିକ ସଂଘାତପୂର୍ଣ୍ଣ ହେଲାଣି। ପାଇଲଟଙ୍କ ପକ୍ଷେ ଉଡ଼ାଣ ବେଳେ ନାନା ଜଟିଳତାର ସମ୍ମୁଖୀନ ହେବା କିଛି ନୂଆ କଥା ନୁହେଁ। ତାହାଛଡ଼ା ଘରୋଇ କଂପାନୀଗୁଡ଼ିକର ବିମାନ ଚଳାଚଳ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଏ ପରିପ୍ରେକ୍ଷୀରେ ଇଣ୍ଡିଗୋ ବିମାନଗୁଡ଼ିକର ପାଇଲଟ ମାନସିକ ତଥା ଶାରୀରିକ ସ୍ଥିତିକୁ କେଉଁଠି ନା କେଉଁଠି ଅଣଦେଖା କରାଯାଇଛି, ଏ କଠୋର ସତ୍ୟକୁ ଉପେକ୍ଷା କରାଯାଇଥିବା ମନେ ହେଉଛି। ସଂକ୍ଷେପରେ କହିଲେ ପାଇଲଟଙ୍କ ଉପରେ ଅଧିକ ଚାପ ନ ଦେଇ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କର୍ତ୍ତୃପକ୍ଷ ମାନବୀୟ ସମ୍ବେଦନତା ଆଧାରରେ ଅଧିକ ଯତ୍ନଶୀଳ ହେବା ସମୟର ଆବଶ୍ୟକତା। ଆବଶ୍ୟକ ସଂଖ୍ୟକ ପାଇଲଟ ନିଯୁକ୍ତି ଦିଆଗଲେ ଯଦିଓ କଂପାନୀ ଉପରେ ଅତିରିକ୍ତ ଅର୍ଥଭାର ରହିବ କିନ୍ତୁ ଏହା ପ୍ରକାରାନ୍ତେ ପାଇଲଟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଇବ। ଏ ପରିପ୍ରେକ୍ଷୀରେ ଇଣ୍ଡିଗୋର ଉଚ୍ଚ କର୍ତ୍ତୃପକ୍ଷ ପାଇଲଟମାନଙ୍କ ନାନା ସମସ୍ୟାର ସମାଧାନ ସାଙ୍ଗକୁ ପ୍ରଯୁକ୍ତିଗତ ସମସ୍ୟା ସୁଧାରିବାରେ ଦାୟିତ୍ୱପୂର୍ଣ୍ଣ ପଦକ୍ଷେପ ନେଲେ ଉପୁଜିଥିବା ସମସ୍ୟା ଅଚିରେ ଦୂର ହୋଇପାରିବ।

# ଶୀତ ଅଧିବେଶନ ଆଲୋଚନା

### ସୌଭାଗ୍ୟ ରଞ୍ଜନ ମହାନ୍ତି

ଗଲା ପହିଲାରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ୧୯ଦିନ ଧରି ଚାଲିବାକୁ ଥିବାବେଳେ ମୋଟ ୧୫ଟି ବୈଠକ ବସିବ। ଇତିମଧ୍ୟରେ କିଛି ବୈଠକ ବସିସାରିଲାଣି। ଅଧିବେଶନ କାଳରେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ନେଇ କହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟକୁ ନାଟକର ମଂଚ ଭାବେ ବ୍ୟବହାର ନ କରିବାକୁ ବିରୋଧୀ ଦଳମାନଙ୍କୁ ଚେତାବନୀ ଦେଇଛନ୍ତି। କିନ୍ତୁ ଭୋଟର ତାଲିକା ଯାଞ୍ଚ ପାଇଁ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ନେଇ ସଂକ୍ଷିପ୍ତ ଅଧିବେଶନର ତିନୋଟି ମୂଲ୍ୟବାନ କାର୍ଯ୍ୟଦିବସ ସମ୍ପୂର୍ଣ୍ଣ ଧୋଇ ଯିବା ପରେ ଶେଷରେ ଏହା ଉପରେ ଆଲୋଚନା ପାଇଁ ସହମତି ପ୍ରକାଶ କରିଛନ୍ତି। ଏସ୍‌ଆଇଆର ଉପରେ ଆସନ୍ତା ୯ତାରିଖରେ ସ୍ୱତନ୍ତ୍ର ଆଲୋଚନା ହେବ।

ସେହିପରି ଶୀତକାଳୀନ ଅଧିବେଶନ ମଧ୍ୟରେ ଏହା ସବୁଠୁ ସଂକ୍ଷିପ୍ତ ଥିବା ବିରୋଧୀ ଦଳଗୁଡିକ ଦର୍ଶାଇଥିବାବେଳେ ଲୋକସଭାରେ ବିରୋଧୀ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରି କହିଛନ୍ତି ଯେ, ବିଦେଶୀ ପଦାଧିକାରୀଙ୍କ କୂଟନୈତିକ କାର୍ଯ୍ୟକ୍ରମରେ ସରକାର ବିରୋଧୀ ଦଳ ନେତାଙ୍କୁ ଦୂରେଇ ରଖିଛନ୍ତି। ଯାହାକି ପରମ୍ପରାର ଉଲ୍ଲଂଘନ। କେବଳ ଏତିକି ନୁହେଁ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତିଙ୍କ ପକ୍ଷରୁ ଆୟୋଜିତ ନୈଶ୍ୟଭୋଜି ସଭାକୁ ଉଭୟ ଲୋକସଭା ଓ ରାଜ୍ୟସଭାର ବିରୋଧୀ ଦଳନେତାଙ୍କୁ ଆମନ୍ତ୍ରଣ କରାଯାଇନଥିବାବେଳେ କେତେକ ସାଂସଦଙ୍କୁ ଆମନ୍ତ୍ରଣ କରାଯିବା ଘଟଣାକୁ ନେଇ ଗୃହରେ ବାତାବତରଣ ଉଷ୍ମ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଏହାକୁ ମୁଖ୍ୟ ବିରୋଧୀ ଦଳ ଏକ ପ୍ରସଙ୍ଗ କରିବା ଆଶା କରାଯାଏ। ସରକାର ଓ ବିରୋଧୀ ଦଳ ମଧ୍ୟରେ ପରସ୍ପର ବିରୋଧୀ ସମ୍ପର୍କରେ କୌଣସି ଆଖିଦୃଶିଆ ଉନ୍ନତି ଦେଖାଯାଉନଥିବା ସତ୍ତ୍ୱେ ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧକ୍ଷ ସିପି ଠାକୁର ସମ୍ପର୍କରେ କେତେକ ସୁଧାର ଆଣିବା ଆଶା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ସରକାର କେତେକ ଅଭିଳଷିତ ବିଧେୟକ ସମେତ ମୋଟ ୧୪ଟି ବିଲ୍ ଗୃହରେ ଆଗତ କରିବା କାର୍ଯ୍ୟସୂଚୀ ରହିଛି, ଯାହାକି ଗୃହରେ ରାଜନୈତିକ ଝଡ ସୃଷ୍ଟି କରିବା ଆଶଙ୍କା ରହିଛି।

କାହିବା ବାହୁଲ୍ୟ ଯେ, ଅପରାଧିକ ନ୍ୟାୟ ପଦ୍ଧତିର ସରଳୀକରଣ ପାଇଁ ଜନ ବିଶ୍ୱାସ (ବ୍ୟବସ୍ଥାର ସଂଶୋଧନ) ବିଲ୍-୨୦୨୫ ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଭାବେ ମନେ କରାଯାଉଥିବା ବେଳେ ଏହାର ହିନ୍ଦୀ ନାମକରଣକୁ ଦକ୍ଷିଣ ଭାରତୀୟ ରାଜ୍ୟର ବିରୋଧୀ ଦଳଗୁଡିକ ଦୃଢ ବିରୋଧ କରିପାରନ୍ତି। ସେହିପରି ଉଚ୍ଚଶିକ୍ଷା କମିଶନ ବିଲ୍, ଯାହାକି ୟୁଜିସି ପରି କେତେକ ସଂସ୍ଥାର ଗଠନଗତ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ରହିଛି। ଏଥିରେ କେନ୍ଦ୍ର ସରକାରଙ୍କ ଏକଚାଟିଆ ଆଧିପତ୍ୟକୁ ବିରୋଧୀ ଦଳଗୁଡିକ ଦୃଢ ବିରୋଧୀ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ସେହିପରି ଏଜେଣ୍ଡାରେ ଜାତୀୟ ରାଜପଥ (ସଂଶୋଧନ) ବିଲ୍, ଅଟୋମିକ ଏନର୍ଜି ବିଲ୍, ଦି ଆର୍ବିଟ୍ରେସନ ଆଣ୍ଡ କନସିଲିଏସନ (ସଂଶୋଧନ) ବିଲ୍ ଆଦି ସଂସଦରେ ଅନୁମୋଦନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଗୃହରେ ସ୍ୱାସ୍ଥ୍ୟ ସୁରକ୍ଷାରୁ ଜାତୀୟ ସୁରକ୍ଷା ଠୋସ୍ ବିଲ୍ ଅନୁମୋଦିତ ହୋଇସାରିଛି। ଯେଉଁ ଆଇନରେ ତମାଖୁ ଉତ୍ପାଦିତ ସାମଗ୍ରୀ ଉପରେ ଅତିରିକ୍ତ ସେସ୍ ବା କର ଲାଗୁ ପ୍ରସ୍ତାବ ରହିଛି। ଉଭୟ ଲୋକସଭା ଓ ରାଜ୍ୟସଭାରେ ଏସଆଇଆର ପରିପ୍ରେକ୍ଷୀରେ ନିର୍ବାଚନ ସଂସ୍କାର, ଏବଂ ଜାତୀୟ ସଂଗୀତ ବନ୍ଦେ ମାତରଂ ରଚନାର ୧୫୦ତମ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ସଂସ୍କାର ନେଇ ଏସଆଇଆର ଉପରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହେବା ଆଶଙ୍କା ରହିଛି। ନିର୍ବାଚନ ସଂସ୍କାର ନେଇ ଦେଶରେ ଏକକାଳୀନ ନିର୍ବାଚନ ପାଇଁ ସରକାର ଅଗ୍ରାଧିକାର ଦେଇଥିବାବେଳେ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପରିଚାଳନାରେ ଜାଲିଆତି ନେଇ ବିରୋଧୀ ଦଳ ଆନ୍ଦୋଳନାତ୍ମିକ ଆଭିମୁଖ୍ୟ ଗୃହକୁ ସରଗରମ କରିଦେଇପାରେ। ଆହୁରି ବିରୋଧୀ ଦଳଗୁଡିକ ଦିଲ୍ଲୀ ବିସ୍ଫୋରଣ, କୃଷକ ସମସ୍ୟା, ଦରବୃଦ୍ଧି, ପ୍ରଦୂଷଣ, ବିରୋଧୀଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ଏଜେନ୍ସିଗୁଡିକୁ ନିୟୋଜିତ କରିବା, ଆମେରିକା ସହ ଚାଲିଥିବା ବାଣିଜ୍ୟ ଆଲୋଚନା ଆଦି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡିକ ଆଲୋଚନା ଦାବି କରିବା ସମ୍ଭାବନା ରହିଛି। ଏହା ନିଃସନ୍ଦେହ ଯେ, କାର୍ଯ୍ୟସୂଚୀ ଦୃଷ୍ଟିରୁ ଅଧିବେଶନ ସଂକ୍ଷିପ୍ତ ହେଲେ ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସେହିପରି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଏବଂ ମତାନ୍ତର ହ୍ରାସ ପାଇଁ ଅଧିବେଶନକୁ ଉଭୟ ଶାସକ ଓ ବିରୋଧୀ ଏକ ସୁଯୋଗ ଭାବେ ବ୍ୟବହାର କରିବାର ସମୟ ଆସିଛି।

ମୋ-୭୯୭୮୬୬୬୪୦୩

# ଇଣ୍ଡିଗୋ ସଂକଟ: ଘରୋଇକରଣର ପରିଣାମ !

### ଅସିତ ମହାନ୍ତି

**ଭାରତୀୟ ବିମାନ ଚଳାଚଳରେ ଇଣ୍ଡିଗୋର ପ୍ରାଧାନ୍ୟ ଘରୋଇକରଣର ସୁଯୋଗ ଏବଂ ବିପଦ ଉଭୟକୁ ପ୍ରତିଫଳିତ କରେ: ଘରୋଇକରଣ ପ୍ରତିଯୋଗିତା ପାଇଁ ଆକାଶକୁ ଖୋଲି ଦେଇଥିବା ବେଳେ, ଦୁର୍ବଳ ନିୟନ୍ତ୍ରଣ ଏବଂ ବଜାର କେନ୍ଦ୍ରୀକରଣ ଗୋଟିଏ ବିମାନ କମ୍ପାନୀକୁ ବଜାରର ୬୦% ରୁ ଅଧିକ ଦଖଲ କରିବାକୁ ଅନୁମତି ଦେଇଥିଲା, ଯାହା ଏକ ଆଧା-ଏକାଧିପତ୍ୟ ସୃଷ୍ଟି କରିଥିଲା ଯାହା ବର୍ତ୍ତମାନ ଯାତ୍ରୀ ଅଭିଜ୍ଞତା ଏବଂ ସାଧାରଣ ବିତର୍କକୁ ଆକାର ଦିଏ।**

ଇଣ୍ଡିଗୋର ଅବହେଳା ଯୋଗୁଁ, ଭାରତ ଏବଂ ଏହାର ଯାତ୍ରୀମାନେ ପ୍ରାୟ ୫,୦୦୦ କୋଟି କ୍ଷତି ସହିଛନ୍ତି। ଯେତେବେଳେ ଇଣ୍ଡିଗୋ ନିଜେ ପ୍ରାୟ ୧,୦୦୦ କୋଟି କ୍ଷତି ସହିଛି। ଏହି ବଡ଼ ଭୁଲ ପାଇଁ କିଏ ଦାୟୀ ଆଇନ ଅନୁଯାୟୀ, ଏକ ନିର୍ଦ୍ଦେଶକ ମଣ୍ଡଳୀ ଅଛି ଯାହାର କାମ ହେଉଛି କମ୍ପାନୀର ସୁଗମ କାର୍ଯ୍ୟ ଏବଂ ସମସ୍ତ ନିୟମ ପାଳନକୁ ସୁନିଶ୍ଚିତ କରିବା। ତଥାପି, ଇଣ୍ଡିଗୋ ଖୋଲାଖୋଲି ଭାବରେ ଆଇନ ଉଲ୍ଲଂଘନ କରିଛି। ତଥାପି ନିର୍ଦ୍ଦେଶକ ମଣ୍ଡଳୀ ଇସ୍ତଫା ଦେଇ ନାହାନ୍ତି। ଏହା କ'ଣ ଭୁଲ ନୁହେଁ? ଏହା କ'ଣ କର୍ପୋରେଟ୍ ପ୍ରଶାସନର ମୁହଁରେ ଏକ ଚାପୁଡ଼ା ନୁହେଁ? ଏହି ବିପର୍ଯ୍ୟୟ ପାଇଁ ଦାୟୀ, ଭାରତର ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା ପାଇଁ, ଭାରତୀୟ ଜନସାଧାରଣ ଏବଂ ଯାତ୍ରୀମାନଙ୍କୁ ଗୁରୁତର ହଇରାଣ କରିବା ପାଇଁ ଏବଂ ସେମାନଙ୍କୁ ଆର୍ଥିକ ଏବଂ ମାନସିକ ନିର୍ଯାତନା ଦେବା ପାଇଁ କ'ଣ ଦାୟୀ, ସେମାନେ ଇସ୍ତଫା ଦେବା ଉଚିତ ନୁହେଁ? ଯଦି ଆମେ ଏହି ଲୋକମାନଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁ ଏବଂ ସରକାର ନୀରବ ରହେ, ତେବେ ଆପଣ ନିଶ୍ଚିତ ହୋଇପାରିବେ ଯେ କେବଳ ଛୋଟ ଲୋକମାନେ କ୍ଷତିଗ୍ରସ୍ତ ହେବେ। ବଡ଼ ମାଛ ଏବଂ ଛୋଟ ମାଛ ବଞ୍ଚି ରହିବେ। ଏହି ଦେଶ କେବେ ବି ପ୍ରଗତି କରିବ ନାହିଁ। କାରଣ




ଛୋଟ ଲୋକମାନେ ଭୟ କରିବେ ଯେ ଯଦି ସେମାନେ କିଛି ଭୁଲ କରନ୍ତି, ତେବେ ସେମାନେ ସେମାନଙ୍କର ପଦବୀ ହରାଇବେ। ସେମାନେ କାମ କରିବା ବନ୍ଦ କରିଦେବେ। ବଡ଼ ବଡ଼ ଲୋକମାନେ ବସି ଆରାମରେ ଜୀବନ ବିତାଇବେ। ଯେତେବେଳେ ଦେଶ ବୁଡ଼ିଯିବ। ଏହି ଅବହେଳା ପାଇଁ ଇଣ୍ଡିଗୋର ନିର୍ଦ୍ଦେଶକ ମଣ୍ଡଳୀ ଦାୟୀ, ଏବଂ ଏହା ବିଷୟରେ ଜାଣିବା ସତ୍ତ୍ୱେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଅଭାବ ସନ୍ଦେହଜନକ। ତେଣୁ, ସରକାରଙ୍କୁ ଏହି ଅବହେଳା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

ଇଣ୍ଡିଗୋ ସଙ୍କଟ ବିଷୟରେ ଚର୍ଚ୍ଚା କରିବା ପୂର୍ବରୁ ନିର୍ଦ୍ଧାରିତ ଏକ ତେଲ ବ୍ରାଣ୍ଡ ଏବଂ ଶକ୍ତି (କୋଇଲା) ବିଷୟରେ କଥା ହେବ ଆବଶ୍ୟକ। କାରଣ ଏହାର ଇଣ୍ଡିଗୋ ସହିତ ସମ୍ପର୍କ ରହିଛି । ଅର୍ଥାତ୍, ଯେଉଁଭଳି ଭାବେ ତେଲ ଏବଂ ଶକ୍ତି ବଜାରରେ ଆଦାନି ଏକଚାଟିଆ ବ୍ୟବସାୟ କରୁଛି । ଠିକ୍ ସେହିଭଳି ଭାବେ ଇଣ୍ଡିଗୋ ବଜାରରେ ଏକଚାଟିଆ ବ୍ୟାପାର କରିବା ଆରମ୍ଭ କରିଛି । ଉକ୍ତ ଆଲୋଚ୍ୟ ତେଲ ବ୍ରାଣ୍ଡ ପ୍ରାୟ ୨୦୦୦ ମସିହାରେ ବଜାରରେ ପ୍ରବେଶ କରିଥିଲା। ଏହା ଏକ ଆଦାନୀ ଉତ୍ପାଦ ଥିଲା। ସେହି ସମୟରେ, ସୋରିଷ ତେଲ ବିଷୟରେ ହଠାତ୍ ଏକ ଦେଶବ୍ୟାପୀ ଭୟ ବ୍ୟାପିଗଲା - ଅଭିଯୋଗ ଅନୁଯାୟୀ ଭେଜାଲ, ରୋଗ ଏବଂ କ୍ଷତିର ଗୁଜବ ପ୍ରଚାର କରାଯାଇଥିଲା। ଫଳସ୍ୱରୂପ, ଲୋକମାନେ ସୋରିଷ ତେଲ ପରିତ୍ୟାଗ କରି ରିଫାଇନ୍ ତେଲ ବ୍ୟବହାର କରିବାକୁ ବାଧ ହୋଇଥିଲେ। ଏହି ସମୟ ମଧ୍ୟରେ ନିର୍ଦ୍ଧାରିତ ରିଫାଇନ୍ ତେଲର ବିକ୍ରୟ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଲା। ଏହା ଏକ ସଂଯୋଗ ନ ଥିଲା - ଏହା ସମାନ ମାର୍କେଟିଂ ପଦ୍ଧତି ଥିଲା ଯାହା ଉଭୟ ଚାଷୀମାନଙ୍କୁ ନିର୍ଯାତିତ କରିଥିଲା । ସାଧାରଣ ଲୋକଙ୍କୁ ସେମାନଙ୍କର ପାରମ୍ପରିକ, ସୁସ୍ଥ ସୋରିଷ ତେଲରୁ ଦୂରେଇ ରଖିଥିଲା।ଶକ୍ତି କ୍ଷେତ୍ରରେ ମଧ୍ୟ ସମାନ କାହାଣୀ ପ୍ରକାଶ ପାଇଲା। ଜାନୁଆରୀ ୨୦୧୯ ଏବଂ ଅଗଷ୍ଟ ୨୦୨୧ ମଧ୍ୟରେ, ଆଦାନୀ ଉପରେ ଆମଦାନି ହୋଇଥିବା କୋଇଲା (ଅଷ୍ଟ୍ରେଲିଆ/ଇଣ୍ଡୋନେସିଆରୁ) ମୂଲ୍ୟ ବଜାର ହାର ତୁଳନାରେ ହାରାହାରି ୫୨ ପ୍ରତିଶତ ଅଧିକ ଦେଖାଇବାର ଅଭିଯୋଗ ହୋଇଥିଲା - ଏକ ଅଭ୍ୟାସ ଯାହା ଅତ୍ୟଧିକ ଇନଭଏସ୍ ଭାବରେ ଜଣାଶୁଣା। ଏହି ସମୟ ମଧ୍ୟରେ, କୋଇଲା ଅଭାବ ଏବଂ ବିଦ୍ୟୁତ୍ ସଙ୍କଟ ମଧ୍ୟ ଲଗାତାର ଭାବରେ ରିପୋର୍ଟ କରାଯାଇଥିଲା। ଜନସାଧାରଣଙ୍କୁ କୁହାଯାଉଥିଲା ଯେ ଘରୋଇ କୋଇଲା ଅଭାବୀ, ଯାହା ଆମଦାନୀକୁ ଜରୁରୀ କରିଦିଏ। କିନ୍ତୁ ଯଦି ଆମଦାନୀ ମୂଲ୍ୟ ବୃଦ୍ଧି କରାଯାଏ, ତେବେ ବୋଝ କିଏ ବହନ କରିବ? ସାଧାରଣ ଲୋକଙ୍କ ପାଇଁ ବିଦ୍ୟୁତ୍ ବିଲ୍ ବୋଝ। ଶୀର୍ଷରେ ନିଷ୍ପତ୍ତି ନିଆଯାଇଥିଲା, ଲାଭ ବୃଦ୍ଧି ପାଇଥିଲା, ଏବଂ ଜନସାଧାରଣ ଏବଂ ଶିଳ୍ପ ଉଭୟ କ୍ଷତିଗ୍ରସ୍ତ ହୋଇଥିଲେ।

ବର୍ତ୍ତମାନ ବିମାନ ଚଳାଚଳ କ୍ଷେତ୍ରରେ ସମାନ ଧାରା ପରିଲକ୍ଷିତ ହେଉଛି। ନଭେମ୍ବର ୧, ୨୦୨୫ ରେ, ନିୟମ ଲାଗୁ କରିଥିଲା - ରାତି ଡ୍ୟୁଟି ହ୍ରାସ କରାଯାଇଥିଲା, ସାପ୍ତାହିକ ବିଶ୍ରାମ ବୃଦ୍ଧି କରାଯାଇଥିଲା। ଏହା ଫଳରେ ଇଣ୍ଡିଗୋ ସମେତ ଅନେକ ଏୟାରଲାଇନ୍ସ ପାଇଁ ପାଇଲଟ୍ ଉପଲବ୍ଧତା ହଠାତ୍ ହ୍ରାସ ପାଇଥିଲା ଏବଂ ହଜାର ହଜାର ଉଡ଼ାଣ ପ୍ରଭାବିତ ହୋଇଥିଲା। ଡିସେମ୍ବର ୪ ଏବଂ ୫, ୨୦୨୫ ରେ ବିମାନବନ୍ଦରରେ ବିଶୃଙ୍ଖଳା ସୃଷ୍ଟି ହେବା ପରେ, ଡିଜିସିଏ ନିଜସ୍ୱ ନିୟମକୁ ଶିଥିଳ କରିବାକୁ ବାଧ ହୋଇଥିଲା। ପ୍ରଥମେ, ନିୟମ ପରିବର୍ତ୍ତନ କରାଯାଇଥିଲା, । ତା'ପରେ ଏକ ସଙ୍କଟ ସୃଷ୍ଟି ହୋଇଥିଲା, ଏବଂ ତା'ପରେ, ସେହି ସଙ୍କଟ ମଧ୍ୟରେ, ନିୟମ ପ୍ରତ୍ୟାହାର କରାଯାଇଥିଲା। ସାଧାରଣ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟ ଶ୍ରେଣୀର ଯାତ୍ରୀ ପର୍ଯ୍ୟନ୍ତ ସମସ୍ତେ କଷ୍ଟ ଭୋଗିଥିଲେ।ଏବଂ ଏହି ଅସ୍ଥିରତା ମଧ୍ୟରେ, ନଭେମ୍ବର ୨୭, ୨୦୨୫ ରେ, ଆଦାନୀ ପ୍ରାୟ ୮୨୦ କୋଟି ଟଙ୍କାରେ ଭାରତର ସର୍ବବୃହତ୍ ପାଇଲଟ୍ ତାଲିମ କମ୍ପାନୀ ଏଫ୍‌ଏସ୍‌ଟିସିର ୭୩ ପ୍ରତିଶତ ଅଧିଗ୍ରହଣ କରିଥିଲେ। ଏହି ଚୁକ୍ତି ଏପରି ସମୟରେ ସମାପ୍ତ ହୋଇଥିଲା ଯେତେବେଳେ ଦେଶବ୍ୟାପୀ ପାଇଲଟ୍ ତାଲିମର ଅଭାବ, ସ୍ଲଟ୍ ଅଭାବ ଏବଂ ବିମାନ ଭିତ୍ତିଭୂମିର ଦୁର୍ବଳତା ସମସ୍ତ କ୍ରୋଧର ବିଷୟ ଥିଲା। ଏହି ସମୟ ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ ପ୍ରଥମେ ପରିସ୍ଥିତି ସୃଷ୍ଟି ହୋଇଥିଲା, ତା'ପରେ ସଙ୍କଟ ଉପୁଜିଥିଲା, ଏବଂ ଶେଷରେ ପ୍ରତ୍ୟେକ କ୍ଷେତ୍ରରେ ମୋଡ଼ରେ ଥିବା ବ୍ୟକ୍ତିମାନେ ସମାଧାନ ଖୋଜି ପାଇଥିଲେ। ତେଲ, କୋଇଲା, କିମ୍ବା ବର୍ତ୍ତମାନ ପାଇଲଟ୍ ତାଲିମ ହେଉ - କାହାଣୀ ସବୁଠି ସମାନ। ଉପରେ ଲାଭ, ତଳେ ଯନ୍ତ୍ରଣା। ଉପରେ ନିଷ୍ପତ୍ତି, ତଳେ ବୋଝ। ଚାଷୀ ଠାରୁ ଗ୍ରାହକ, କର୍ମଚାରୀ ଏବଂ ଯାତ୍ରୀ ପର୍ଯ୍ୟନ୍ତ - ସମସ୍ତେ କୌଣସି ନା କୌଣସି ଉପାୟରେ କ୍ଷତିଗ୍ରସ୍ତ ହୁଅନ୍ତି।

ଭାରତ ୧୯୯୦ ଏବଂ ୨୦୦୦ ଦଶକରେ ଏହାର ଆକାଶକୁ ଉଦାର କରିଥିଲା, ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା: ରାଷ୍ଟ୍ରାୟତ୍ତ ବାହକମାନଙ୍କର ଅଦକ୍ଷତାକୁ ଦୂର କରିବା, ଘରୋଇ ପୁଞ୍ଜିକୁ ଆମନ୍ତ୍ରଣ କରିବା ଏବଂ ଏକ ପ୍ରତିଯୋଗିତାମୂଳକ ବଜାର ସୃଷ୍ଟି କରିବା ଯାହା କମ୍ ଭଡ଼ା, ଉନ୍ନତ ସେବା ଏବଂ ବ୍ୟାପକ ସଂଯୋଗୀକରଣ ମାଧ୍ୟମରେ ଯାତ୍ରୀମାନଙ୍କୁ ଲାଭ ପହଞ୍ଚାଇବ। ଜେଟ୍ ଏୟାରୱେଜ୍ ଭାଙ୍ଗିଗଲା, ଏୟାର ଇଣ୍ଡିଆର ଘରୋଇକରଣ ହୋଇ ଟାଟା ଗ୍ରୁପକୁ ବିକ୍ରି ହୋଇଗଲା, ଏବଂ ଛୋଟ ଛୋଟ ବାହକମାନେ କାର୍ଯ୍ୟ ବଜାୟ ରଖିବା ପାଇଁ ସଂଘର୍ଷ କଲେ। ଏହି ଶୂନ୍ୟସ୍ଥାନରେ ଇଣ୍ଡିଗୋ ପ୍ରବେଶ କଲା। ସାମ୍ପ୍ରତିକ ବାଧା, ଯେଉଁଠାରେ ଇଣ୍ଡିଗୋ କିଛି ଦିନ ମଧ୍ୟରେ ହଜାରରୁ ଅଧିକ ବିମାନ ବାତିଲ କରିଥିଲା, ଦିଲ୍ଲୀରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ପ୍ରମୁଖ ବିମାନବନ୍ଦରରେ ଯାତ୍ରୀମାନଙ୍କୁ ଫସି ରଖିଥିଲା। ଇଣ୍ଡିଗୋର ପ୍ରାଧାନ୍ୟ ଯୋଗୁଁ ଅସୁବିଧାର ପରିମାଣ ବୃଦ୍ଧି ପାଇଥିଲା: ଯେତେବେଳେ ଗୋଟିଏ ଏୟାରଲାଇନ୍ ଅଧିକାଂଶ ସଂଯୋଗକୁ ନିୟନ୍ତ୍ରଣ କରେ, ଏହାର ବିଫଳତା ସମଗ୍ର ବ୍ୟବସ୍ଥାରେ ଲହରୀ ଖେଳାଯାଏ।

ସୁଜନପୁର, ଯାଜପୁର
୯୪୩୭୨୮୦୨୮

# ଅବୈଧ ଅନୁପ୍ରବେଶ ଯେତିକି ଚିନ୍ତାଜନକ ସେତିକି ବିତର୍କୀୟ

### ସୁଧାଂଶୁ ପାତ୍ର

**ବାଂଲାଦେଶୀଙ୍କୁ ବାଂଲାଦେଶରୁ ଆଣି ଭାରତରେ ବିଭିନ୍ନ ରାଜ୍ୟରେ ଅବସ୍ଥାପିତ କରିବାରେ ନିୟୋଜିତ ଦଲାଲ୍ ଏବେ ବି ଭାରତରେ ସକ୍ରିୟ ଅଛନ୍ତି ବୋଲି ଏନ୍.ଆଇ.ଏ ସ୍ପଷ୍ଟ କରିସାରିଛି । ଭାରତର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସି, ଏନ୍.ଆଇ.ଏ ପକ୍ଷରୁ ଚଢ଼ାଉ କରାଯାଇ ୫୦ରୁ ଅଧିକ ଦଲାଲଙ୍କ ଗିରଫଦାରି ପରେ ଅବୈଧ ଅନୁପ୍ରବେଶ ପ୍ରକ୍ରିୟା ଜାରିରହିଛି ବୋଲି ସ୍ପଷ୍ଟ ହୋଇଛି । ଏନ୍.ଆଇ.ଏ ଆହୁରି ଅଧିକ ତଥ୍ୟ ଦେବାକୁ ଯାଇ କହିଛି ଯେ, ଅନୁପ୍ରବେଶ କରାଉଥିବା ଦଲାଲଙ୍କର ନେଟୱାର୍କ ସାରା ଦେଶରେ କାର୍ଯ୍ୟ କରୁଛି ।**

ବେଆଇନ ଅବୈଧ ଅନୁପ୍ରବେଶ ଭାରତ ପାଇଁ ଚିନ୍ତାଜନକ ନିଶ୍ଚିତ । ପ୍ରସଙ୍ଗଟି ଯେତିକି ଚିନ୍ତାଜନକ ସେତିକି ବିତର୍କର ବିଷୟ ମଧ୍ୟ। ପାକିସ୍ତାନୀ ଉଗ୍ରବାଦୀ ହୁଅନ୍ତୁ କିମ୍ବା ରୋହିଙ୍ଗିଆ ଅବା ବାଂଲାଦେଶୀ, ସେମାନଙ୍କର ଭାରତ ମଧ୍ୟକୁ ଅବାଧ ଏବଂ ଅବୈଧ ଅନୁପ୍ରବେଶ ହିଁ ବିତର୍କର ବିଷୟ । ଯାହାକି ପ୍ରଶ୍ନର ଉଚ୍ଚା ପାହାଡ଼ ଠିଆ କରୁଛି । ଏହି ବିତର୍କରେ ବି.ଏସ୍.ଏଫ., ତଟ ସୁରକ୍ଷା ବାହିନୀ ଓ ରାଜ୍ୟ ପୋଲିସଙ୍କ କାର୍ଯ୍ୟଶୈଳୀ, ନିଜନିଜ କାର୍ଯ୍ୟରେ ପ୍ରତିବଦ୍ଧତା ଓ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠୁଛି ଅନୁପ୍ରବେଶ ପ୍ରସଙ୍ଗ ଉପରେ। ଫଳରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ତଥା ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ଅଟକ ଓ ଦେଶାନ୍ତରୀକରଣ ପ୍ରକ୍ରିୟା ଆରମ୍ଭ କରି, ଦିନରାତି ଏକାଠି କରିଦେଇଛନ୍ତି, ବିଭିନ୍ନ ରାଜ୍ୟ ସରକାର । ପ୍ରଶାସକମାନଙ୍କୁ ପ୍ରକ୍ରିୟା ଆରମ୍ଭ କରିବା ସହ ପୋଲିସକୁ ତତ୍ପରତା ପ୍ରକାଶ କରି ଯଥାଶୀଘ୍ର ଏହି ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାର ।

ଭାରତର ଅଧିକାଂଶ ରାଜ୍ୟକୁ ବ୍ୟାପି ସାରିଛି ଅବୈଧ ଅନୁପ୍ରବେଶ । ଏହି ଅନୁପ୍ରବେଶ ଦେଶକୁ ଚିନ୍ତିତ କରିବା ସହ ସେହିସବୁ ରାଜ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି । ମୁଖ୍ୟତଃ ଏହା ଭାରତୀୟ ଆର୍ଥିକ ସମ୍ବଳ ଉପରେ ପ୍ରଭାବ ତଥା ଚାପ ସୃଷ୍ଟି କରୁଛି ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ତାଙ୍କ ଅନ୍ତରୀଣ ଆଦେଶରେ ଦର୍ଶାଇ ସାରିଛନ୍ତି । ଧାରା-୬-ଏ ସାମ୍ବିଧାନିକକୁ ଚ୍ୟାଲେଞ୍ଜ କରୁଥିବା ଯୁକ୍ତି ବିବାଦର ମୂଳକାରଣ ବୋଲି କହି ମାନ୍ୟବର ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ମାଗିବା ସହ ଅଦାଲତଙ୍କର ଏହା ଉପରେ ତଥ୍ୟଭିତ୍ତିକ ସୂଚନ ପାଇବା ଉଚିତ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ ଜଣାଇସାରିଛନ୍ତି । ମାତ୍ର ସବୁଠାରୁ ବିଡ଼ମ୍ବନା ଯେ, ଏହା ଉପରେ କୌଣସି ତଥ୍ୟଭିତ୍ତିକ ରିପୋର୍ଟ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର, କାହା ପାଖରେ ହେଲେ ନାହିଁ । ଏବେ କେନ୍ଦ୍ର ସରକାର କାହାର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି । ଓଡ଼ିଶା ସମେତ ଅନ୍ୟ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନେ ସକ୍ରିୟ ହୋଇ ଉଠିଛନ୍ତି ।

ବାଂଲାଦେଶୀଙ୍କୁ ବାଂଲାଦେଶରୁ ଆଣି ଭାରତରେ ବିଭିନ୍ନ ରାଜ୍ୟରେ ଅବସ୍ଥାପିତ କରିବାରେ ନିୟୋଜିତ ଦଲାଲ୍ ଏବେ କି ଭାରତରେ ସକ୍ରିୟ ଅଛନ୍ତି ବୋଲି ଏନ୍.ଆଇ.ଏ ସ୍ପଷ୍ଟ କରିସାରିଛି । ଭାରତର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସି, ଏନ୍.ଆଇ.ଏ ପକ୍ଷରୁ ଚଢ଼ାଉ କରାଯାଇ ୫୦ରୁ ଅଧିକ ଦଲାଲଙ୍କ ଗିରଫଦାରି ପରେ ଅବୈଧ ଅନୁପ୍ରବେଶ ପ୍ରକ୍ରିୟା ଜାରିରହିଛି ବୋଲି ସ୍ପଷ୍ଟ ହୋଇଛି । ଏନ୍.ଆଇ.ଏ ମଧ୍ୟ ଅଧିକ ତଥ୍ୟ ଦେବାକୁ ଯାଇ କହିଛି ଯେ, ଅନୁପ୍ରବେଶ କରାଉଥିବା ଦଲାଲ୍‌ଙ୍କର ନେଟୱାର୍କ ସାରା ଦେଶରେ କାର୍ଯ୍ୟ କରୁଛି । ବହୁ ଦ୍ରୁତଗତିରେ ଗତିଶୀଳ ମଧ୍ୟ ହେଉଛି । ତ୍ରିପୁରା, ଆସାମ, ବେଙ୍ଗଲ, ଓଡ଼ିଶା, କର୍ଣ୍ଣାଟକ, ତାମିଲ୍‌ନାଡୁ, ତେଲେଙ୍ଗାନା, ହରିଆନା, ରାଜସ୍ଥାନ, ପଣ୍ଡିଚେରୀର ୫୫ଟି ସ୍ଥାନରେ ଚଢ଼ାଉ ବେଳେ ଏନ୍.ଆଇ.ଏ଼କୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି । ଦଲାଲଙ୍କ ଠାରୁ ବହୁ ନକଲି ଆଧାର, ପ୍ୟାନ୍‌କାର୍ଡ଼ ସହିତ ପରିଚୟ ସମ୍ପର୍କିତ ଅନ୍ୟାନ୍ୟ ବହୁ କାଗଜପତ୍ର ମଧ୍ୟ ଏନ୍.ଆଇ.ଏକୁ ମିଳିଛି ବୋଲି ଏନ୍.ଆଇ.ଏ ପକ୍ଷରୁ ତଥ୍ୟ ରଖାଯାଇଛି । ଜମ୍ମୁକାଶ୍ମୀର ଠାରୁ ରାଜସ୍ଥାନ ଏପରିକି ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଅବୈଧ ଅନୁପ୍ରବେଶକାରୀଙ୍କୁ ବିଭିନ୍ନ ସ୍ଥାନରେ ପରିଚୟପତ୍ର ସହ ଥଇଥାନ କରିବାରେ ସଫଳତାରେ ଦଲାଲମାନଙ୍କ ହାତ କେତେ ଦୂର ଲମ୍ବିଛି ବୋଲି ମଧ୍ୟ ପ୍ରମାଣିତ କରୁଛି । ଏକ ବଳିଷ୍ଠ ନେଟୱାର୍କ ଏ କ୍ଷେତ୍ରରେ ତୀବ୍ରଗତିରେ ଚାଲିଛି ବୋଲି ସୂଚନା ଦେଉଛି ।

ବାଂଲାଦେଶୀ ଅବୈଧ ଉପାୟରେ ଭାରତ ମଧ୍ୟକୁ ଅକ୍ଲେଶରେ ଅନୁପ୍ରବେଶ କରାଇ ଆସାମ ବେଙ୍ଗଲ ପରେ ଜାମ୍ମୁକାଶ୍ମୀରଠୁ ହାଇଦ୍ରବାଦ, ଚେନ୍ନାଇ ପର୍ଯ୍ୟନ୍ତ ଦଲାଲମାନେ ଅବସ୍ଥାପିତ କରାଇ ପାରୁଛନ୍ତି । ଏଥିରୁ ସ୍ପଷ୍ଟ ଭାବେ ଅନୁମାନ କରିହେବ ଯେ, ଏଥିରେ ଏକ ବିରାଟ ବଡ଼ ଦଲାଲ ନେଟୱାର୍କ ରହିଛି । ଏମାନଙ୍କୁ ଏ ପ୍ରକାର ନାଗରିକତ୍ୱ ପ୍ରଦାନ କରି ଏଠାକାର ରାଜନୀତିରେ ପ୍ରବେଶ କରାଇବା ସହ ସରକାର ଗଠନ କ୍ଷେତ୍ରରେ ଭୋଟ୍ ବ୍ୟାଙ୍କ ରୂପେ ଏମାନେ କାର୍ଯ୍ୟ କରୁଛନ୍ତି । ପ୍ରଶାସକଙ୍କର ମଧ୍ୟ ପ୍ରଚ୍ଛଦ ହାତ ରହିଛି ବୋଲି ଧରିବାକୁ ହେବ।

ଜାତୀୟ ରାଜନୀତି ସହ ଜାତୀୟ ସମ୍ବଳ ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ଅବୈଧ ଅନୁପ୍ରବେଶକାରୀଙ୍କର ବହୁ କୁପ୍ରଭାବ ପଡୁଛି ।

ଦେଶରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା କେତେ ତାହା କହିବା ଅସମ୍ଭବ। ତେବେ ଏହି ଅନୁପ୍ରବେଶକାରୀଙ୍କ ସଂଖା ଦେଶରେ ୧ କୋଟି ପାଖାପାଖି କୁହାଯାଉଥିବା ବେଳେ ରୋହିଙ୍ଗିଆଙ୍କ ସଂଖ୍ୟା ୫୦ ରୁ ୭୦ ହଜାରୁ ଅଧିକ ବୋଲି କୁହାଯାଇଛି । ଧ ଅନୁପ୍ରବେଶକାରୀଙ୍କ ଏକ ବଡ଼ ସଂଖ୍ୟା ମଣିପୁରରେ ମଧ୍ୟ ରହିଛନ୍ତି ।

ଅବୈଧ ଅନୁପ୍ରବେଶକାରୀଙ୍କ ହାତ ମଣିପୁର ହିଂସାରେ ରହିଛି ବୋଲି ମଧ୍ୟ ରିପୋର୍ଟ ଆସୁଛି । ସେ ବାଂଲାଦେଶୀ ହୁଅନ୍ତୁ ବା ରୋହିଙ୍ଗିଆ ହୁଅନ୍ତୁ ବା ଶରଣାର୍ଥୀ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ଭାରତ ସରକାରଙ୍କ ପାଇଁ ଏତେ ସହଜ ବ୍ୟାପାର ନୁହେଁ।

ଅନ୍ୟପକ୍ଷରେ ଯେତେବେଳେ ଏହି ପ୍ରସଙ୍ଗ ବା ଦାବି ଉଠୁଛି ସେତେବେଳେ ଆମେରିକା ଓ ୟୁରୋପରେ ଅବସ୍ଥାପିତ କେତେକ ମାନବାଧିକାର ସଂଗଠନ ପକ୍ଷରୁ ଘୋର ବିରୋଧୀ ସ୍ୱର ଉଠୁଛି । ଅବୈଧ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ହେଲେ ସୀମାରେ ଥିବା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି । ଅନୁପ୍ରବେଶକାରୀ ପ୍ରବେଶ ପ୍ରତି ଅଧିକ ଦୃଷ୍ଟିଦେବା ଦରକାର ଯେପରି ଏହାର ସଂଖ୍ୟା ଆଉ ନ ବଢ଼େ । ଅନ୍ୟ ପକ୍ଷରେ ମାନ୍ୟବର ସୁପ୍ରିମପୋର୍ଟ ମାଗିଥିବା ରିପୋର୍ଟ ଦାଖଲ କରିବା ଭାରତ ସରକାରଙ୍କ ପକ୍ଷେ ଏକ କଷ୍ଟସାଧ କାର୍ଯ୍ୟ ବୋଲି ମନେ ହେଉଛି। ତେଣୁ ୨୦୧୮ ଏବଂ ବିଗତ ଦିନରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସମ୍ପର୍କରେ ହାସଲ କରାଯାଇଥିବା ରିପୋର୍ଟ ଆଧାରରେ ହିଁ ଆନୁମାନିକ ଆକଳନ କରି କୋର୍ଟକୁ ସନ୍ତୁଷ୍ଟ କରିବେ ଭାରତ ସରକାର ନଚେତ୍ ଏନ୍.ଆଇ.ଆରର ସମୀକ୍ଷା ରିପୋର୍ଟ ଉପରେ ଭାରତ ସରକାରଙ୍କୁ ନିର୍ଭର କରବାକୁ ପଡ଼ିବ । କାରଣ ଏମାନଙ୍କ ଉପସ୍ଥିତି ଦିଲ୍ଲୀଦଙ୍ଗା ଦେଇ ମଣିପୁର ଅବା ପଞ୍ଜାବରେ ସେମାନଙ୍କ ସହଯୋଗ ଜାତୀୟ ସୁରକ୍ଷା ପ୍ରତି ବିପଦ । ଏବଂ ଦିଲ୍ଲୀ କାର୍ ବୋମା ବିସ୍ଫୋରଣ ପରି ବହୁ ଅଘଟଣ ଆତଙ୍କି କାର୍ଯ୍ୟ ବିଭିନ୍ନ ରାଜ୍ୟକୁ ବ୍ୟାପିବ । ରାଜ୍ୟମାନଙ୍କ ତରଫରୁ ଚଢ଼ାଉ ଓ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି ମାନେ ଅନୁପ୍ରବେଶର ପୂର୍ଣ୍ଣଚ୍ଛେଦ ପକାଇବା ଏବଂ ଏହାର ପୁନରାବୃତ୍ତିକୁ ସ୍ୱାଗତ ନକରିବା ପାଇଁ ସୁଚିନ୍ତିତ ଏବଂ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଦେବାକୁ ପଡ଼ିବ ଭାରତକୁ।

**ଜୟଦେବ ବିହାର**
**ମୋ: - ୯୦୯୦୩୨୩୨୬୦**

## ଶହୀଦ ରାଜଗୁରୁଙ୍କ ୨୨୦ତମ ବଳିଦାନ

ପୁରୀ,୮।୧୨(ନିପ୍ର): ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର, ସର୍ବୋଦୟ ମେଳା କମିଟି ଓ ଶହୀଦ ରାଜଗୁରୁ ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ସ୍ମୃତିପୀଠରେ ଶରତ ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ସଭା ଓ ଶହୀଦ ରାଜଗୁରୁଙ୍କ ୨୨୦ତମ ବଳିଦାନ ଦିବସ ପାଳିତ ହୋଇଛି। ଶ୍ରୀ ଜଗନ୍ନାଥ ଓ ଜୟୀ ରାଜଗୁରୁ ଶୀର୍ଷକ ଆଲୋଚନା ଚକ୍ରରେ ଶ୍ରୀ ଜଗନ୍ନାଥ ଗବେଷଣା କେନ୍ଦ୍ର ଓ ସର୍ବୋଦୟ ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେସନ ଟ୍ରଷ୍ଟର ଓଡିଶା ସଭାପତି ଓ ପ୍ରାକ୍ତନ ନିର୍ଦ୍ଦେଶକ ଭାରତ ସରକାର ମାନସ ରଞ୍ଜନ ମହାପାତ୍ର ସମ୍ୟକ ସୂଚନା ଦେଇ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ୨୮ରେ ରାଜ୍ୟସ୍ତରୀୟ ଚଷା ମହାସମାବେଶ

ଦେବଗଡ,୮।୧୨ (ନିପ୍ର): ରାଜ୍ୟସ୍ତରୀୟ ଚଷା ମହାସମାବେଶ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ଚଷା ସମାଜର ମହାସମାବେଶର ଆବାହକ ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କ ଆବାହକତ୍ୱରେ ଦେବଗଡ଼ ଜିଲ୍ଲା ରିଆମାଳ କଲ୍ୟାଣ ମଣ୍ଡପ ଠାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚାଷୀ ନେତା ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ରାଜ୍ଯ ସଂଯୋଜକ ଜୟକୃଷ୍ଣ ପ୍ରଧାନ, ସମାଜସେବୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, କୃଷକ ନେତା ପବିତ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ ଓ ଚଷା ସମାଜର କିପରି ମଙ୍ଗଳ ଓ ସୁଦୃଢ଼ ହେବ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ୨୮ ରେ ଅନୁଗୁଳ ଜିଲ୍ଲାର ବାମୁର ଠାରେ ହେବାକୁଥିବା ରାଜ୍ୟ ଚାଷୀ ମହାସମାବେଶ ପାଇଁ ଦେବଗଡ଼ ଜିଲ୍ଲାର ବିପୁଳ ସଦସ୍ୟ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ। ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ହେମନ୍ତ ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ, ପବିତ୍ର ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ବୈଠକରେ ଆୟୋଜକ ପୂର୍ବତନ ସରପଞ୍ଚ ତରଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଣପୁର ମହୋତ୍ସବ ଅର୍ଜୁନ ପାଇଁ ପ୍ରସ୍ତୁତି

ରଣପୁର,୮।୧୨ (ନିପ୍ର): ରଣପୁର ବ୍ଲକ ପରିସରରେ ଥିବା ସଭା ଗୃହରେ ରଣପୁର ମହୋତ୍ସବ ଅର୍ଜୁନ ୨୦୨୬ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ଅଧକ୍ଷା ରଣପୁର ବିଧାୟିକା ତଥା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ସ୍ୱାମୀ ବିପିନି ପାଢ଼ୀଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକ ସଭାରେ ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ ରଣପୁର ବିଡିଓ ମନୋଜ କୁମାର ନାୟକ. ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବେହେରା.ଏନ. ଏସି. ଅଧକ୍ଷା ରଙ୍ଗୀନ ମହାନ୍ତି ମହୋତ୍ସବ କମିଟି ଉପସଭାପତି ପରେଶ ମିଶ୍ର ବିଜୟ ସାରେ ଓ ମହୋତ୍ସବ କମିଟି ସମ୍ପାଦକ ସ୍ୱରାଜ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତି ବର୍ଷ ଭଳି ରଣପୁର ବାଘସାମନ୍ତ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ରଣପୁର ମହୋତ୍ସବ ଅର୍ଜୁନ ୨୦୨୬ ଜାନୁଆରୀ ୫ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନଧରି ଅନୁଷ୍ଠିତ ହେବ ତେବେ ସାରା ଓଡିଶାରେ ପାଳିତ ହେଉଥିବା ମହୋତ୍ସବ ମଧ୍ୟରୁ ଏହାର ଏକ ସ୍ୱତନ୍ତ୍ର ଭାବେ ପରିଚୟ ରହିଛି କାରଣ ଏହି ମହୋତ୍ସବ ରଣପୁର ଅଞ୍ଚଳ ବୀର ମାଟିର ଶହୀଦମାନଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଥାଏ।

## ୧୮ରୁ ପ୍ରଧାନପାଟ ଉତ୍ସବ

ଦେବଗଡ,୮।୧୨ (ନିପ୍ର): ପ୍ରଧାନପାଟ ଉତ୍ସବ ନିମନ୍ତେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ପ୍ରଧାନପାଟ ଉତ୍ସବ ପାଳନ ନିମନ୍ତେ ସମସ୍ତ ସଦସ୍ୟଙ୍କ ସହ ଆୟୋଜନ ପାଇଁ ତାରିଖ ନିର୍ଦ୍ଧାରଣ କରିଥିଲେ । ଆସନ୍ତା ଜାନୁୟାରୀ ମାସ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଉତ୍ସବ ଆୟୋଜନ ପାଇଁ ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି । ଉତ୍ସବ ଆୟୋଜନ ପାଇଁ ବିଭିନ୍ନ କମିଟିର ପୁନର୍ଗଠନ କରିବା ସଙ୍ଗେସଙ୍ଗେ ପରିଷଦରେ ଅନେକ ସଦସ୍ୟଙ୍କ ପରଲୋକ ହୋଇଯାଇଥିବାରୁ ନୂତନ ସଦସ୍ୟ ଗ୍ରହଣ ପାଇଁ ଜିଲ୍ଲାପାଳ ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଚନ୍ଦ୍ର ଗୁରୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, କମିଟି ର ସଦସ୍ୟ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଧାମନଗର ପ୍ରେସ କ୍ଲବର ବୈଠକ

ଧାମନଗର,୮।୧୨ (ନିପ୍ର); ଧାମନଗର ପ୍ରେସ କ୍ଲବ ପକ୍ଷରୁ ଏକ ବୈଠକ ସ୍ଥାନୀୟ ସାଗର ଭୂୟାଁ ପାର୍କ ନିକଟ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେସ କ୍ଲବର ସଭାପତି କିଷାନ କୁମାର ରାଉତ ପୌରୋହିତ୍ୟ କରିଥିଲେ। ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପୁରାତନ ସାମ୍ବାଦିକ ସଂଗଠନ ରୂପେ ପରିଚିତ ଧାମନଗର ପ୍ରେସ କ୍ଲବର ସାଂଗଠନିକ ଅଭିବୃଦ୍ଧି, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଏବଂ ଗଣମାଧମ ସମ୍ପର୍କିତ କର୍ମଶାଳା ଆୟୋଜନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ପ୍ରେସ କ୍ଲବର ଗରିମା ଓ ଗୌରବ ବଜାୟ ରଖିବା ଉପରେ ପ୍ରତ୍ୟେକ ସଦସ୍ୟଙ୍କ ଭୂମିକା ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ପ୍ରମୋଦ ସ୍ୱାଇଁଙ୍କୁ ନୂତନ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଶୃଙ୍ଖଳା କମିଟି ଅଧ୍ୟକ୍ଷ ବାସୁଦେବ ତ୍ରିପାଠୀ, ଉପଦେଷ୍ଟା ରସାନନ୍ଦ ମହାପାତ୍ର, ଅନିଲ କୁମାର ବାରିକ, ଦୀନବନ୍ଧୁ ଦାଶ, ବୈକୁଣ୍ଠ ସାହୁ, ଅଭିମନ୍ୟୁ ମଲ୍ଲିକ,ପ୍ରଦୀପ ମହାପାତ୍ର, ରଜତ ପଣ୍ଡା, ସୁଧାକର ଦାଶ, ଅନନ୍ତ ଜେନା, ଦେବେନ୍ଦ୍ର ଆନ୍ଦିଆ, ସନ୍ତୋଷ ମହାପାତ୍ର,ଦେବାଶିଷ ରଥ. କୁଳମଣି ବେହେରା, ଜଗନ୍ନାଥ ବେହେରା, ସଞ୍ଜୀବ ମହାନ୍ତି, ତାପସ ରଂଜନ ସାହୁ, ସେକ ହମିଦ, ପ୍ରଶାନ୍ତ ସାହୁ, ଜ୍ଞାନେନ୍ଦ୍ର ସାହୁ, ବିଭୂତି ମଲ୍ଲିକ, ଗୌରାଙ୍ଗ ଦାଶ, ସୁଦୀପ୍ତ ଖଟୁଆ, ବିଶ୍ୱଜିତ ପଲେଇ, ମାନଗୋବିନ୍ଦ ଜେନା, ସରୋଜ ଦାସ, ସରୋଜ ଖୁଣ୍ଟିଆ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ୧୯୮୬ ମାଟ୍ରିକ ବ୍ୟାଚ୍ ସହପାଠୀଙ୍କ ବନ୍ଧୁମିଳନ

ଖଣ୍ଡପଡ଼ା ୮।୧୨ (ନି.ପ୍ର) ଖଣ୍ଡପଡ଼ା ସହରର ଆରାଧ୍ୟାୟ ମା ଉମାଦେବୀଙ୍କ ପୀଠରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଖଣ୍ଡପଡ଼ା ବାଳିକା ଉଚ୍ଚବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚ ସହପାଠୀ,ସହପାଠିନୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ୭୦ ରୁ ଊର୍ଦ୍ଧ୍ୱ ସହପାଠୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା ଉମାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜ୍ୟ ଗୁରୁ ଗୋପୀନାଥ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସହପାଠୀ ଓ ସହପାଠିନୀମାନେ ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ପଣ୍ଡିତ ମନୋଜ ଦାଶ ଶ୍ଳୋକ ପାଠ କରିଥିଲେ।

ବନ୍ଧୁମିଳନ କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ରଥ, ଅନନ୍ତ ମହାପାତ୍ର,ଭବାନୀଶଙ୍କର ସିଂହସାମନ୍ତ, ମନୋରଞ୍ଜନ ରଥ,ମନୋଜ କୁମାର ଦାଶ,ସନ୍ତୋଷ କୁମାର ଶତପଥୀ,ପ୍ରସନ୍ନ କୁମାର ଖୁଣ୍ଟିଆ,ବନପ୍ରସାଦ ମହାପାତ୍ର, ମାନସ ମୋହନ ମିଶ୍ର,କମଳାକାନ୍ତ ଦାଶ,ବିଭୂତି ମହାପାତ୍ରଙ୍କ ସମେତ ଅନ୍ୟମାନେ ସକ୍ରିୟ ସହଯୋଗ କରିଥଲେ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

ଖଣ୍ଡପଡା,୮।୧୨(ନି.ପ୍ର) ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଲଡୁକେଶ୍ୱରଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାବାସାହେବ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ୬୯ ତମ ମହାପରିନିର୍ବାଣ ଦିବସ ଶନିବାର ପାଳିତ ହୋଇଯାଇଛି।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କୁମ୍ଭାରପଡା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା,ମୁଖ୍ୟ ବକ୍ତା ଭାବେ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦଳେଇ ଓ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ନରେନ୍ଦ୍ରନାଥ ଦାଶ,ଶିକ୍ଷକ ମନୋଜ କୁମାର ନାୟକ,ଅଧ୍ୟାପିକା ମଞ୍ଜୁଲତା ଭୋଇ,ବିଜୟଲକ୍ଷ୍ମୀ ରାଉତ,ଶିକ୍ଷାବିତ ଅଜୟ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ନିମନ୍ତେ ଏଭଳି କାର୍ଯ୍ୟକ୍ରମର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ଦେବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ।

### ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳା

# ପୁସ୍ତକ ମେଳା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଜ୍ଞାନ ଲାଭରେ କରେ ସହାୟତା

ଜଟଣୀ,୮।୧୨ (ନିପ୍ର): ଜଟଣୀସ୍ଥିତ ସ୍ଥାନୀୟ ଟାଉନ୍‌ହଲ୍ ପରିସରରେ ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳାର ଆରମ୍ଭ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ଜବାହରଲାଲ ସୁବୁଦ୍ଧି ସଭାର ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ, ଡ.ପ୍ରମୋଦଚନ୍ଦ୍ର ଦାଶ ଅତିଥି ଭାବେ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ସଭାରେ ଅତିଥିମାନେ କହିଥିଲେ ଜ୍ଞାନ ଆହରଣ ପାଇଁ ପୁସ୍ତକ ପଠନର ଆବଶ୍ୟକତା ରହିଛି। ପୁସ୍ତକ ମେଳା ଦ୍ୱାରା ବିଦ୍ୟାର୍ଥୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଜ୍ଞାନ ଲାଭ କରିବା ସହ ନୈତିକ ମୂଲ୍ୟବୋଧର ବିକାଶ ହୋଇଥାଏ । ଇଣ୍ଟରନେଟ୍ ଯୁଗରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟିକରିବାକୁ ପୁସ୍ତକ ମେଳାର ପ୍ରମୁଖ ଭୂମିକା ରହିଛି



। ଡ. ଶଶୀ ରଥ ବିବରଣୀପାଠ କରିଥିଲେ । ଏହି ଅବସରରେ କୁଞ୍ଜବିହାରୀ ପାଢ଼ୀଙ୍କ ଦ୍ୱାରା ଲିଖିତ 'ବାପାଙ୍କ କାହାଣୀ ଓ ଅନ୍ୟାନ୍ୟ ଗଳ୍ପ', ଡ.ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ଦିବ୍ୟଝରେ ଓ ପଦ୍ମପାଖୁଡ଼ା ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ରିତେଶ ଆଚାର୍ଯ୍ୟଙ୍କୁ ଜଟଣୀ ପୁସ୍ତକ ମେଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁସ୍ତକମେଳା ମଞ୍ଚରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାର ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା । ପୁସ୍ତକ ମେଳାରେ ଯୋଗଦେଇଥିବା ପ୍ରକାଶନୀ ସଂସ୍ଥାର ଷ୍ଟଲମାନଙ୍କରେ ଗହଳି ପରିଲକ୍ଷିତ ହୋଇଥିଲା । କ୍ଷୀରୋଦ କୁମାର ନନ୍ଦ, ଆଦିନାରାୟଣ ଖଣ୍ଡୁଆଳ, କିଶୋର ପାଇକରାୟ, ଡ. ସୁକାନ୍ତୀ ମହାପାତ୍ର, ଭବନୀଶଙ୍କର ମହାପାତ୍ର, ସ୍ୱସ୍ତିଦା ପାଳ, ଅଙ୍କିତା ଶର୍ମା, ସୁଶାନ୍ତ ରାଉତ, ଅଧ୍ୟାପକ ଡ.ଅଜୟ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଶ୍ମିନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପାଲାଗାୟକ ପଣ୍ଡିତ ରମାକାନ୍ତ ମିଶ୍ର ବେଦପାଠ କରିଥିଲେ। ପୁସ୍ତକମେଳାର ପ୍ରତିଷ୍ଠାତା ପ୍ର.ପ୍ରଫୁଲ୍ଲ କୁମାର ପାଇକରାୟଙ୍କ ସ୍ମୃତିଚାରଣ କରାଯାଇଥିଲା। ପୁସ୍ତକ ମେଳାରେ ରାଜ୍ୟର ନାମୀଦାମୀ ପୁସ୍ତକ ପ୍ରଣୟନ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ୭ ଦିନ ଧରି ପୁସ୍ତକମେଳା ହେବ। ବିଭିନ୍ନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାହିତ୍ୟ ସଭା ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ପୁସ୍ତକ ମେଳାରେ ପାଠକ ଓ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପୁସ୍ତମମେଳା ସମିତି ଆଶାବ୍ୟକ୍ତ କରିଛନ୍ତି।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁରରେ ସ୍ମାର୍ଟଇଣ୍ଡିଆ ହ୍ୟାକଥନ୍

ଗୁଣପୁର,୮।୧୨ (ନିପ୍ର): ବର୍ତ୍ତମାନ ବୈଷୟିକ ଚିନ୍ତାଧାରା ସମାଜକୁ ଆଗକୁ ନେଇପାରିବ। ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁରରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଏବଂ ଏଆଇସିଟିଇ ମିଳିତରେ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍-୨୦୨୫ ଗ୍ରାଣ୍ଡ ଫିନାଲି ହାର୍ଡୱେର ଏଡିସନ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାଙ୍ଗାଲୋର ସ୍ଥିତ ଏସେନ୍ସଶେର ସର୍ଭିସ ପ୍ରାଇଭେଟ୍ ଲିମିଟେଡ୍‌ର ସହଯୋଗୀ ନିର୍ଦ୍ଦେଶକ ଡ ସୁରେଶ ଆଦିଗା ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ବର୍ତ୍ତମାନ ଯୁଗରେ ନୂତନ ବୈଷୟିକ ଜ୍ଞାନ କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଛାତ୍ରଛାତ୍ରୀ ନୂତନ ଚିନ୍ତାଧାରା ନେଇ କାର୍ଯ୍ୟ କରିବା ସହ ସମାଜର ବର୍ତ୍ତମାନ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ହାଇଦ୍ରାବାଦ ସ୍ଥିତ ଡ଼ାଲଟା ମାର୍ଚ୍ଚ ଟେକ୍ନୋଲୋଜିର ମୁଖ୍ୟ ରଣନୀତି ଏବଂ ଅଭିନବ ଅଧିକାରୀ ଚନ୍ଦ୍ର ଦାସାକା ଯୋଗ ନୂତନ ଗବେଷଣା ବିଷୟ ରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀମାନେ ନୂତନ ଉଦ୍ଭାବନ ହିଁ ଦେଶକୁ ଆଗକୁ ବଢିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ମଞ୍ଚ ଦ୍ୱାରା ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ଗୁଣର ବିକାଶ କରିବା ସହ ସମାଜର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରିବା ଦିଗରେ ସହାୟକ ହେବ ବୋଲି କହିଥିଲେ।ବିଶ୍ୱବିଦ୍ୟାଳୟର କୁଳପତି ଡ଼ ଏ ଭି ଏନ ଏଲ ଶର୍ମା ଯୋଗ ଦେଇ ଏହି ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍ ପ୍ରତିଯୋଗିତା ଦ୍ୱାରା ଶିକ୍ଷ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ରେଜିଷ୍ଟ୍ରାର ଡଃ ଏନ ଭି ଜଗନ୍ନାଥ ରାଓ ବିଶ୍ୱବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ଓ ଉନ୍ନତି ବିଷୟରେ କହିଥିଲେ ।

## ଫଟାଫଟ କ୍ରିକେଟ ପ୍ରତିଯୋଗିତାରେ ଖୋର୍ଦ୍ଧା ଚାମ୍ପିୟନ

ଭାପୁର,୮।୧୨ (ନିପ୍ର); ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମ ଖେଳ ପଡିଆରେ ରବିବାର ଦିନ ୬ ଓଭର ବିଶିଷ୍ଟ ଫଟାଫଟ କ୍ରିକେଟ ପ୍ରତଯୋଗିତା ଚକ୍ରଧରପ୍ରସାଦ କ୍ରିକେଟ କ୍ଲବ ତରଫରୁ ଅନୁଷ୍ଠିତ ହୋଇଯାଇଛି ।ପ୍ରତିଯୋଗିତାର ପ୍ରଥମ ଫର୍ମାଟରେ,ଏମ.ଟି.ସି. କୋଣାର୍କ ନଗର, ଖୋର୍ଦ୍ଧା ପ୍ରତିଦ୍ୱନ୍ଦ୍ୱୀ ନୟାଗଡ଼-୧୧ ଠାରୁ ୩୧ ରନ ରେ ବିଜୟୀ ହୋଇଥିଲା।

ଦ୍ୱିତୀୟ ଫର୍ମାଟରେ ମଧ ପୂର୍ବ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ଖୋର୍ଦ୍ଧା ୧ ରନରେ ବିଜୟୀ ହୋଇଥିଲା। ତୃତୀୟ ଫର୍ମାଟରେ ମଧ ପୂର୍ବ ପ୍ରତିଦ୍ୱନ୍ଦ୍ୱୀ ନୟାଗଡ଼-୧୧ ଠାରୁ ଖୋର୍ଦ୍ଧା ୧୩ ରନରେ ବିଜୟୀ ହୋଇଥିଲା। ତିନୋଟି ଯାକ ମ୍ୟାଚ ଖୋର୍ଦ୍ଧାର ଏମଟିସି କୋଣାର୍କ ନଗର ଚାମ୍ପିୟନ ହୋଇ ମୁଖ୍ୟ ଅତିଥି ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

# ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ : ବିଭିନ୍ନ ପ୍ରକଳ୍ପର କଲେ ସମୀକ୍ଷା

ଯାଜପୁର,୮।୧୨(ନିପ୍ର): ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଯାଜପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶ୍ରୀ ମିଶ୍ର ପ୍ରଥମେ ପ୍ରସ୍ତାବିତ ଗୋପାଳପୁର ହସ୍ତତନ୍ତ ଗ୍ରାମ ଏବଂ ହସ୍ତତନ୍ତ ସମବାୟ ପରିଦର୍ଶନ କରି ବୁଣାକାରମାନଙ୍କ ସ୍ଥିତି ବିଷୟରେ ତଦାରଖ କରିଥିଲେ। ଏହା ପରେ ସଠୀପୁର କମ୍ପ୍ଲେକ୍ସ, ସାଇନ୍ସ ପାର୍କ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଚାନ୍ଦମା ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଦାନଗଦି ଓ ସୁକିନ୍ଦା ଅଞ୍ଚଳରେ କିଡନୀ ରୋଗୀଙ୍କ ପାଇଁ ପ୍ରସ୍ତାବିତ ଡାୟଲିସିସ କେନ୍ଦ୍ର ଏବଂ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଆ ଗୃହ ଓ ଏନଆରସି କେନ୍ଦ୍ର ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଓଡ଼ିଶାର ୧୩ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀଙ୍କ ସହ ଆଲୋଚନା କରି ବିଭିନ୍ନ କଥା ପଚାରି ବୁଝିଥିଲେ। ପରେ ବ୍ୟାସନଗର ସ୍ଥିତ ଟାଉନ୍ ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବଙ୍କ ସହ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ



ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଏବଂ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ସମୀକ୍ଷା ବୈଠକରେ ଶ୍ରୀ ମିଶ୍ର କହିଥିଲେ ଯେ ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି, ଯେଉଁଥିରେ ଯାଜପୁର ଭଳି ଐତିହ୍ୟ ସମୃଦ୍ଧ ଜିଲ୍ଲାର ମଧ ଏକ ବଡ଼ ଯୋଗଦାନ ରହିଛି। ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଯାଜପୁରର ବୌଦ୍ଧକୀର୍ତ୍ତି ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ସମାଜର ସବୁଠୁ ଦୁର୍ବଳ ଶ୍ରେଣୀ ନିକଟରେ ଯେମିତି ସରକାରୀ ଯୋଜନା ଏବଂ ସୁବିଧା ପହଞ୍ଚି ପାରିବ, ସେ ଦିଗରେ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବ: 'ମଣି ବେଜ ଥିଲେ ଆମ ଜାତିର ସଂପତ୍ତି'

ଭଦ୍ରକ,୮।୧୨ (ନିପ୍ର): ଭଦ୍ରକର ଐତିହ୍ୟ, ସଂସ୍କୃତି, ପରମ୍ପରା, କିମ୍ବଦନ୍ତୀ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ସଂଗ୍ରାମକୁ ଭଦ୍ରକର ଦାନ ଅତୁଳନୀୟ। ଭାରତ ଇତିହାସରେ ଭଦ୍ରକ ଯୁଗ ଯୁଗ ଧରି ସୁବର୍ଣ୍ଣ ପଦକ ମଣ୍ଡନ କରି ଇତିହାସର ମୂକସାକ୍ଷୀ ହୋଇ ରହିବ ଏଥିରେ ସନ୍ଦେହ ନାହିଁ। ରକ୍ତ ତୀର୍ଥ ଇରମର ମଣି ବେଜ୍ ଆମ ଜାତିର ସଂପତ୍ତି ଥିଲେ। ତାଙ୍କର ପ୍ରଚାର ପ୍ରସାର କରିବା ଆମର କର୍ତବ୍ୟ ହେବା ଉଚିତ୍ ବୋଲି ରାଜ୍ୟ କିଶାନ ମୋର୍ଚ୍ଚାର ଉପ ସଭାପତି ପୁନିଲ କୁମାର ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ବିଶିଷ୍ଟ ସମାଜସେବୀ ତଥା ସଂକ୍ରାନ୍ତି ସାହିତ୍ୟ ସନ୍ଧ୍ୟାର ସଭାପତି କବି ଦୀନବନ୍ଧୁ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଆମ ସମାଜର ପ୍ରତ୍ୟେକ ବ୍ୟକ୍ତି ମାନବୀୟ ସଂସ୍କୃତି ଉପରେ ପ୍ରାଧାନ୍ୟ ଦେବା ଉଚିତ୍। ଇଂରାଜୀ ଭାଷା ସାହିତ୍ୟ ଗବେଷକ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ପ୍ରାଧ୍ୟାପକ ସୁରେନ୍ଦ୍ର ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଦ୍ରକର ଐତିହ୍ୟ, ସଂସ୍କୃତି, ପରମ୍ପରା ଓଡ଼ିଶାର କିମ୍ବଦନ୍ତୀ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ।' ନାଟ୍ୟଭୂଷଣ ବଂଶୀବଲ୍ଲଭ ଗୋସ୍ୱାମୀ ମଂଚ'ର ' ଆମ ସଂସ୍କୃତିର ସୁରକ୍ଷା ଆମର କର୍ତବ୍ୟ 'ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ କାର୍ଯକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ।

ଏହି ଅବସରରେ ଅତିଥିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥିମାନଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରମ୍ଭରେ କୁନି କୁନି କାଳିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ରଚିତ ' ଗୋହିରା ଟିକିରା ରୁ ଷୋଳମପୁର' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା।ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକ ମାତୃ ବନ୍ଦନା ଗାନ କରିଥିଲେ ଏବଂ ଶେଷରେ ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଆଞ୍ଚଳିକ ଡେନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତାକର୍ଷକ ଥିଲା।

## ସପ୍ତମ ଜାତୀୟ ବରିଷ୍ଠ ନାଗରିକ ଖେଳ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୮।୧୨ (ନିପ୍ର): ସପ୍ତମ ଜାତୀୟ ବରିଷ୍ଠ ନାଗରିକ ଖେଳ ପ୍ରତିଯୋଗିତା ହାଇଦ୍ରାବାଦର ଓସମାନିଆ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରତିଯୋଗିତାରେ ଓଡିଶାରୁ ବାର ଜଣ ବରିଷ୍ଠ ଖେଳାଳୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରର ଆନ୍ତର୍ଜାତିକ ମାଷ୍ଟର ଆଥଲେଟ କିଶୋର ଚନ୍ଦ୍ର ରଥ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଓ ଟ୍ରିପଲ ଜମ୍ପରେ ରୌପ୍ୟପଦକ ପାଇ ସମଗ୍ର ଗଜପତି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ।

# ଭୋଜିଭାତ କରୁଥିବା ପର୍ଯ୍ୟଟକଠାରୁ ଅର୍ଥ ଆଦାୟକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା ୮।୧୨ (ନି.ପ୍ର) ନୟାଗଡ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ପରିଦର୍ଶନରେ ଆସୁଥିବା ଯାତ୍ରୀ,ପର୍ଯ୍ୟଟକ ଓ ଜନସାଧାରଣଙ୍କ ଠାରୁ କେତକ ଅସାମାଜିକ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ଜୋର ଜୁଲୁମ କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାନବାହନ ଗୁଡିକ ପାର୍କିଙ୍ଗ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନରେ ଭୋଜିଭାତ କରୁଥିବା ଜନସାଧାରଣଙ୍କ ଠାରୁ କେତେକ ଅସାମାଜିକ ବ୍ୟକ୍ତି ଜୋର ଜବରଦସ୍ତ ଅର୍ଥ ଆଦାୟ କରୁଥିବା ଜଣାପଡିଛି। ପାର୍କିଙ୍ଗ ସ୍ଥାନରେ ଗାଡି ପାର୍କିଙ୍ଗ ବାବଦକୁ ଅର୍ଥ ଆଦାୟ ସହ ଜୋର ଜୁଲୁମ କରି ଭୋଜିଭାତ ବାବଦରେ ଅନଧିକାର ଭାବେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏପରି ବେଆଇନ ଭାବେ ଯଦି ଜନସାଧାରଣ,ପର୍ଯ୍ୟଟକ ଓ ସେଠାକୁ ପରିଦର୍ଶନରେ ଆସୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଏ ତେବେ ଆଗାମୀ ଦିନରେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ପରିଦର୍ଶନରେ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



## ନବଜୋତ କୌର ସିଦ୍ଧୁ କଂଗ୍ରେସରୁ ନିଲମ୍ବିତ



ନୂଆଦିଲ୍ଲୀ,୮।୧୨: ମୁଖ୍ୟମନ୍ତ୍ରୀ ପଦ ପାଇଁ କଂଗ୍ରେସ '୫୦୦ କୋଟି ଟଙ୍କାର ସୁଟକେସ୍' ନେଇଥାଏ ବୋଲି ଅଭିଯୋଗ କରି ରାଜନୈତିକ ବିବାଦ ସୃଷ୍ଟି କରିଥିବା ପଞ୍ଜାବ କଂଗ୍ରେସ ନେତ୍ରୀ ନବଜୋତ କୌର ସିଦ୍ଧୁଙ୍କୁ ଦଳର ରାଜ୍ୟ ୟୁନିଟ୍ ତୁରନ୍ତ ନିଲମ୍ବନ କରିଛି। ତାଙ୍କର ଏହି ମନ୍ତବ୍ୟ ରବିବାର ଆସିଥିଲା, ଯେଉଁଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ କଂଗ୍ରେସ ତାଙ୍କ ସ୍ୱାମୀ ନବଜୋତ ସିଂହ ସିଦ୍ଧୁଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷଣା କଲେ ହିଁ ସେ ସକ୍ରିୟ ରାଜନୀତିକୁ ଫେରିବେ। ନବଜୋତ କୌର କହିଥିଲେ, "ମୁଖ୍ୟମନ୍ତ୍ରୀ ଚୌକିରେ ବସିବା ପାଇଁ ଆମ ପାଖରେ ୫୦୦ କୋଟି ଟଙ୍କା ନାହିଁ," ଏହା ସହ ସେ ଯୋଡ଼ିଥିଲେ ଯେ "ଯିଏ ୫୦୦ କୋଟି ଟଙ୍କାର ସୁଟକେସ୍ ଦିଏ, ସେ ହିଁ ମୁଖ୍ୟମନ୍ତ୍ରୀ ହୁଏ।" ସେ ଏହା ମଧ୍ୟ ଅଭିଯୋଗ କରିଥିଲେ ଯେ ଦଳ ଭିତରେ ଗଭୀର କନ୍ଦଳ ରହିଛି ଏବଂ ଅତି କମରେ ପାଞ୍ଚ ଜଣ ନେତା ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ଅଛନ୍ତି। କୌଣସି କାରଣ ନ ଦର୍ଶାଇ କଂଗ୍ରେସ ତାଙ୍କୁ ନିଲମ୍ବନ କରିଥିଲେ ମଧ୍ୟ, ଏହି ମନ୍ତବ୍ୟ ପରେ ବିରୋଧୀ ଦଳମାନେ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିଲେ। ଭାଜପା ମୁଖପାତ୍ର ଏହାକୁ କଂଗ୍ରେସରେ "ସଂସ୍ଥାଗତ ଦୁର୍ନୀତି"ର ପ୍ରମାଣ ବୋଲି କହିଥିବାବେଳେ, ପଞ୍ଜାବ ଭାଜପା ମୁଖ୍ୟ ସୁନୀଲ ଜାଖଡ଼ ପୂର୍ବରୁ କଂଗ୍ରେସର ଜଣେ ମୁଖ୍ୟମନ୍ତ୍ରୀ ୩୫୦ କୋଟି ଟଙ୍କା ଦେଇ ପଦ ପାଇଥିବା କଥା ଶୁଣିଥିବା ଅଭିଯୋଗ କରିଥିଲେ। ଏହି ବିବାଦ ପରେ ପଞ୍ଜାବ କଂଗ୍ରେସରେ ଆଭ୍ୟନ୍ତରୀଣ ଅଶାନ୍ତି ପୁଣି ଥରେ ତେଜିଛି।

## ସପ୍ତମ ଦିନରେ ବି ଇଣ୍ଡିଗୋର ହାଲ ବେହାଲ୍

# ୪୫୦ରୁ ଅଧିକ ଉଡ଼ାଣ ବାତିଲ



ନୂଆଦିଲ୍ଲୀ,୮/୧୨: ୭ଦିନ ପରେ ମଧ୍ୟ ଇଣ୍ଡିଗୋର ଅପରେସନ ସଙ୍କଟର ସମାଧାନ ହୋଇନାହିଁ। ସୋମବାର ଦିନ, ବିଭିନ୍ନ ବିମାନବନ୍ଦରରେ ୪୫୦ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି। ଭାରତ ପୂର୍ବରୁ କେବେ ଏପରି ସଙ୍କଟର ସମ୍ମୁଖୀନ ହୋଇନଥିବା ହେତୁ ସରକାର ଇଣ୍ଡିଗୋକୁ ଏହାର ବିମାନ ଉଡାଣ ସ୍ୱାଭାବିକ କରିବାକୁ ଏବଂ ଯାତ୍ରୀମାନଙ୍କ ଅସୁବିଧାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚେତାବନୀ ସତ୍ତ୍ୱେ, ବିମାନ ବାତିଲ ଜାରି ରହିଛି। ଆଜି ଦିଲ୍ଲୀ ବିମାନବନ୍ଦରରୁ ୧୩୪ଟି ଇଣ୍ଡିଗୋ ବିମାନ ବାତିଲ ହୋଇଛି । ବେଙ୍ଗାଲୁରୁ ବିମାନବନ୍ଦରରୁ ୧୨୭ଟି, ଚେନ୍ନାଇରୁ ୭୧ଟି, ହାଇଦ୍ରାବାଦରୁ ୭୭ଟି ଏବଂ ଜାମ୍ମୁରୁ ୨୦ଟି ବିମାନ ବାତିଲ ହୋଇଛି। ସେହିପରି ଅହମ୍ମଦାବାଦରେ ୨୦ଟି ଓ ବିଶାଖାପାଟଣାରେ ୭ଟି ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା। ମୁମ୍ବାଇ ଏବଂ କୋଲକାତା ସମେତ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି ହୋଇଥିବା ସୂଚନା ମିଳିଛି। ସକାଳ ୧୦ଟା ୩୦ ସୁଦ୍ଧା ମୋଟ ୪୫୬ଟି ବିମାନ ଉଡ଼ାଣ ବାତିଲ କରାଯାଇଛି। ରବିବାର ଦିନ ଇଣ୍ଡିଗୋ ୬୫୦ ରୁ ଅଧିକ ଉଡ଼ାଣ ବାତିଲ କରିଥିଲା । ଅଧିକାରୀଙ୍କ ଅନୁଯାୟୀ, ପ୍ରଭାବିତ ଯାତ୍ରୀଙ୍କ ପାଇଁ ୬୧୦ କୋଟିରୁ ଅଧିକ ମୂଲ୍ୟର ଟିକେଟ୍ ଫେରସ୍ତ ପ୍ରକ୍ରିୟାକରଣ କରାଯାଇଛି। କମ୍ପାନୀ କହିଛି ଯେ, ପାଇଲଟଙ୍କ ବିଶ୍ରାମ ଉପରେ ସରକାରୀ ନିୟମାବଳୀ, ଯାହାକୁ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ ମାନଦଣ୍ଡ କୁହାଯାଏ। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ କକପିଟ୍ କୁ ଅଭାବ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା। ଏହି ନିୟମାବଳୀ କାର୍ଯ୍ୟକାରୀ ହେବା ପରେ, ବ୍ୟାପକ ଉଡ଼ାଣ ବାତିଲ ହୋଇଥିଲା, ଯାହା ଫଳରେ ଦେଶର ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏହା ପରେ, ସରକାର ନିୟମଗୁଡ଼ିକୁ ସ୍ଥଗିତ ରଖିଥିଲେ ଏବଂ ବିମାନ କମ୍ପାନୀଗୁଡ଼ିକ ଡିସେମ୍ବର ୧୦ ସୁଦ୍ଧା ସ୍ୱାଭାବିକ କାର୍ଯ୍ୟକୁ ଫେରିବାକୁ ଆଶା କରୁଛନ୍ତି।ଏହି ସମୟରେ, ଏୟାରଲାଇନ୍ ପାଇଲଟ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ସାମ୍ଭିକ୍ ବାନାର୍ଜୀ କହିଛନ୍ତି ଯେ, ଉଡ଼ାଣ ସୁରକ୍ଷା ବିପଦରେ ଅଛି। ବିମାନ କମ୍ପାନୀଗୁଡ଼ିକ ପାଇଲଟ୍ ସୁରକ୍ଷା ଅପେକ୍ଷା ଲାଭକୁ ପ୍ରାଥମିକତା ଦେଇ ନିଜ ଇଚ୍ଛା ପୂରଣ କରିବାକୁ ଅତ୍ୟଧିକ ଚେଷ୍ଟା କରୁଛନ୍ତି। ଏଫଡିଟିର ସଂଶୋଧିତ ନିୟମାବଳୀ, ଯାହାର ଏସଓପିଗୁଡ଼ିକୁ ସମୟାନୁବର୍ତ୍ତୀ କାର୍ଯ୍ୟଦକ୍ଷତା ବଜାୟ ରଖିବା ପାଇଁ ବର୍ଷ ବର୍ଷ ଧରି ସତର୍କତାର ସହ ପାଳନ କରାଯାଉଛି।

### ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୮।୧୨: ଇଣ୍ଡିଗୋ ସଙ୍କଟ ନେଇ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ । ଦେଶର ସର୍ବୋଚ୍ଚ ଅଦାଲତ ଇଣ୍ଡିଗୋ ସଙ୍କଟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ ସରକାର ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଯଦି ପରିସ୍ଥିତି ସେହିପରି ରହିଥାନ୍ତା ତେବେ ଏହା ଭିନ୍ନ କଥା ହୋଇଥାନ୍ତା । ଆମେ ବୁଝୁଛୁ ଯେ ଲକ୍ଷ ଲକ୍ଷ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସରକାର ଏହି ମାମଲାକୁ ପରିଚାଳନା କରୁଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଜାଣିରଖିବା ଉଚିତ ଯେ, ୧୦୦୦ ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ୍ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସୁପ୍ରିମକୋର୍ଟର ଓକିଲ ନରେନ୍ଦ୍ର ମିଶ୍ର ଏହି ସଙ୍କଟ ନେଇ ତୁରନ୍ତ ହସ୍ତକ୍ଷେପ ପାଇଁ ଏକ ପିଆଇଏଲ୍ ଦାୟର କରିଛନ୍ତି। ପିଟିସନରେ ପ୍ରଭାବିତ ଯାତ୍ରୀଙ୍କ ପାଇଁ ବିକଳ୍ପ ଯାତ୍ରା ଏବଂ କ୍ଷତିପୂରଣ ଦାବି କରାଯାଇଛି।

## ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା

# ୩ ଅଧିକାରୀଙ୍କ ସମେତ ୪ ଗିରଫ



ପରିବାରକୁ ୨୫ ମୃତଦେହ ହସ୍ତାନ୍ତର

ନୂଆଦିଲ୍ଲୀ,୮/୧୨; ଗୋଆର ଅରପୋରା ଅଞ୍ଚଳରେ ଥିବା ଏକ ନାଇଟ୍ କ୍ଲବରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ୫ ଜଣ ପର୍ଯ୍ୟଟକ ଓ ୨୦ ଜଣ କ୍ଲବ କର୍ମଚାରୀ ରହିଛନ୍ତି। ଏହି ଭୟଙ୍କର ଟ୍ରାଜେଡି ସମସ୍ତଙ୍କୁ ସ୍ତବ୍ଧ କରିଛି । ସମସ୍ତ ୨୫ ମୃତଦେହକୁ ଚିହ୍ନଟ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଅବହେଳା କାରଣ ଦର୍ଶାଯାଇ ୩ ଅଧିକାରୀଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଗୋଟିଏ ସପ୍ତାହରେ ତଦନ୍ତ ରିପୋର୍ଟ ଆସିବ। ଦୁର୍ଘଟଣାଟି ଉତ୍ତର ଗୋଆର ଅରପୋରା ଗାଁରେ ହୋଇଛି ଯାହା ରାଜଧାନୀ ପାଣାଜୀଠୁ ୨୫ କିଲୋମିଟର ଦୂରରେ। ୪ ଜଣ ଗିରଫ, ମାଲିକ ଉପରେ ମାମଲା ରୁଜୁ- କ୍ଲବର ଡ୍ୟାନ୍ସ ଫ୍ଲୋରରୁ ପ୍ରଥମେ ନିଆଁ ଲାଗିଥିଲା । ବୈଦ୍ୟୁତିକ ଆତସବାଜି ଯୋଗୁ ଅଗ୍ନିକାଣ୍ଡ ଘଟିଛି । କ୍ଲବର ଏଣ୍ଟ୍ରି-ଏକଜିଟ୍ ଅଣଓସାରିଆ ହୋଇଥିବାରୁ ଲୋକ ବାହାରି ପାରିନଥିଲେ । ଫଳରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶଙ୍କ ଜୀବନ ଯାଇଛି । ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାଇଟ୍ କ୍ଲବ୍ ପରିଚାଳନା ଦଳର ୪ ଜଣଙ୍କୁ ଗିରଫ କରିଛି। ଏଥିରେ ମୁଖ୍ୟ ମହାପ୍ରବନ୍ଧକ, ମହାପ୍ରବନ୍ଧକ, ବାର ପରିଚାଳକ ଏବଂ ଗେଟ୍ ପରିଚାଳକ ଅନ୍ତର୍ଭୁକ୍ତ । କ୍ଲବ୍ ମାଲିକ ଏବଂ ଇଭେଣ୍ଟ ଆୟୋଜକଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଘଟଣାରେ ୩ ସରକାରୀ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ୨୦୨୩ ମସିହାରେ ସୁରକ୍ଷା ନିୟମ ଉଲ୍ଲଂଘନ ସତ୍ତ୍ୱେ କ୍ଲବକୁ କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଥିବା ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ଘଟଣାର ତଦନ୍ତ ପାଇଁ ସରକାର ଏକ ୩ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି । ଏଥିରେ ଦକ୍ଷିଣ ଗୋଆର କଲେକ୍ଟର, ଅଗ୍ନିଶମ ଏବଂ ଜରୁରୀକାଳୀନ ସେବାର ଉପ-ନିର୍ଦ୍ଦେଶକ ଏବଂ ଫୋରେନସିକ୍ ଲ୍ୟାବର ନିର୍ଦ୍ଦେଶକ ଅଛନ୍ତି । କମିଟିକୁ ସପ୍ତାହେ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ଦୁର୍ଘଟଣାରେ ୬ ଜଣ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୫ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । କେତେକଙ୍କ ଅବସ୍ଥା ଗୁରୁତର ରହିଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି । ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି । ଅନ୍ୟ ରାଜ୍ୟ ଏବଂ ନେପାଳରୁ ଆସିଥିବା କର୍ମଚାରୀଙ୍କ ମୃତଦେହକୁ ସେମାନଙ୍କ ଘରକୁ ପଠାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି ।

## ଆମେରିକା ସହିତ ଶାନ୍ତି ଆଲୋଚନା ସହଜ ନୁହେଁ : ଜେଲେନସ୍କି

ନୂଆଦିଲ୍ଲୀ,୮।୧୨: ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ୟୁକ୍ରେନର ଶାନ୍ତି ଯୋଜନା ଉପରେ ଆମେରିକୀୟ ପ୍ରତିନିଧିମାନଙ୍କ ସହିତ ଆଲୋଚନା ଗଠନମୂଳକ କିନ୍ତୁ ସହଜ ନୁହେଁ । ଜେଲେନସ୍କି ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ସହିତ କଥା ହୋଇଥିଲେ ଏବଂ ସୋମବାର ଲଣ୍ଡନରେ ଫରାସୀ, ବ୍ରିଟିଶ ଏବଂ ଜର୍ମାନ ନେତାମାନଙ୍କୁ ଭେଟି ପାରନ୍ତି । ବ୍ରୁସେଲ୍ସରେ ଆହୁରି ଆଲୋଚନା ଯୋଜନା କରାଯାଇଥିବା ଜେଲେନସ୍କି କହିଛନ୍ତି । ଗତକାଲି ରାତିରେ ଜେଲେନସ୍କି ଏକ ଭିଡିଓ କରି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, ଆମେରିକୀୟ ପ୍ରତିନିଧିମାନେ ୟୁକ୍ରେନର ମୌଳିକ ସ୍ଥିତି ଜାଣନ୍ତି । ଏ ପରିସ୍ଥିତିର ଆଲୋଚନା ଗଠନମୂଳକ ଥିଲା କିନ୍ତୁ ସହଜ ନୁହେଁ। ଟ୍ରମ୍ପ କହିଛନ୍ତି ଯେ, ୟୁକ୍ରେନରେ ରୁଷର ଯୁଦ୍ଧ ଏବେ ୪ବର୍ଷ ହେବାକୁ ଯାଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଏହା ସବୁଠାରୁ ଭୟଙ୍କର ଯୁଦ୍ଧ । ଏହା ତାଙ୍କପାଇଁ ସବୁଠାରୁ କଷ୍ଟକର ବୈଦେଶିକ ନୀତି ଚ୍ୟାଲେଞ୍ଜ ବୋଲି ଟ୍ରମ୍ପ କହିଛନ୍ତି । ଆମେରିକାର ମଧ୍ୟସ୍ଥତା ଏବଂ ଉଚ୍ଚସ୍ତରୀୟ ଯୋଗାଯୋଗ ସତ୍ତ୍ୱେ ଶାନ୍ତି ଆଲୋଚନାରେ ଅଗ୍ରଗତି ଧୀର ରହିଛି । କିଭ୍ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଏବଂ ରୁଷ-ଅଧିକୃତ ଅଞ୍ଚଳର ସ୍ଥିତି ଉପରେ ବିବାଦ ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ । ଘଟଣାରେ ମସ୍କୋ କହିଛି ସେ ଆଲୋଚନା ପାଇଁ ପ୍ରସ୍ତୁତ ଅଛି ଏବଂ ଶାନ୍ତିକୁ ବାଧା ଦେବା ପାଇଁ କିଭ୍ ଏବଂ ପଶ୍ଚିମକୁ ଦାୟୀ କରିଛି । ୟୁକ୍ରେନ୍ ଏବଂ ଏହାର ସହଯୋଗୀମାନେ କହିଛନ୍ତି ଯେ ରୁଷ ଏହାର ଲାଭକୁ ଦୃଢ଼ କରିବା ପାଇଁ କୂଟନୀତିକୁ ଅଟକାଉଛି ଏବଂ ବ୍ୟବହାର କରୁଛି । ୟୁରୋପୀୟ ନେତାମାନେ ୟୁକ୍ରେନ୍ ପାଇଁ ଏକ ପର୍ଯ୍ୟାୟକ୍ରମେ କୂଟନୀତିକ ପ୍ରକ୍ରିୟାକୁ ସମର୍ଥନ କରିଛନ୍ତି, ଯାହା ଦୀର୍ଘକାଳୀନ ସୁରକ୍ଷା ଗ୍ୟାରେଣ୍ଟି ଏବଂ ନିରନ୍ତର ସାମରିକ ସହାୟତା ସହିତ ଜଡିତ ।

## ଭାରତରେ ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ସେବାର ମୂଲ୍ୟ ଘୋଷଣା କଲା କମ୍ପାନି

ନୂଆଦିଲ୍ଲୀ,୮।୧୨: ଏଲନ ମସ୍କଙ୍କ କମ୍ପାନି ସ୍ପେସଏକ୍ସ ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସର୍ଭିସ ଷ୍ଟାରଲିଙ୍କର ମୂଲ୍ୟ ଘୋଷଣା କରିଛି। କମ୍ପାନି ସୋମବାର ଏହାର ପ୍ରଥମ ପ୍ଲାନର ମୂଲ୍ୟ ଘୋଷଣା କରିଛି। ଏହା ହେଉଛି ରେସିଡେନ୍ସିଆଲ ପ୍ଲାନ। ଏହି ରେସିଡେନ୍ସିଆଲ ପ୍ଲାନ ପାଇଁ ୟୁଜର୍ସଙ୍କୁ ମାସିକ ୮, ୬୦୦ ଟଙ୍କା ଦେବାକୁ ହେବ। ସେହିଭଳି ହାର୍ଡୱେର ଭାବରେ ସାଟେଲାଇଟ ଡିସ୍ କିଟ୍ ନେବାକୁ ହେବ। ଯାହାର ଦାମ୍ ୩୪ ହଜାର ଟଙ୍କା ରହିବ। କମ୍ପାନିର କହିବା ଅନୁସାରେ, ୟୁଜର୍ସଙ୍କୁ ୩୦ ଦିନର ଟ୍ରାଏଲ ସୁବିଧା ଦିଆଯିବ। ଯଦି ଗ୍ରାହକଙ୍କୁ ଷ୍ଟାରଲିଙ୍କର ସେବା ପସନ୍ଦ ଆସୁନାହିଁ, ତେବେ ସେମାନେ ପୂରା ଟଙ୍କା ଫେରସ୍ତ ନେଇପାରିବେ। ୨୦୨୬ ଜାନୁଆରୀରୁ ସେବା ଆରମ୍ଭ ହେବ। ସାଟେଲାଇଟ ଇଣ୍ଟରନେଟ ସର୍ଭିସ ଆରମ୍ଭ ହେବା ଦ୍ୱାରା ଅନଲିମିଟେଡ ଡାଟା ସହ ୯୯.୯% ଅପ୍ଟାଇମ ମିଳିବ।

## ବିନା ଅନୁମତିରେ କାଶ୍ମୀରରେ ବୁଲୁଥିବା ଚୀନ୍ ନାଗରିକ ଗିରଫ

ଶ୍ରୀନଗର,୮।୧୨: ଜମ୍ମୁକାଶ୍ମୀରରେ ବିନା ଅନୁମତିରେ ବୁଲୁଥିବା ଜଣେ ଚୀନ୍ ନାଗରିକଙ୍କୁ ଗିରଫ କରିଛନ୍ତି ସୁରକ୍ଷା ଏଜେନ୍ସି । ଲଦାଖ ଏବଂ କାଶ୍ମୀରର ସମ୍ବେଦନଶୀଳ ଅଞ୍ଚଳରେ ସେ ବୁଲୁଥିଲେ । ୨୯ ବର୍ଷୀୟ ଚୀନ୍ ନାଗରିକ ନଭେମ୍ବର ୧୯ରେ ଟୁରିଷ୍ଟ ଭିସାରେ ଭାରତ ଆସିଥିଲେ । ତାଙ୍କୁ ବାରଣାସୀ, ଆଗ୍ରା, ନୂଆଦିଲ୍ଲୀ, ଜୟପୁର, ସାରନାଥ, ଗୟା ଏବଂ ଖୁସିନଗରରେ ଥିବା ବୌଦ୍ଧ ଧର୍ମସ୍ଥଳକୁ ଯିବାକୁ ଅନୁମତି ଥିଲା । କିନ୍ତୁ ହୁ କୋଙ୍ଗତାଇ ନଭେମ୍ବର ୨୦ରେ ଦିଲ୍ଲୀରୁ ବିମାନ ଯୋଗେ ଲେହରେ ପହଞ୍ଚିଥିଲେ । ସେଠାରୁ ସେ ଲଦାଖରେ ପହଞ୍ଚିଥିଲେ। ଲେହ ଏୟାରପୋର୍ଟରେ ଥିବା ବିଦେଶୀ ରିଜିଓନାଲ୍ ପଞ୍ଜିକରଣ କାର୍ଯ୍ୟାଳୟକୁ ଯାଇନଥିଲେ । ନିୟମ ଅନୁସାରେ ଯେକୌଣସି ବିଦେଶୀ ନାଗରିକଙ୍କୁ ଏୟାରପୋର୍ଟରେ ଥିବା କାଉଣ୍ଟରରେ ପଞ୍ଜିକରଣ କରିବା ଆବଶ୍ୟକ । କିନ୍ତୁ କୋଙ୍ଗତାଇ ଏଭଳି କରିନଥିଲେ । ସେ ଜଂସ୍କାର ଅଞ୍ଚଳରେ ୩ ଦିନ ବୁଲାବୁଲି କରିଥିଲେ । ଏହା ପରେ କୋଙ୍ଗତାଇ ଶ୍ରୀନଗରର ବିଭିନ୍ନ ସ୍ଥାନକୁ ଯାଇଥିଲେ । ତାଙ୍କ ପାଖରୁ ମିଳିଥିବା ଫୋନ୍ରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି । ସେ ସିଆରପିଏଫ ଯବାନ କେଉଁ ସ୍ଥାନରେ ମୁତୟନ ହୋଇଛନ୍ତି, ସେନେଇ ସେ ତଥ୍ୟ ଯୋଗାଡ କରୁଥିଲେ ।

## ଆମେରିକା ସାଂସଦ ଜାରି କଲେ ବାର୍ଷିକ ପ୍ରତିରକ୍ଷା ବିଲ୍

# କ୍ୱାଡ୍ ଜରିଆରେ ଭାରତ ସହ ସହଯୋଗ ବଢାଇବା ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ,୮।୧୨: ଆମେରିକାର ବାର୍ଷିକ ପ୍ରତିରକ୍ଷା ନୀତି ବିଲ ଭାରତ ସହ ସହଯୋଗକୁ ବ୍ୟାପକ କରିବା ନେଇ ଜୋର ଦିଆଯାଇଛି। ଏଥିରେ କ୍ୱାଡ ଜରିଆରେ ସହଯୋଗ ବୃଦ୍ଧି କରିବା କଥା କୁହାଯାଇଛି। ଯାହାଫଳରେ ଏକ ମୁକ୍ତ ଏବଂ ଖୋଲା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବଜାୟ ରଖିବା ସହ ଚୀନର ଚ୍ୟାଲେଞ୍ଜକୁ ମୁକାବିଲା କରିହେବ। ସାଂସଦମାନେ ରବିବାର ଆର୍ଥିକ ବର୍ଷ ୨୦୨୬ ପାଇଁ ନ୍ୟାସନାଲ ଡିଫେନ୍ସ ଅଥୋରାଇଜେସନ୍ ଆକ୍ଟ ବିଲ୍ ଜାରି କରିଛନ୍ତି। ଏହା ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରତିରକ୍ଷା ମେଣ୍ଟ ଏବଂ ସହଭାଗୀତା ପ୍ରତି କଂଗ୍ରେସର ଦୃଷ୍ଟିକୋଣକୁ ରୂପରେଖା ପ୍ରଦାନ କରିଛି। ଏଥିରେ କୁହାଯାଇଛି, ପ୍ରତିରକ୍ଷା ସଚିବ ଚୀନ୍ ସହିତ ରଣନୈତିକ ପ୍ରତିଯୋଗିତାରେ ଆମେରିକାର 'ତୁଳନାତ୍ମକ ଲାଭ' ବୃଦ୍ଧି କରିବା ପାଇଁ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକାର ପ୍ରତିରକ୍ଷା ମେଣ୍ଟ ଏବଂ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିବା ଉଚିତ। ଏହି ପ୍ରୟାସ ଦ୍ୱାରା ଭାରତ ସହ କମ୍ୱାଡ କ୍ୱାଡ ଜରିଆରେ ଆମେରିକା ସହଯୋଗକୁ ବିସ୍ତାର କରିହେବ। ଏଥିରେ ଦ୍ୱିପାକ୍ଷିକ ଓ ବହୁପାକ୍ଷୀୟ ସହଯୋଗ, ସାମରିକ ଅଭ୍ୟାସରେ ଭାଗିଦାରୀ, ପ୍ରତିରକ୍ଷା ବ୍ୟାପାରର ବିସ୍ତାବର ଓ ମାନବୀୟ ସହାୟତା ତଥା ବିପର୍ଯ୍ୟୟରେ ସହଯୋଗ ରହିଛି। ଫଳରେ ଏକ ସ୍ୱତନ୍ତ୍ର ଏବଂ ମୁକ୍ତ କ୍ଷେତ୍ର ଗଠନ କରିହେବ। ଏହାଛଡା ଏଥିରେ ଭାରତ ସହ ସାମୁଦ୍ରିକ ସୁରକ୍ଷା ଉପରେ ଅଧିକ ସହଯୋଗ ଓ ସମ୍ଭାବନା ଉପରେ ଜୋର ଦିଆଯାଇଛି। କ୍ୱାଡରେ ଭାରତ, ଆମେରିକା,ଜାପାନ ଓ ଅଷ୍ଟ୍ରେଲିଆ ରହିଛି।

## ପ୍ରବାସୀଙ୍କୁ ନେଇ ଜେଡି ଭାନ୍ସଙ୍କ ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ,୮।୧୨: ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଏକ ବୟାନ ଏବେ ଆମେରିକାରେ ବଡ଼ ବିବାଦ ସୃଷ୍ଟି କରିଛି। ଭାନ୍ସଙ୍କ ବିବାଦୀୟ ବୟାନକୁ ନେଇ ତାଙ୍କୁ ଅନେକ ସମାଲୋଚନା କରୁଛନ୍ତି। ଏମିତିକି ଅନେକ ସୋସିଆଲ ମିଡିଆ ୟୁଜର୍ସ ଜେଡି ଭାନ୍ସଙ୍କୁ ପତ୍ନୀ ଉଷାଙ୍କୁ ଭାରତ ପଠାଇଦେବାକୁ କହିଛନ୍ତି। ଏହି ପୂରା ଘଟଣା ଏବେ ବେଶ୍ ଚର୍ଚ୍ଚାର କାରଣ ପାଲଟିଛି। ପ୍ରକୃତରେ ଜେଡି ଭାନ୍ସ ନିକଟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ । ଏଥିରେ ସେ ଲେଖିଥଲେ ''ବଡ଼ ଆକାରରେ ସମୂହ ପ୍ରବାସ ଆମେରିକାର କର୍ମଚାରୀଙ୍କ ଠାରୁ ଅବସର ଛଡ଼ାଇ ନେଉଛି।'' ସେ ଏହା ମଧ୍ୟ ଅଭିଯୋଗ ଆଣିଛନ୍ତି ଯେ, ପ୍ରବାସୀଙ୍କ ଯୋଗୁ ଆମେରିକାକୁ ହେଉଥିବା ଫାଇଦା ବିଷୟରେ ଯେଉଁ ସବୁ ଗବେଷଣା ହେଉଛି ତାହା ଫଣ୍ଡିଂ ମାଧ୍ୟମରେ କରାଯାଉଛି। ଭାନ୍ସ କହିଛନ୍ତି, ଏଭଳି ଗବେଷଣାକୁ ସେମାନେ ଅର୍ଥ ଦେଉଛନ୍ତି ଯେଉଁମାନେ ପ୍ରବାସୀଙ୍କର ଆମେରିକା ଆସିବା ଦ୍ୱାରା ଲାଭ ପାଉଛନ୍ତି।''

## କାମ ଦେଲାନି ଟ୍ରମ୍ପଙ୍କ ଯୁଦ୍ଧବିରତି

# ପୁଣି ମୁହାଁମୁହିଁ ହେଲେ କାମ୍ବୋଡିଆ-ଥାଇଲାଣ୍ଡ



ନୂଆଦିଲ୍ଲୀ,୮।୧୨: କାମ ଦେଲାନି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି । ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଦୁଇ ଦକ୍ଷିଣ-ପୂର୍ବ ଏସିଆର ଦୁଇ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ । ସୋମବାର ଭୋର ସମୟରେ କାମ୍ବୋଡିଆ ପକ୍ଷରୁ କରାଯାଇଥିବା ଆକ୍ରମଣରେ ଜଣେ ଥାଇ ସୈନିକ ପ୍ରାଣ ହରାଇବା ସହ ଦୁଇଜଣ ଆହତ ହୋଇଥିଲେ। ଏହାର ଜବାବରେ ଥାଇଲାଣ୍ଡ ବାୟୁସେନା ପକ୍ଷରୁ କାମ୍ବୋଡିଆ ସୀମାରେ ଏୟାରଷ୍ଟ୍ରାଇକ୍ କରାଯାଇଛି । ଏହି ସାନି ସଂଘର୍ଷ ଫଳରେ ଗତ ଅକ୍ଟୋବର ମାସରେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ କରାଯାଇଥିବା ଯୁଦ୍ଧବିରତି ଭାଙ୍ଗିଯାଇଛି । ଦୁଇ ଦେଶର ସୀମାରେ ଥିବା ଡାଙ୍ଗରେକ୍ ପର୍ବତ ଶିଖରରେ ଥିବା ଏକ ୯୦୦ ବର୍ଷ ପ୍ରାଚୀନ ଶିବ ମନ୍ଦିର ପ୍ରିହ ଭିହିଅରକୁ ନେଇ ଗତ ଅନେକ ଦଶନ୍ଧି ଧରି ଥାଇଲାଣ୍ଡ ଓ କମ୍ବୋଡିଆ ମଧ୍ୟରେ ବିବାଦ ଚାଲିଆସିଛି । ଗତ ଜୁନ ମାସରେ ଏହି ବିବାଦ ସଂଘର୍ଷର ରୂପ ନେଇଥିଲା । ବିବାଦ ଆରମ୍ଭ ହୁଏ ୧୯୦୭ରେ ଯେତେବେଳେ କାମ୍ବୋଡିଆକୁ ଶାସନ କରୁଥିବା ଫ୍ରାନ୍ସ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ନକସାରେ ଏହି ମନ୍ଦିରକୁ କାମ୍ବୋଡିଆର ବୋଲି ଉଲ୍ଲେଖ କରାଯାଇଥିଲା । ସେତେବେଳେ ଥାଇଲାଣ୍ଡ ପକ୍ଷରୁ ଏ ନେଇ କିଛି କୁହାଯାଇନଥିବାବେଳେ ପରେ ଏହା ଏକ ବିବାଦର ରୂପ ନେଇଥିଲା । ଚଳିତ ବର୍ଷ ଜୁନ ୩ୟ ସପ୍ତାହରେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୀମାରେ ଏକ ସୁଡଙ୍ଗ ବିସ୍ଫୋରଣରେ ପାଞ୍ଚ ଜଣ ଥାଇ ସୈନିକ ଆହତ ହେବା ପରେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ସଂଘର୍ଷରେ ୩୫ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ପ୍ରାୟ ୨ ଲକ୍ଷ ୬୦ ହଜାର ଲୋକ ବିସ୍ଥାପିତ ହୋଇଥିଲା ।

## ତୃତୀୟ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ

# 'ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ' କ୍ୟାମ୍ପସ ଖୋଲିବ ଭାରତରେ



ନୂଆଦିଲ୍ଲୀ,୮।୧୨(ପିଆଇବି): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେରଙ୍କ ଉପସ୍ଥିତିରେ ସୋମବାର ନୂଆଦିଲ୍ଲୀ ଠାରେ 'ତୃତୀୟ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଏବଂ ଦକ୍ଷତା ପରିଷଦ' (ଏଆଇଇଏସସି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଷ୍ଟ୍ରେଲିଆର ଦକ୍ଷତା ଓ ତାଲିମ ମନ୍ତ୍ରୀ ଆଣ୍ଡ୍ରୁ ଗିଲ୍ସ ଏବଂ ଆନ୍ତର୍ଜାତୀୟ ଶିକ୍ଷା ସହାୟକ ମନ୍ତ୍ରୀ ଜୁଲିଆନ ହିଲ୍ ଏବଂଅଷ୍ଟ୍ରେଲିଆର ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଯୋଗ ଦେଇଥିଲେ। ଏଆଇଇଏସସି ବୈଠକ ଦୁଇ ଦେଶର ପ୍ରଗତିକୁ ଆଗକୁ ବଢାଇବା ତଥା ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଶିକ୍ଷା, ଦକ୍ଷତା ଏବଂ ଗବେଷଣା ଭାଗୀଦାରୀରେ ନୂତନ ଦିଗନ୍ତ ସୃଷ୍ଟି ପାଇଁ ଏକ ମହାନ ସୁଯୋଗ ଭାବେ କାର୍ଯ୍ୟ କରିଛି । ଏହା ଭାରତୀୟ ଯୁବକମାନଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ସହିତ ଶିକ୍ଷା ଏବଂ ଦକ୍ଷତା ବିକାଶର ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ କରିଛି । ଶ୍ରୀ ପ୍ରଧାନ ମନ୍ତ୍ରୀମଣ୍ଡଳ ଏବଂ ଅଷ୍ଟ୍ରେଲୀୟ ପ୍ରତିନିଧିମଣ୍ଡଳଙ୍କୁ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା ଏବଂ ଗବେଷଣା ତଥା ଦକ୍ଷତା ବିକାଶ ଭଳି କ୍ଷେତ୍ର ଉପରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ସାଧୁବାଦ ଜଣାଇବା ସହ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଏବଂ ଦକ୍ଷତା ପରିଷଦ ମଞ୍ଚକୁ ଏକ ଉଚ୍ଚସ୍ତରକୁ ନେଇଯିବା ପାଇଁ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସକୁ ପ୍ରଶଂସା କରିଛନ୍ତି । ଅପରପକ୍ଷରେ ଥିବା ତୃତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକରେ ଏକ ବଡ଼ ଘୋଷଣା କରାଯାଇଛି । କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗରେ ବିଶ୍ୱର ଶ୍ରେଷ୍ଠ-୨୦ ମଧ୍ୟରେ ସ୍ଥାନ ପାଇଥିବା ଅଷ୍ଟ୍ରେଲିଆର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ 'ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍ସ' ଭାରତରେ ଏକ ଶାଖା କ୍ୟାମ୍ପସ୍ ସ୍ଥାପନ କରିବାକୁ ଯାଉଛି । ଏହି ମର୍ମରେ ଶ୍ରୀ ପ୍ରଧାନ ଓ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ମିଳିତ ଭାବରେ 'ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍ସ' କୁ ଲେଟର୍ ଅଫ୍ ଇଣ୍ଟେଣ୍ଟ(ଏଲଓଆଇ) ପ୍ରଦାନ କରିଛନ୍ତି । ଏହି ପଦକ୍ଷେପ ଭାରତ-ଅଷ୍ଟ୍ରେଲିଆ ଜ୍ଞାନ ଭାଗୀଦାରୀକୁ ଆହୁରି ମଜବୁତ କରିବ। ସେ ୟୁଏନଏସଡବ୍ଲୁକୁ ଅଭିନନ୍ଦନ ଜଣାଇବା ସହ ଭାରତକୁ ସ୍ୱାଗତ କରିଛନ୍ତି ।

## ହାତୀ ଆକ୍ରମଣରେ ଜଣେ ମୃତ

ଚମ୍ପୁଆ(ନିପ୍ର): ଚମ୍ପୁଆ ବନାଞ୍ଚଳ ଅଧିନସ୍ଥ ଉଖୁଣ୍ଡା ସେକ୍ସନର ଉଚ୍ଚବାଲିଠାରେ ଦିନଦ୍ୱିପ୍ରହରେ ହାତୀ ଆକ୍ରମଣର ଶିକାର ହୋଇ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାଯାଇଛି। ଯୁବକ ଜଣଙ୍କ ଭଣ୍ଡାବାଙ୍କ ସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ ବୋଲି ଜଣାପଡିଛି। ସୂଚନା ଅନୁସାରେ ସମରେନ୍ଦ୍ର ମହାନ୍ତ କୌଣସି କାମ ପାଇଁ ଉଚ୍ଚବାଲି ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ଗୁରୁତର ସମରେନ୍ଦ୍ରଙ୍କୁ ତୁରନ୍ତ ଭଣ୍ଡା ଚିକିତ୍ସାଳୟରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଚମ୍ପୁଆ ରେଂଜରେ ୩୭ଟି ହାତୀ ରହିଥିବା ବେଳେ ଉଚ୍ଚବାଲି ଠାରେ ୩ ଗୋଟି ହାତୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ପିପିଲି(ନିପ୍ର): ସୋମବାର ସଂନ୍ଧ୍ୟାରେ ବଳଙ୍ଗା - ନିମାପଡା ପୂର୍ତ୍ତ ରାସ୍ତାର ସାଇ ସନ୍ତୋଷି ହସ୍ପିଟାଲ ସାମ୍ନାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ବ୍ରହ୍ମଗିରି ଥାନା ଅଂଚଳର କହ୍ନେଇ ଦାଶ ବୋଲି ଜଣାପଡିଛି। ସେ ନିମାପଡା ଥାନା ଅନ୍ତର୍ଗତ ଉହାଙ୍ଗ ଗ୍ରାମରେ ମାମୁଁ ଘରେ ରହୁଥିଲେ। ସେ ସୋମବାର ତାଙ୍କ ବୋଉକୁ ନିଜ ଗାଁ ବ୍ରହ୍ମଗିରି ଅଞ୍ଚଳରେ ଛାଡ଼ି ସଂନ୍ଧ୍ୟାରେ ଫେରୁଥିଲେ। ସାଇ ସନ୍ତୋଷୀ ହସ୍ପିଟାଲ ସାମ୍ନାରେ ନିମାପଡାରୁ ବଳଙ୍ଗା ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ କହ୍ନେଇ ୧୦ଫୁଟ ପର୍ଯ୍ୟନ୍ତ ଛିଟିକି ପଡ଼ିଥିଲା ବେଳେ ତାଙ୍କ ହାତ ଓ ଗୋଡ ସମ୍ପୂର୍ଣ ଭାଙ୍ଗି ଯାଇଥିଲା । ଖବରପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କହ୍ନେଇଙ୍କୁ ମୃତ ଗୋଷଣା କରିଥଲେ।

## ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ

ପିପିଲି(ନିପ୍ର): ପିପିଲି ବ୍ଲକ ନୂଆଶାସନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜଣେ ଦଳିତ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗ ପାଇ ମାମଲା ଆଗତ କରିଛି । ସୂଚନା ଅନୁଯାୟୀ ପିପିଲି ଥାନା ଶ୍ରୀକଣ୍ଠପୁର ବନ୍ଧମୂଳ ସାହିର ରମେଶ ବେହେରା ନାମକ ଦଳିତ ଯୁବକ ଚାଉଳ ଆଣିବା ପାଇଁ ଯାଇ ଧାଡିରେ ଠିଆ ହୋଇଥିଲେ । ସେହି ସମୟରେ ବ୍ରାହ୍ମଣ ସାହିର ଜଣେ ଯୁବକ ଯାତିଆଣ ଆକ୍ଷେପକରି ଏକ କାଠ ଫାଳିଆରେ ଆକ୍ରମଣ କରିଛି, ଯାହାକି ଏନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି ।

## ପୋଲିସ ଆଇନ ୩୦ ଧାରା ୯୦ଦିନ ପର୍ଯ୍ୟନ୍ତ ବଳବତ୍ତର

ପୁରୀ(ନିପ୍ର): ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ନଭେମ୍ବର ୨୩ ତାରିଖଠାରୁ ୨୦୨୬ ମସିହା ଫେବୃୟାରୀ ୨୦ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ମୁନିସିପାଲ୍ଟି, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ବଳବତ୍ତର ରହିବ ବୋଲି ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ସାମ୍ବାଦିକଙ୍କ ମୃତ୍ୟୁ



ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ- ନାକଟିଦେଉଳ ରାସ୍ତା ତଥା ରାଞ୍ଚି - ବିଜୟୱାଡ଼ା ଜାତୀୟ ରାଜପଥର ନାକଟିଦେଉଳ ଥାନା ଅନ୍ତର୍ଗତ ଚମ୍ପାଳୀ ନାଳ ନିକଟରେ ସୋମବାର ପ୍ରାୟ ସାଢ଼େ ୧୧ଟା ବେଳେ ତାଙ୍କ ବାଇକ୍ ଦୁର୍ଘଟଣାରେ ଓଟିଭି ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ବୁର୍ଲା ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ (୪୭) ବର୍ଷ ବୟସ ହୋଇଥିଲା। ପ୍ରକାଶ ଯେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପଞ୍ଚାୟତ ସମିତିରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଥିଲା । ଏହାର ଖବର ସଂଗ୍ରହ ପାଇଁ ରେଢ଼ାଖୋଲ ଓଟିଭି ପ୍ରତିନିଧି ରମାକାନ୍ତ ମହାନନ୍ଦ ବାଇକରେ ରେଢ଼ାଖୋଲରୁ ନାକଟିଦେଉଳ ଆସୁଥିବା ବେଳେ ବିଜୟୱାଡା ଜାତୀୟ ରାଜପଥର ଚମ୍ପାଳି ପୋଲ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ପୋତା ଯାଇଥିବା ସିମେଣ୍ଟ ପୋଲରେ ଭାରସାମ୍ୟ ହରାଇ ପିଟି ହୋଇଥିଲେ । ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ଗୁରତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା । ବୁର୍ଲା ବଡ଼ ଡ଼ାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ପତ୍ନୀ ଓ ୨ ପୁତ୍ର ସନ୍ତାନ ଥିବା ଜଣାଯାଇଛି।

# ପଲି ପ୍ୟାକିଂ କାରଖାନାରେ ଭୟାବହ ଅଗ୍ନିକାଣ୍ଡ

### ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ



କଟକ(ନିପ୍ର): ଜଗତପୁର ଥାନା ଅନ୍ତର୍ଗତ ଗୁଜରପୁରଠାରେ ଥିବା ଏକ ପଲି ପ୍ୟାକିଂ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଜଳିପୋଡ଼ି ଭସ୍ମୀଭୂତ ହୋଇଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ନିଆଁକୁ ଆୟତ୍ତ କରିବା ସମ୍ଭବପର ହୋଇପାରି ନଥିଲା। ଯାହା ଫଳରେ ଅଗ୍ନିକାଣ୍ଡରେ କାରଖାନାରେ ଥିବା କଂଚା ମାଲ ସମେତ ବିଭିନ୍ନ ଯନ୍ତାଂଶ ଓ ପଲିଥିନ ବ୍ୟାଗ ଆଦି ଭସ୍ମୀଭୂତ ହୋଇଯାଇଛି । ସୂଚନା ମୁତାବକ ଜଗତପୁର ଥାନା ଅନ୍ତର୍ଗତ ଇମାମନଗର ଗୁଜରପୁର ବସନ୍ତବିହାର ଠାରେ ଜଗାକାଳିଆ ନାମକ ଏକ ପଲି ପ୍ୟାକିଂ କାରଖାନା ରହିଛି । ଉକ୍ତ କାରଖାନାରେ ସୋମବାର ପୂର୍ବାହ୍ନ ପ୍ରାୟ ୯ ଘଟିକା ସମୟରେ ନିଆଁ ଲାଗି ଯାଇଥିଲା । ନିଆଁର ବେଗ ଏତେ ପ୍ରଖର ଥିଲା ଯେ, ଚାହୁଁ ଚାହୁଁ ନିଆଁ ସମଗ୍ର କାରଖାନାକୁ ବ୍ୟାପି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ୫ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ନଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଗୋଟିଏ ପ୍ରିଟିଂ ମେସିନ, ଗୋଟିଏ କଟିଂ ମେସିନ, ଗୋଟିଏ ସିଲେଇ ମେସିନ, ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଜରି ବଣ୍ଡଲ, ବ୍ୟାଗ ସହ ଲକ୍ଷାଧିକ ଟଙ୍କାର କଂଚା ମାଲ ଓ କାରଖାନା ଟିଣ ଆଜବେଷ୍ଟସ ଛାତ ଜଳି ଭସ୍ମୀଭୂତ ହୋଇଯାଇଛି । ଯଦି ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇନଥାନ୍ତା ତେବେ ସ୍ଥାନୀୟ ଅଚଂଳ ଜଳିପୋଡ଼ି ଛାରଖାର ହୋଇଯାଇଥାନ୍ତା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ ସର୍ଟ ସରକିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । କ୍ଷୟକ୍ଷତିର ଆକଳନ ଅଗ୍ନିଶମ ବିଭାଗ ପକ୍ଷରୁ କରାଯାଇ ନଥିବା ସୂଚନା ମିଳିଛି ।

## ପୂର୍ବ ବିବାଦକୁ ନେଇ ଖଣ୍ଡାରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରସୁଲଗଡରେ ରହୁଥିବା ଗୁରୁଦେବ ମିଶ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଗତ ୭ ତାରିଖ ରାତି ସମୟରେ ଅଭିଯୋଗକାରୀ ଅତନୁ ସବ୍ୟସାଚ଼ୀ ବିଶ୍ୱାଳ ଏବଂ ତାଙ୍କ ସହଯୋଗୀମାନେ ଡାଏନକ୍ସ ବାର୍ ନିକଟରେ ଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚିଥିଲେ। ଏକ ପୁରୁଣା ବିବାଦ ଯୋଗୁଁ, ସେମାନଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା, ଯାହା ପରେ ଉଗ୍ର ରୂପ ଧାରଣ କରିଥିଲା। ଅଭିଯୁକ୍ତ ଗୁରୁଦେବ ମିଶ୍ର ଓରଫ ସୋନୁ, ଅଭିଯୋଗକାରୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ଶରୀରରେ ଆଘାତ ହୋଇଥିଲା। ପ୍ରତିଶୋଧ ସ୍ୱରୂପ, ଅଭିଯୋଗକାରୀ ଏବଂ ତାଙ୍କ ସହଯୋଗୀମାନେ ଅଭିଯୁକ୍ତମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ, ଯାହା ଫଳରେ ଉଭୟ ପକ୍ଷ ଆହତ ହୋଇଥିଲେ। ତଦନ୍ତ ସମୟରେ, ବିଶ୍ୱସ୍ତ ସୂଚ଼ନା ଆଧାରରେ ଏକ ଚ଼ଢାଉ କରାଯାଇ ଅଭିଯୁକ୍ତ ଗୁରୁଦେବ ମିଶ୍ର ଓରଫ ସୋନୁଙ୍କ ଗିରଫ କରାଯାଇଥିଲା ଏବଂ ତାଙ୍କ ହେପାଜତରୁ ଅପରାଧର ବ୍ୟବହୃତ ଏକ ଖଣ୍ଡା ଜବତ କରାଯାଇଥିଲା। ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ସ୍ୱେଚ୍ଛାକୃତ ଭାବରେ ଅପରାଧରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ। ଯାଞ୍ଚ ସୂଚ଼ାଇଛି ଯେ ଅଭିଯୁକ୍ତ ବ୍ୟକ୍ତି ବହୁ ଅପରାଧିକ ମାମଲାରେ ଜଡିତ ଏବଂ ଅଭ୍ୟାସଗତ ଭାବରେ ହିଂସା, ସାର୍ବଜନୀନ ଉପଦ୍ରବ ଏବଂ ଅପରାଧିକ ଧମକରେ ଲିପ୍ତ, ଯାହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ଉପଲବ୍ଧ ପ୍ରାଥମିକ ପ୍ରମାଣ ଆଧାରରେ ଆଜି ସମସ୍ତ ଆଇନଗତ ଔପଚ଼ାରିକତା ପାଳନ କରି ଅଭିଯୁକ୍ତଙ୍କୁ କୋର୍ଟଚ଼ାଲାଣ କରାଯାଇଛି। ଅପରାଧରେ ଜଡିତ ଅନ୍ୟ ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଘରେ ପଶି ଆକ୍ରମଣ: ଦୁଇ ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଶ୍ୱରଂଜନ ଭୋଇ ଓ ମନୋରଂଜନ ଭୋଇ। ଏନେଇ ଜ୍ୟୋତିର୍ମୟୀ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚ଼ନାଯୋଗ୍ୟ ଯେ, ଗତ ୦୭ତାରିଖ ଦିନ, ପ୍ରାୟ ୧୧:୫୦ ସମୟରେ, ଅଭିଯୁକ୍ତ ଦୁଇ ଭାଇ ସେମାନଙ୍କ ବାପାଙ୍କ ସହିତ ମାରଣାସ୍ତ୍ର ଧାରଣ କରି ଅଭିଯୋଗକାରୀଙ୍କ ଘର ନିକଟକୁ ପହଞ୍ଚିଥିଲେ। ସେଠାରେ ସେମାନେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଠେଲାପେଲା କରିଥିଲେ ଏବଂ ବିବାଦ ସମୟରେ ଅଭିଯୁକ୍ତ ମଣ୍ଟୁ ଭୋଇ ଏବଂ ବଣ୍ଟି ଓରଫ ବିଶ୍ୱରଞ୍ଜନ ଭୋଇ ହତ୍ୟା ଉଦ୍ଦେଶ୍ୟରେ ଏକ ଛୁରୀ ଦ୍ୱାରା ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ଅଭିଯୋଗକାରିଣୀଙ୍କୁ ମଧ୍ୟ ଗାଳିଗୁଲଜ ଏବଂ ଧମକ ଦେଇଥିଲେ ଏବଂ ତାଙ୍କ ପୋଷାକ ଟାଣି ତାଙ୍କ ସହିତ ଅଭଦ୍ର ଆଚ଼ରଣ କରିଥିଲେ। ଏହି ଘଟଣା କଥିତ ମାସିକ ପ୍ରୋଟେକ୍ସନ୍ ମନି ସମ୍ପର୍କିତ ପୂର୍ବ ବିବାଦ ସହିତ ଜଡିତ ଥିବା କୁହାଯାଇଛି। ତଦନ୍ତ ସମୟରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ପଚ଼ରାଉଚ଼ରା କରାଯାଇଥିଲା, ଯେଉଁଠାରେ ସେମାନେ ଦୋଷ ସ୍ୱୀକାର କରିଥିଲେ। ସେମାନଙ୍କ ପ୍ରକାଶ ଆଧାରରେ ଅଭିଯୁକ୍ତ ମନୋରଞ୍ଜନ ଭୋଇ ଓରଫ ମଣ୍ଟୁଙ୍କ ପାଖରୁ ଅପରାଧ ସଂପର୍କିତ ଷ୍ଟିଲ୍ ଫୋଲ୍ଡିଂ ଛୁରୀ ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ଯାଞ୍ଚରୁ ଜଣାପଡିଛି ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତମାନେ ପଡ଼ୋଶୀ ହେବା ସହିତ ପୂର୍ବରୁ ମଧ୍ୟ ସେମାନଙ୍କର ବିବାଦର ଇତିହାସ ରହିଛି। ମାମଲା ରେକର୍ଡ ଅନୁଯାୟୀ ଅଭିଯୁକ୍ତ ବିଶ୍ୱରଞ୍ଜନ ଭୋଇ ଓରଫ ବଣ୍ଟିଙ୍କ ବିରୋଧରେ ୨୦୧୭ ମସିହାରୁ ୨୦୨୫ ପର୍ଯ୍ୟନ୍ତ ଧଉଳି ଥାନାରେ ଘର ଅନୁପ୍ରବେଶ, ଆକ୍ରମଣ, ଭଦ୍ରତାକୁ ଆଘାତ, ଏନଡିପିଏସ, ଚୋରି, ଡକାୟତି, ଅପରାଧିକ ଧମକ ଇତ୍ୟାଦି ସହିତ ମୋଟ ଛଅଟି ଅପରାଧିକ ମାମଲା ରହିଛି। ଉପଲବ୍ଧ ପ୍ରାଥମିକ ପ୍ରମାଣ ଆଧାରରେ ଆଜି ସମସ୍ତ ଆଇନଗତ ଔପଚ଼ାରିକତା ପାଳନ କରି ଅଭିଯୁକ୍ତଙ୍କୁ କୋର୍ଟଚ଼ାଲାଣ କରାଯାଇଛି। ଘଟଣାର ସମସ୍ତ ପରିସ୍ଥିତି ଯାଞ୍ଚ ପାଇଁ ଅଧିକ ତଦନ୍ତ ଜାରି ରହିଛି।

## ପୂର୍ବ ବିବାଦକୁ ନେଇ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୁଲିସ ୩ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶହୀଦନଗରର ଦୁର୍ଯ୍ୟୋଧନ ବାରିକ, ଜି. ଲିଟୁ ପ୍ରଧାନ ଓ ଅତନୁ ସବ୍ୟସାଚ଼ୀ ବିଶ୍ୱାଳ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ଗୁରୁଦେବ ମିଶ୍ରଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସୂଚ଼ନାଯୋଗ୍ୟ ଯେ, ଗତ ୭ ତାରିଖ ରାତି ସମୟରେ ଅଭିଯୋଗକାରୀ ଗୁରୁଦେବ ମିଶ୍ର ଏବଂ ତାଙ୍କ ସହଯୋଗୀମାନେ ଡାଏନକ୍ସ ବାର୍ ନିକଟରେ ଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚିଥିଲେ। ପୂର୍ବ ବିବାଦର ପରିପେକ୍ଷରେ ସେମାନଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା, ଯାହା ପରେ ଉଗ୍ର ରୂପ ଧାରଣ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ପେଭର ବ୍ଲକ, ବାଉଁଶ ଏବଂ ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେମାନେ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ପଳାଇବା ପୂର୍ବରୁ ତାଙ୍କୁ ଗୁରୁତର ପରିଣାମ ଦେବାକୁ ଧମକ ମଧ୍ୟ ଦେଇଥିଲେ। ତଦନ୍ତ ସମୟରେ, ଅଭିଯୁକ୍ତ ଜି. ଲିଟୁ ପ୍ରଧାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଏକ ଗାଡ଼ି ଜବତ କରାଯାଇଥିଲା। ଅଭିଯୁକ୍ତ ଦୁର୍ଯ୍ୟୋଧନ ବାରିକ ଓରଫ ଧନାଙ୍କ ନିକଟରୁ ଅପରାଧର ଅସ୍ତ୍ର ଏକ ଖଣ୍ଡା ଜବତ କରାଯାଇଥିଲା। ପଚ଼ରାଉଚ଼ରା ସମୟରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ୱଇଚ୍ଛାକୃତ ଭାବରେ ଅପରାଧରେ ସେମାନଙ୍କ ସଂପୃକ୍ତି ସ୍ୱୀକାର କରିଥିଲେ। ଯାଞ୍ଚରୁ ଜଣାପଡିଛି ଯେ ଅଭିଯୁକ୍ତ ବ୍ୟକ୍ତିମାନେ ବହୁ ଅପରାଧିକ ମାମଲାରେ ଜଡିତ ଏବଂ ଏବଂ ଅଭ୍ୟାସଗତ ଅପରାଧୀ ଭାବେ ସେମାନଙ୍କ ବିରୁଦ୍ଧରେ ହିଂସା, ସାର୍ବଜନୀନ ଉପଦ୍ରବ ଏବଂ ଭୟଭୀତ କରିବା ଆଦି କାର୍ଯ୍ୟରେ ଲିପ୍ତ ଥିବା ତଥ୍ୟ ମିଳିଛି, ଯାହା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଚ଼ାପ ସୃଷ୍ଟି ହୋଇଆସିଛି। ଉପଲବ୍ଧ ପ୍ରାଥମିକ ପ୍ରମାଣ ଆଧାରରେ ଆଜି ସମସ୍ତ ଆଇନଗତ ଔପଚ଼ାରିକତା ପାଳନ କରି ଅଭିଯୁକ୍ତମାନଙ୍କୁ କୋର୍ଟଚ଼ାଲାଣ କରାଯାଇଛି। ଅପରାଧରେ ଜଡିତ ଅନ୍ୟ ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ସରକାରୀ ଜମିରେ ଥିବା ଦୋକନ ଘର ଭଡାକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ୟୁନିଟ-୬ ଗଙ୍ଗ ନଗରର ବିଦ୍ୟାଧର ବାରିକ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସରକାରୀ ଜମିର ଏକ ଅଂଶ ଅଧିଗ୍ରହଣ କରି ଏହାକୁ ଅସ୍ଥାୟୀ ଭାବରେ ଜଣେ ଅଭିଯୁକ୍ତ ଚ଼ିନୁଙ୍କୁ ଟେଲରିଂ ଦୋକାନ ଚ଼ଲାଇବା ପାଇଁ ଦେଇଥିଲେ। ପରେ ଚ଼ିନୁ ସ୍ଥାନ ଛାଡିଦେବା ପରେ, ଅଭିଯୋଗକାରିଣୀ ସେଠାରେ ବ୍ୟବସାୟିକ ବ୍ୟବହାର ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ, ଅଭିଯୁକ୍ତ ଚ଼ିନୁ ପୁଣିଥରେ ଟେଲରିଂ ଦୋକାନ ସ୍ଥାପନ କରିବାକୁ ଦାବି କରିଥିଲେ। ତା ୧୨.୧୨.୨୦୨୨ ଦିନ ପ୍ରାୟ ୦୩.୦୦ ଟାରେ, ସମୟରେ ଅଭିଯୋଗକାରିଣୀଙ୍କ ସହିତ ଚ଼ିନୁ ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇଥିଲା। ପରେ, ପ୍ରାୟ ୦୪.୩୦ ସମୟରେ, ପପୁ ସହିତ ଅଭିଯୁକ୍ତ ବିଦ୍ୟା, ଗର୍ଜନ, ପ୍ରକାଶ, ମୁଣ୍ଡା, ମମତା ଓ ତାଙ୍କ ସ୍ୱାମୀ ଏକାଠି ହୋଇ ଅଭିଯୋଗକାରିଣୀ, ତାଙ୍କ ସ୍ୱାମୀ ଓ ଶାଳୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକାରିଣୀ କ୍ୟାପିଟାଲ ଥାନାରେ ରିପୋର୍ଟ କରିଥିଲେ। ତଦନ୍ତ ସମୟରେ, ଘଟଣାସ୍ଥଳରୁ କ୍ଷତିଗ୍ରସ୍ତ ଏକ ସ୍କୁଟି ଜବତ କରାଯାଇ ଅଭିଯୋଗକାରିଣୀଙ୍କୁ ଜିମ୍ମା ରେ ଦିଆଯାଇଥିଲା। ଗତ ତା ୧୩.୧୨.୨୦୨୨ ରେ ଅଭିଯୁକ୍ତ ରମେଶ ନାୟକ ଏବଂ ଲକ୍ଷ୍ମଣ ଓରଫ ଲକ୍ଷ୍ମୀଧର ଦାସଙ୍କୁ ଗିରଫ କରାଯାଇ କୋର୍ଟ ଚ଼ାଲାଣ କରାଯାଇଥିଲା। ଅଭିଯୁକ୍ତ ଚ଼ିନୁ ଓରଫ ସରୋଜିନୀ ଦାସଙ୍କୁ ଦଫା-୪୧ ସିଆରପିସି ଅନୁଯାୟୀ ନୋଟିସ ଜାରି କରାଯାଇଥିଲା ଏବଂ ଅଭିଯୁକ୍ତ ମମତା ନାଏକ ମାନ୍ୟବର କୋର୍ଟରେ ଆତ୍ମସମର୍ପଣ କରିଥିଲେ ଏବଂ ଜାମିନ ରେ ବାହାରିଥିଲେ। ଏହି ମାମଲାର ତଦନ୍ତ ଚ଼ାଲୁ ରହିଥିବା ବେଳେ ୦୭/୦୮.୧୨.୨୦୨୫ ମଧ୍ୟରାତ୍ରିରେ, ଅଭିଯୁକ୍ତ ବିଦ୍ୟା ଓରଫ ବିଦ୍ୟାଧର ବାରିକଙ୍କୁ ଭୁବନେଶ୍ୱର ୟୁନିଟ୍-୬ର ସଡକ ବସ୍ତିରୁ ଗିରଫ କରାଯାଇଥିଲା ଏବଂ ଥାନାକୁ ଅଣାଯାଇଥିଲା। ପଚ଼ରାଉଚ଼ରା ରୁ ସେ ଅପରାଧ ସ୍ୱୀକାର କରିଥିଲେ। ତଦନ୍ତରୁ ଜଣାପଡିଛି ଯେ ସରକାରୀ ଜମି ଦଖଲ ବିବାଦ ଯୋଗୁଁ, ଚ଼ିନୁ ଓରଫ ସରୋଜିନୀ ଦାସ, ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ଦାସ, ମମତା ନାଏକ ଓରଫ ନାୟକ, ତାଙ୍କ ସ୍ୱାମୀ ରମେଶ ନାଏକ, ବିଦ୍ୟାଧର ବାରିକ ଏବଂ ଅନ୍ୟ ଅଭିଯୁକ୍ତମାନେ ଏକ ବେଆଇନ ସମାବେଶ ଗଠନ କରି ଅଭିଯୋଗକାରିଣୀ, ତାଙ୍କ ସ୍ୱାମୀ ଏବଂ ତାଙ୍କ ଶାଳୀଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ହତ୍ୟାଉଦ୍ଦେଶ୍ୟରେ ନିର୍ମମ ଭାବରେ ଆକ୍ରମଣ କରି ଗୁରୁତର ଆଘାତ ଦେଇଥିଲେ। ସେମାନେ ଘଟଣାସ୍ଥଳରେ ଅଭିଯୋଗକାରିଣୀଙ୍କ ସ୍କୁଟିକୁ ମଧ୍ୟ କ୍ଷତିଗ୍ରସ୍ତ କରିଥିଲେ। ଉପଲବ୍ଧ ପ୍ରାଥମିକ ପ୍ରମାଣ ଆଧାରରେ ଆଜି ସମସ୍ତ ଆଇନଗତ ଔପଚ଼ାରିକତା ପାଳନ କରି ଅଭିଯୁକ୍ତ ବିଦ୍ୟାଧର ବାରିକଙ୍କୁ କୋର୍ଟଚ଼ାଲାଣ କରାଯାଇଛି।

## ବିବାହିତ ମହିଳାଙ୍କୁ ପ୍ରେମକରି ଧୋକ୍କା: ଥାନାରେ ମାମଲା

ପିପିଲି(ନିପ୍ର): ପିପିଲି ଥାନା ଅଞ୍ଚଳରେ ଏକ ଲଜ୍ୟାଜନକ ଘଟଣା ଘଟିଛି । ଜଣେ ଦଳିତ ବିବାହିତ ମହିଳାଙ୍କୁ ଜଣେ ଯୁବକ ଶାରୀରିକ ସମ୍ପର୍କ ରଖି ଶେଷରେ ଧୋକା ଦେଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗ ପାଇ ମାମଲା ଆଗତ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ ଏହି ଥାନା ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ଦୀର୍ଘ ୨ ବର୍ଷ ଧରି ନିମାପଡା, କୋଣାର୍କ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ଏହି ଘଟଣା ଦଳିତ ମହିଳାଙ୍କ ସ୍ୱାମୀ, ଶାଶୁ ଶଶୁର ଜାଣିବା ପରେ ସ୍ୱାମୀ ଜୈନିକ ଯୁବକ ପାଖରେ ରହିବା ପାଇଁ କହିଥିଲେ । ପୀଡ଼ିତା ମହିଳା ଜନକ ପ୍ରେମିକ ଯୁବକ ପାଖକୁ ଯିବାରେ ସେ ରଖିବା ପାଇଁ ନାହିଁ କରିଦେବାରୁ ମହିଳା ପୀଡ଼ିତା ପିପିଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ୩ ବାରହା ଶିକାରୀଙ୍କୁ କୋର୍ଟ ଚାଲାଣ

ଚମ୍ପୁଆ(ନିପ୍ର): ଜଙ୍ଗଲ ମଧ୍ୟରେ ବାର୍‌ହା ଶିକାର କରି ମାଂସ ଭାଗ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗର ଅତର୍କିତ କଢାଉ ଫଳରେ ୩ ବାରହା ଶିକାରୀ ଗିରଫ ହେବା ସହିତ ବାର୍‌ହା ଧରିବା ଫାସ, ୧୦ କି.ଗ୍ରା ବାର୍‌ହା ମାଂସ, ୨ ଗୋଟି ପନିକି, ୧ଟି କଟୁରୀକୁ ବନ ବିଭାଗ ଜବତକରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆ ସୂଚନା ଦେଇଛନ୍ତି। ସୂଚନା ଅନୁସାର ଚମ୍ପୁଆ ରେଂଜ ଅଧିନସ୍ଥ ଯୋଡା ସେକ୍ସନର ମୁଟୁଦା ଜଙ୍ଗଲରେ ଗତ ୭ ତାରିଖ ସକାଳ ସମୟରେ ଗୁରୁରଣ ମୁଣ୍ଡା (୨୪), ସୁରେନ୍ଦ୍ର ମୁଣ୍ଡା (୩୧) ଓ ରାଜେନ୍ଦ୍ର ମୁଣ୍ଡା (୩୪) ଏକ ଜଙ୍ଗଲି ବାରହାକୁ କାଟୁଥିବା ଖବରପାଇ ଏସିଏଫ ଶ୍ରୀ ଛତ୍ରିଆଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ କରାଯାଇଥିଲା ଏବଂ ଅଭିଯୁକ୍ତମାନଙ୍କ ଠାରୁ ଉପରୋକ୍ତ ଜିନିଷ ଜବତ କରାଯାଇଥିଲା। ଉକ୍ତ ୩ ଜଣଙ୍କୁ କେସ ନମ୍ବର ୧୩ସିଏର୍/୨୫ ଅନୁସାରେ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ଗୋଟିଏ ଥରରେ ଡାକ ଘର ଓ ବ୍ୟାଙ୍କରୁ ଚୋରି ଉଦ୍ୟମ

ଆସିକା(ନିପ୍ର): ଆସିକା ସମବାୟ ଚିନିଶିଳ୍ପ ମୁଖ୍ୟ ଫାଟକ ନିକଟ ମାର୍କେଟ କମ୍ପ୍ଲେକ୍ସରେ ଥିବା ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ନୂଆଗାଁ ଶାଖା ଓ ନିକଟରେ ଥିବା ନୂଆଗାଁ ଡାକ ଘରୁ ଅନ୍ଧାରର ସୁଯୋଗ ନେଇ ବ୍ୟାଙ୍କ ସଟର ଓ ଡାକ ଘର ମୁଖ୍ୟ କବାଟ ଚାବି ଭାଙ୍ଗି ଚୋର ପ୍ରବେଶ କରିଥିଲେ। ହଠାତ କିଛି ସ୍ଥାନୀୟ ଲୋକ ଆସିଯିବା ଜାଣି ଚୋରମାନେ ଘଟଣା ସ୍ଥଳରୁ ପଳାଇଥିଲେ। ବ୍ୟାଙ୍କ ଓ ପୋଷ୍ଟ ଅଫିସ ମଧ୍ୟରୁ କୌଣସି ମୂଲ୍ୟବାନ ଜିନିଷ ନେଇପାରିନଥିଲେ। ପ୍ରକାଶ ଥାଉକି ଗତ ମାସ ୨୩ ତାରିଖ ମଧ୍ୟରାତ୍ରରେ ଡାକଘର କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା କିନ୍ତୁ ସେତେବେଳେ ମଧ୍ୟ ଚୋରମାନେ ମଧ୍ୟ କୌଣସି ଜିନିଷ ନେଇପାରିନଥିଲେ। ଏ ନେଇ ଆସିକା ନୂଆଗାଁ ପୋଷ୍ଟ ମାଷ୍ଟର ହେରମ୍ବ ବେହେରା ଓ ଆସିକା ସମବାୟ ବ୍ୟାଙ୍କ ପକ୍ଷରୁ ମଧ୍ୟ ଶାଖା ପରିଚାଳକ ଛବିରାମ ଶବର ଆସିକା ଥାନା ଅଧିକରୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଏହି ଦୁଇ ଦୁଇ ଥର ଚୋରି ଘଟଣାରେ ପ୍ରଥମ ଘଟଣାରେ ପୋଲିସ କୌଣସି ଗୁରୁତର ଦେଇନଥିବା ଯୋଗୁଁ ଦ୍ୱିତୀୟ ଥର ଚୋରି ଘଟଣା ପୋଲିସ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ଘଟଣା ଘଟିଛି। ଦ୍ୱିତୀୟଥର ପୋଲିସ ଦାୟିତ୍ୱହୀନତା ଓ ବଦନାମରୁ ରକ୍ଷା ପାଇବା ପାଇ ନାମକୁମାତ୍ର ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରି ପୋଲିସ ତା' କାମ ସାରିଦେଇଛି। ଅନ୍ୟପଟରେ ଚିନି ଶିଳ୍ପ ମାର୍କେଟ କମ୍ପ୍ଲେକ୍ସଟି ୧୯୯୦ରେ ତିଆରି କରି ଚିନି ଶିଳ୍ପ କର୍ମଚାରୀ ଓ ନୂଆଗାଁ ଲୋକଙ୍କ ସୁବିଧା ସେବା ପାଇ ଏହା ସ୍ଥାପନ କରାଯାଇଥିଲା। ଦୀର୍ଘ ବର୍ଷ ଚିନି ଶିଳ୍ପ ରକ୍ଷଣାବେକ୍ଷଣ ଅଭାବରୁ ଏହି ଦୁଇଟି ଅଫିସର ଝରକା ଓ କବାଟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଶେଷରେ ଏହି ଦୁଇଟି ସଂସ୍ଥାରେ ବାରମ୍ବାର ଚୋରି ହେଉଥିବା ଯୋଗୁଁ ଏହା ଅନ୍ୟତ୍ର ଉଠାଇବା ନେବା ପାଇ ଏହି ଦୁଇଟି ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀ ମାନେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବହୁ ଦିନ ଧରି ଚିନିଶିଳ୍ପ ପରିସର ମଧ୍ୟରୁ ଏହି ଦୁଇଟି ସଂସ୍ଥା ବନ୍ଦ ହୋଇଗଲେ ଏଠାକାର ଲୋକ ନାହିଁନଥିବା ହଇରାଣ ହେବା ଥୟ।

### ବିଜେପିର ମହାମିଶ୍ରଣ ପର୍ବ

# ବିଜେଡି ଛାଡ଼ିଲେ କାଉନସିଲର, ସରପଞ୍ଚଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ



ବେଲଗୁଣ୍ଠା(ନିପ୍ର): ପଞ୍ଚାୟତ ନିର୍ବାଚନ ଆଉ ମାତ୍ର ଦେଢ ବର୍ଷରୁ କମ୍ ସମୟ ଥିବାବେଳେ ଏହାକୁ ଆଖି ଆଗରେ ରଖି ସୋରଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଲଗୁଣ୍ଠା ଏନ୍.ଏ.ସି ଓ ବ୍ଲକରେ ନିଜର ଦବଦବା ବଜାୟ ରଖିବା ପାଇଁ ଅଣ୍ଟା ଭିଡିଛି ବିଜେପି । ନବନିର୍ବାଚିତ ବିଧାୟକ ନୀଳମଣି ବିଷୋୟୀଙ୍କ ବଳିଷ୍ଠ ନେତୃତ୍ୱ ଓ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ଲକ୍ ଓ ଏନ୍ଏସିର ବହୁ ଜନପ୍ରତିନିଧି ଓ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି । ଗୋବରାର ମଧୁବାସନ୍ତି ଯାତ୍ରା ପଡିଆରେ ହୋଇଥିବା ମହାମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ନାଟେଙ୍ଗା ମଣ୍ଡଳ ସଭାପତି ଶିବରାମ ରାଉତଙ୍କ ସଭାପତିତ୍ୱରେ ହୋଇଥିବା ଏହି ମିଶ୍ରଣ ପର୍ବରେ ସୋରଡା ବିଧାୟକ ନୀଳମଣି ବିଷୋୟୀ, ସୋରଡା ନିର୍ବାଚନ ମଣ୍ଡଳୀ ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ, ପୂର୍ବତନ ସରପଞ୍ଚ ଅରୁଣ ମହାପାତ୍ର, ତନରଡା ମଣ୍ଡଳ ସଭାପତି ସଞ୍ଜୟ ଜେନା, ବେଲଗୁଣ୍ଠା ନଗର ସାଂସଦ ପ୍ରତିନିଧି ନାରାୟଣ ସାହୁ,ବ୍ଲକ୍ ସାଂସଦ ପ୍ରତିନିଧି ରଞ୍ଜନ ରାଉତ, ସରପଞ୍ଚ ସତ୍ୟବାନ ସ୍ୱାଇଁ, ବରିଷ୍ଠ ଯୁବ ନେତା ସନ୍ତୋଷ ମଲ୍ଲ, ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ରାଜ୍ୟ ପରିଷଦ ସଦସ୍ୟ ପ୍ରହଲ୍ଲାଦ ଲେଙ୍କା ସଂଯୋଜନା କରିଥିଲେ । ଏହି ମହାମିଶ୍ରଣ ପର୍ବରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ୨ ନମ୍ବର ୱାର୍ଡ କାଉନସିଲର ଦିବ୍ୟ ରଞ୍ଜନ ଦାଶ, ୩ ନମ୍ବର କାଉନସିଲର ଲିଜା ବେହେରା, ୮ ନମ୍ବର କାଉନସିଲର ପ୍ରଗତି ପାତ୍ର, ବେଣିପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ପଞ୍ଚାୟତ ବିଜେଡି ସଭାପତି ରଙ୍କନିଧି ରାଉତଙ୍କ ସମେତ ବହୁ ୱାର୍ଡ଼ ମେମ୍ବର, ଶତାଧିକ କର୍ମୀ, ଗୋବରା ପୂର୍ବତନ ସମିତି ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ପାତ୍ର, ଯୁବ ନେତା ସରୋଜ ସ୍ୱାଇଁ, ଆଲୋକ ରାଜୁ, ୭ ଜଣ ୱାର୍ଡ଼ ମେମ୍ବର ଓ ଶତାଧିକ କର୍ମୀ, ୪୮ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର ବିଜେଡି ପ୍ରାର୍ଥୀ ପଞ୍ଚାନନ ନାୟକ । ସେହିପରି ଇଙ୍ଗିନାଠି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ ମଲ୍ଲିକଙ୍କ ସମେତ ବହୁ କର୍ମୀ, ପାଇଲିପଡା ପଞ୍ଚାୟତର ପୂର୍ବତନ ସାଂସଦ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରତିନିଧି ସନ୍ତୋଷ ସାହୁ, ବହୁ ବିଜେଡି କର୍ମୀ, ବେଲଗୁଣ୍ଠା ଡ୍ରାଇଭର ସଙ୍ଘ ସଭାପତି ମଧୁସୁଦନ ଜେନାଙ୍କ ସହିତ ବହୁ ବିଜେଡି କର୍ମୀ, ବଡପଡା ପଞ୍ଚାୟତର ପୁର୍ବତନ ସମିତି ସଭ୍ୟ ତଥା ଆଇନଜୀବୀ ଅଶୋକ ଜେନାଙ୍କ ବହୁ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗଦାନ କରିଥିଲେ । ସେହିପରି କ୍ଷତ୍ରିୟ ବରପୁର, ଧୁମୁଛାଇ, ବଡପଡା ପଞ୍ଚାୟତର ମଧ୍ୟ ବହୁ ସଂଖ୍ୟାରେ ବିଜେଡି କର୍ମୀ ବିଜେପିରେ ଯୋଗ ଦେଇଥିଲେ।

# ବିଧାନସଭା ହାଲଚାଲ



## ଓଡ଼ିଶାରେ ଆତ୍ମସମର୍ପଣ କଲେଣି ୧୨ ମାଓବାଦୀ

ଭୁବନେଶ୍ୱର, ୮/୧୨(ନିପ୍ର): ଦେଢ଼ ବର୍ଷରେ ମାଓ ଦମନରେ ଓଡ଼ିଶା ସରକାରଙ୍କୁ ବଡ଼ସଫଳତା । ଦେଢ଼ ବର୍ଷରେ ଆତ୍ମସମର୍ପଣ କଲେଣି ୧୨ ମାଓବାଦୀ । ଆଉ ୨୧ ମାଓବାଦୀଙ୍କୁ କରାଯାଇଛି ଏନକାଉଣ୍ଟର । ୨୧ ଜଣଙ୍କ ମଧ୍ୟରୁ ୧୭ ଜଣ ଓଡିଶା-ଛତିଶଗଡ଼ ସୀମାରେ ଉଭୟ ରାଜ୍ୟର ମିଳିତ ଅଭିଯାନରେ ଛତିଶଗଡ଼ ସିମବର୍ତ୍ତୀ ଅଂଚଳରେ ମୃତ୍ୟୁବରଣ କରିଛନ୍ତି । ଗୃହରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

## ଚଳିତବର୍ଷ ଉଦ୍ଧାର ହେଲେଣି ୧୨୦୯ ନିଖୋଜ ଶିଶୁ

ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଭିଯାନ ଅପରେସନ ଅନ୍ୱେଷଣରେ ୧୨୦୯ ଶିଶୁ ଉଦ୍ଧାର ହୋଇଛି । ଏହା ସହ ୬୬୬୭ ନିଖୋଜ ମହିଳା ମଧ ଉଦ୍ଧାର ହୋଇଛନ୍ତି । ଉଦ୍ଧାର ହୋଇଥିବା ୧୨୦୯ ନିଖୋଜ ଶିଶୁ ମଧରେ ୧୦୭୮ ଝିଅ ଓ ୧୩୧ ପୁଅ ରହିଛନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ।

## ୧୦ ବର୍ଷରେ ତିନି ଗୁଣା ବଢ଼ିଲାଣି ରାଜ୍ୟର ଋଣଭାର

ଭୁବନେଶ୍ୱର, : ଗତ ୧୦ ବର୍ଷରେ ରାଜ୍ୟ ଉପରେ ଋଣ ଭାର ତିନି ଗୁଣା ବଢ଼ିଛି । ବିଧାନସଭାରେ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଏହା ଜଣାପଡିଛି । ୨୦୧୩-୧୪ ବର୍ଷରେ ଓଡ଼ିଶାର ମୋଟ ଋଣ ଭାର ୩୮ ହଜାର ୬୬୬ କୋଟି ଟଙ୍କା ଥିଲା ବେଳେ ୨୦୨୪-୨୫ରେ ରାଜ୍ୟର ଋଣ ଭାର ୧ ଲକ୍ଷ ୨୦ ହଜାର ୭୧୦ କୋଟିରେ ପହଞ୍ଚିଛି । ୨୦୨୫-୨୬ ଅକ୍ଟୋବର ମାସ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୨୬ ହଜାର ୭୯୯ କୋଟିରେ ପହଞ୍ଚିଛି । ଋଣ ହ୍ରାସ ପାଇଁ ଅନେକ ପଦକ୍ଷେପ ନିଆ ଯାଇଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛି ।

## ୨୦୨୧-୨୩ରେ ୧୫୩ ଜଣ ମାଆଙ୍କ ପ୍ରାଣ ଯାଇଛି

ଭୁବନେଶ୍ୱର : ରାଜ୍ୟରେ ବଢୁଛି ମାତୃ ମୃତ୍ୟୁହାର । ୨୦୧୭ ରୁ ୨୦୧୯ ଭିତରେ ୧୩୬ ଜଣ ମାଆଙ୍କ ମୃତ୍ୟୁ ହୋଇଥିଲା । ସେହିପରି ୨୦୧୮-୨୦ ଭିତରେ ୧୧୯ଜଣ ମାଆଙ୍କ ଜୀବନ ଯାଇଥିଲା । ୨୦୧୯ ରୁ ୨୦୨୧ ଭିତରେ ୧୧୯, ୨୦୨୦ ରୁ ୨୦୨୨ ଭିତରେ ୧୩୬ ଓ ୨୦୨୧-୨୩ ରେ ୧୫୩ ଜଣ ମାଆଙ୍କ ପ୍ରାଣ ଯାଇଛି । ସେପଟେ ରାଜ୍ୟରେ କମିଛି ଶିଶୁ ମୃତ୍ୟୁହାର । ୨୦୧୯ ରେ ୪୩, ୨୦୨୦ ରେ ୩୯, ୨୦୨୧ ରେ ୩୮, ୨୦୨୨ ରେ ୩୭, ୨୦୨୩ ରେ ୩୫ ଜଣ ପାଞ୍ଚ ବର୍ଷରୁ କମ ଶିଶୁଙ୍କ ଜୀବନ ଯାଇଛି । ଗୃହରେ ବିଜେଡି ବିଧାୟକ ଗୌତମ ବୁଧ ଦାସଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ।

## ମହିଳା ଅପରାଧରେ ୪୦ ହଜାର ୯୪୭ଟି ମାମଲା

ଭୁବନେଶ୍ୱର: ଦେଢ଼ ବର୍ଷରେ ମହିଳା ଅପରାଧକୁ ନେଇ ରୁଜୁ ହେଲାଣି ୪୦ ହଜାର ୯୪୭ଟି କେଶ । ଜୁଲାଇ ୨୦୨୪ ରୁ ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ ଅପରାଧରେ ଶିକାରହୋଇଛନ୍ତି ମହିଳା । ଦୁଷ୍କର୍ମରେ ୩୨୦୫ଟି କେଶ,ଦୁଷ୍କର୍ମ ଉଦ୍ୟମରେ ୨୦୨,ବିବାହ ପ୍ରତିଶ୍ରୁତିଦେଇ ୪୪୦ ଟି, ଶୋଷଣର ଶିକାର ୯୮୫୧ଟି,ଯୌନ ନିର୍ଯାତନାରେ୧୪୭୬,ସର୍ବସାଧାରଣରେ ଅସଦାଚରଣ ୨୩୧୦,ଅପହରଣ ୮୮୬୩,ଯୌତୁକନିର୍ଯ୍ୟାତନା ୫୮୬୧,ଶୋଷଣ ଓ ନିର୍ଯ୍ୟାତନା ୬୭୭୩,ଯୌତୁକ ଆତ୍ମହତ୍ୟା ୪୯ ଏହିଭଳି ମହିଳା ଅପରାଧ ଜନିତ ମାମଲା ରୁଜୁ ହୋଇଛି ।ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

## ଅବସପ୍ରାପ୍ତ କର୍ମଚାରୀ ଜବରଦଖଲ କରିଛନ୍ତି କ୍ୱାର୍ଟର

ଭୁବନେଶ୍ୱର: ଅବସର ପରେ ବି କର୍ମଚାରୀ ଛାଡୁନାହାଁନ୍ତି ସରକାରୀ କ୍ୱାର୍ଟର । ବର୍ତ୍ତମାନ ସୁଦ୍ଧା ୪୪୭ ଜଣ ଅବସପ୍ରାପ୍ତ କର୍ମଚାରୀ ଜବର ଦଖଲ କରିଛନ୍ତି । ଗୃହରେ ଲିଖିତ ଉତ୍ତର ଦେଇ କର୍ମଚାରୀଙ୍କ ତାଲିକାଜାରି କରିଛନ୍ତି ମୁଖ୍ୟମନ୍ତ୍ରୀ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ସେମାନଙ୍କୁ ଉଚ୍ଛେଦ ପାଇଁପଦକ୍ଷେପ ନିଆଯାଇଛି । ଏ ନେଇ ଏକ ପ୍ରଶ୍ନରେ ଗୃହରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

## ୮୦୩୫୦ ପୁରୁଷ ଓ ୨୪୪୩ ମହିଳାଙ୍କ ବନ୍ଧ୍ୟାକରଣ

ଭୁବନେଶ୍ୱର: ୨୦୧୪-୧୫ ରେ ୧୦୩୩୨୦ ମହିଳା ବନ୍ଧ୍ୟାକରଣ କରିଥିବାବେଳେ ମାତ୍ର ୨୦୬୫ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୦୧୫-୧୬ ରେ ୧୧୪୬୦୪ ମହିଳା ଓ ୨୩୭୭ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୦୧୬-୧୭ ରେ ୧୦୫୦୬୬ ମହିଳା ଓ ୨୬୩୫ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୧୦୭-୧୮ ରେ ୮୬୬୩୬ ମହିଳା ଓ ୧୧୪୮ ପୁରୁଷ ବନ୍ଧ୍ୟାକରଣ କରିଛନ୍ତି । ୨୦୧୮-୧୯ ରେ ୮୦୩୩୩ ମହିଳା ଓ ୧୩୭୩ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୦୧୯-୨୦ ରେ ୭୭୪୭୮ ମହିଳା ଓ ୧୪୩୩ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୦୨୦-୨୧ ରେ ୫୪୩୫୩ ମହିଳା ଓ ୭୧୯ ପୁରୁଷ ବନ୍ଧ୍ୟାକରଣ କରିଛନ୍ତି । ୨୦୨୧-୨୨ ରେ ୮୨୧୫୨ ମହିଳା ଓ ୯୯୧ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୦୨୨-୨୩ ରେ ୯୨୯୧୫ ମହିଳା ଓ ୧୫୬୯ ପୁରୁଷ ବନ୍ଧ୍ୟାକରଣ କରିଛନ୍ତି ।୨୦୨୩-୨୪ ରେ ୮୦୪୦୩ ମହିଳା ଓ ୧୭୯୨ ପୁରୁଷ ବନ୍ଧ୍ୟାକରଣ କରିଥିଲେ । ୨୦୨୪-୨୫ ରେ ୮୦୩୫୦ ପୁରୁଷ ଓ ୨୪୪୩ ମହିଳା ବନ୍ଧ୍ୟାକରଣ କରିଛନ୍ତି । ଏନେଇ ଗୃହରେ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

## ନଦୀରେ ବୁଡ଼ି ୧୭୫୦ ଜୀବନ ଯାଇଛି

ଭୁବନେଶ୍ୱର : ନଦୀ ବୁଡି ନେଇଛି ୧୭୫୦ ଜୀବନ । ସମୁଦ୍ରନେଇଛି ୮୨ ପ୍ରାଣ । ୨୦୨୨-୨୦୨୫ ଭିତରେ ଆସିଥିବାଏହି ତଥ୍ୟ ଉଦବେଗଜନକ ରହିଛି । କଟକରେ ସର୍ବାଧିକ ୧୭୯, କେନ୍ଦ୍ରାପଡ଼ାରେ ୧୧୦, ମୟୂରଭଞ୍ଜରେ ୧୫୪,ସମ୍ବଲପୁରରେ ୧୦୭, କେନ୍ଦୁଝରରେ ୧୬୦ର ଚିତ୍ର ଚିନ୍ତା ବଢ଼ାଇ ଦେଇଛି । କେବଳ ୨୦୨୫ ରେ ୪୨୭ ଜଣ ବୁଡି ମରିଛନ୍ତି । ବିଜେଡି ବିଧାୟକ ବିଭୂତିବଳବନ୍ତରାୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି ।

## ସରକାରୀ ବାସଭବନ ମରାମତିରେ ଖର୍ଚ୍ଚ ହୋଇଛି ୫୦,୧୦୮୭୧ ଟଙ୍କା

ଭୁବନେଶ୍ୱର: ନୂଆ ସରକାର ଆସିବା ପରେ ମନ୍ତ୍ରୀଙ୍କ କ୍ୱାର୍ଟର ମରାମତିଖର୍ଚ୍ଚର ହିସାବ ରଖିଲେ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ଓମନ୍ତ୍ରୀଙ୍କ ସରକାରୀ ବାସ ଭବନରେ ମରାମତିରେ ଖର୍ଚ୍ଚ ହୋଇଛି ୩ କୋଟି ୩୯ ଲକ୍ଷ ଟଙ୍କା । ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ମରାମତିରେ ଖର୍ଚ୍ଚ ହୋଇଛି ୫୦ ଲକ୍ଷ ୧୦ ହଜାର ୮୭୧ ଟଙ୍କା । ଅନ୍ୟ ଏକ ସରକାରୀବାସଭବନ ମରାମତିରେ ୨୩ ଲକ୍ଷ ୪୭ ହଜାର ୪୮୭ ଟଙ୍କା । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ସରକାରୀ ବାସଭବନମରାମତିରେ ଖର୍ଚ୍ଚ ହୋଇଛି ୨୮ ଲକ୍ଷ ୨୧ ହଜାର ୨୩୦ ଟଙ୍କା । ଏହା ପରେ ଜଙ୍ଗଲ ପରିବେଶ ମନ୍ତ୍ରୀ ୨୫ ଲକ୍ଷ ୭୪ ହଜାର ୬୭୨ ଟଙ୍କା ଖର୍ଚ୍ଚ ହୋଇଛି ।

# ଜୁନିୟର ମହିଳା ହକି: ୱେଲ୍ସକୁ ହରାଇଲା ଭାରତ



ସାଣ୍ଟିଆଗୋ, ୮।୧୨: ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି । ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ । ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ୯ମ ସ୍ଥାନ ଅଧିକାର କରିଛି ।



ଗଞ୍ଜାମ: ଶୀତ ଆଗମନରେ ଋଷିକୁଲ୍ୟା ନଦୀ ମୁହାଣରେ ବିଦେଶୀ ଅତିଥି ପକ୍ଷୀ ଧ୍ରୁବ ହଂସ

## ଡିସେମ୍ବର ୧୦ରୁ ଆନ୍ଦୋଳନକୁ ଓହ୍ଲାଇବେ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ

ଜୟପୁର, ୮/୧୨(ନିପ୍ର): ଓଡିଶା କନିଷ୍ଠ ଶିକ୍ଷକ ସଂଘର ଶିକ୍ଷକ ଶିକ୍ଷୟତ୍ରୀମାନେ ଆସନ୍ତା ଡିସେମ୍ବର ୧୦ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋମବାର ଜିଲ୍ଲା ଶିକ୍ଷାଧିକାରୀ ଚନ୍ଦନ ନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଗତ ଅଗଷ୍ଟ ମାସ ୨୨ ତାରିଖରୁ ମୁଖ୍ୟମନ୍ତ୍ରୀ କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ନିୟମିତ କଲୁ ବୋଲି ଘୋଷଣା କରିଲେ ମାତ୍ର ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲା ପରେ ମଧ ଆଜି ଯାଏଁ ସରକାରୀ ନିର୍ଦ୍ଦେଶନାମା ବାହାରି ପାରିନାହିଁ । ଏଣୁ ସରକାରଙ୍କ ପାଖରେ ଦାବି କରାଯାଉଛି ଯେ ଆସନ୍ତା ଡିସେମ୍ବର ୧୦ ତାରିଖରୁ ସମଗ୍ର ଓଡ଼ିଶାରେ ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀମାନେ ଆନ୍ଦୋଳନରେ ଓହ୍ଲାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଆନ୍ଦୋଳନକୁ ଓହ୍ଲାଇବେ କନିଷ୍ଠ ଶିକ୍ଷକ । ଆସନ୍ତା ୧୦ ତାରିଖଠାରୁ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ଦାବିରେ ଭୁବନେଶ୍ୱର ଲୋୟର ପିଏମଜିଠାରେ ଧାରଣାରେ ବସିବେ । ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଅଗଷ୍ଟ ୨୨ ତାରିଖରେ କନିଷ୍ଠ ଶିକ୍ଷକଙ୍କୁ ରେଗୁଲାର କରାଯିବ ବୋଲି କହିଥିଲେ । କିନ୍ତୁ ଦୀର୍ଘ ୪ ମାସ ବିତି ଯାଇଥିଲେ ବି ଏ ପର୍ଯ୍ୟନ୍ତ କୌଣସି ସରକାରୀ ଦସ୍ତାବିଜ ବାହାର କରିନାହାନ୍ତି କିମ୍ବା ନିୟମିତ କରିବା ନେଇ କିଛି ବି ପଦକ୍ଷେପ ନେଉ ନାହାନ୍ତି । ଯାହାକୁ କନିଷ୍ଠ ଶିକ୍ଷକ ସଂଘ ନିନ୍ଦା କରିବା ସହ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନେଇଛି ।

## ଟି-୨୦ ମ୍ୟାଚ ପୂର୍ବରୁ ଟିକେଟ କଳାବଜାର

# ୪ ଧରାପଡ଼ିଲେ, ୨୧ ଟିକେଟ୍ ଜବତ

କଟକ, ୮/୧୨(ନିପ୍ର): ଡିସେମ୍ବର ୯ ମଙ୍ଗଳବାର ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚରେ ବାରବାଟୀ ଷ୍ଟାଡ଼ିୟମରେ ଟି-୨୦ ମ୍ୟାଚ ଖେଳାଯିବ । ଏବେ ମ୍ୟାଚ ପାଇଁ ଟିକେଟ କଳାବଜାର ଜୋରଦାର ହେଉଛି । କିଛି ଯୁବକ ୩ ରୁ ୪ ଗୁଣା ଦରରେ ଟିକେଟ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏ ନେଇ ପୋଲିସକୁ ଖବର ମିଳିବା ପରେ ଯାଞ୍ଚ ଜୋରଦାର କରାଯାଇଛି। ଏହି କ୍ରମରେ ପୋଲିସ ହାତରେ ଟିକେଟ କଳାବଜାର କରୁଥିବା ଅଭିଯୋଗରେ ୪ ଜଣ ଯୁବକ ଧରା ପଡ଼ିଛନ୍ତି । ଏହି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କଠାରୁ ୨୧ଟି ଟିକେଟ ଜବତ କରିଛି । ପରେ ୪ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛଡ଼ାଯାଇଛି । ଗତ ୧ ତାରିଖରେ ଅନଲାଇନ ଟିକେଟ ଓ ୫ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି ଶେଷ ହୋଇଥିଲା । ଟିକେଟ ନପାଇ ହଜାର ହଜାର କ୍ରିକେଟ ପ୍ରେମୀ ନିରାଶ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି କିଛି ବ୍ଲାକର ଟିକେଟ କଳାବଜାରୀ ଆରମ୍ଭ କରିଦେଇଛନ୍ତି । ଏହି ବ୍ଲାକରମାନେ ମୂଳ ରେଟର ୩ରୁ ୪ ଗୁଣା ଦରରେ ଗ୍ୟାଲେରୀ ଟିକେଟ ବ୍ଲାକ କରୁଛନ୍ତି । ସେହିପରି ଅନ୍ୟ ଦାମୀ ଟିକେଟକୁ ମ୍ୟାଚ୍ ଅଧିକ ଦାମରେ ବିକ୍ରି କରାଯାଉଛି । ଏ ନେଇ ପୋଲିସ ସୂଚନା ପାଇବା ପରେ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ କଳାବଜାରୀଙ୍କ ଉପରେ ନଜର ରଖାଯାଇଥିଲା । ଠୋସ୍ ସୂଚନା ମିଳିବା ପରେ ବିଡ଼ାନାସୀ ଥାନା ପୋଲିସ ଓ ଦରଘା ବଜାର ଥାନା ପୋଲିସ ଚଢ଼ାଉ କରି ମୋଟ ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା । ବିଡ଼ାନାସୀ ପୋଲିସ ୨ ଜଣକୁ ଓ ଦରଘା ବଜାର ଥାନା ପୋଲିସ ୨ ଜଣକୁ ଗିରଫ କରିବା ସହ ମୋଟ ୨୧ଟି ଟିକେଟ ଜବତ କରିଛି ।




ଭୁବନେଶ୍ୱର: ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ/ପାଚିକା ମହାସଂଘ ପକ୍ଷରୁ ପିଏମଜିଠାରେ ବିକ୍ଷୋଭ(ଫଟୋ- ଦିନଲିପି)

## ମହାବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

ବାରିପଦା, ୮।୧୨(ନିପ୍ର): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆ ବି.ବି. ମହାବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି । ଏଥିରେ ଛାତ୍ରଙ୍କ ଅନ୍ତବୁଜୁଳା ବାହାରକୁ ବାହାରି ଆସିଛି । ତାଙ୍କ ମୁଣ୍ଡରେ ମଧ ଆଘାତ ଲାଗିଛି । ଗୁରୁତର ଛାତ୍ର ଜଣକ ହେଲେ ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ପ୍ରହ୍ଲାଦ ବିନ୍ଧାଣି । ଛୁରାମାଡ଼ କରିଥିବା ଛାତ୍ର ଜଣକ ବାରିପଦା ସଦର ଥାନା ଅଧୀନ ଦାମୋଦରପୁର ଗ୍ରାମର ବୋଲି ଜଣାପଡିଛି । ସେ ମଧ ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର । ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଛି ପୋଲିସ । ଘଟଣାକୁ ନେଇ କଲେଜ ପରିସରରେ ଉତ୍ତେଜନା ଦେଖାଦେଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଘଟଣାର ପ୍ରତିବାଦରେ ମହାବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି ଉତ୍ତ୍ୟକ୍ତ ଗ୍ରାମବାସୀ । ଗୁରୁତର ଛାତ୍ରଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଛି ।

# ସଂକଟରେ ଦାଦନ ପରିବାର

## ସହାୟତାର ହାତ ବଢ଼ାଇଲା ଡିଏଲଏସଏ

କୁଚିଣ୍ଡା,୮/୧୨(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ଲରିଆପାଲି ପଞ୍ଚାୟତ ନୂଆଁଡିହି ଗ୍ରାମର ଦାଦନ ଶ୍ରମିକ ସୁରେନ ଜୟପୁରିଆ (୪୦)ଙ୍କ ପରିବାର ଏବେ ସଙ୍କଟରେ । ସେ ଅତ୍ୟନ୍ତ ଗରିବ ହେତୁ ପରିବାର ପ୍ରତିପୋଷଣ ପାଇଁ ୪ ମାସ ତଳେ ଗୁଜରାଟର ସୁରଟକୁ ଦାଦନ ଯାଇଥିଲେ । ଘରେ ତାଙ୍କର ସ୍ତ୍ରୀ ଅଞ୍ଜଳୀଙ୍କ ସହିତ ୫ ସନ୍ତାନ ଥିଲେ । ୧୩ ଦିନ ତଳେ ଶଯ୍ୟାଶାୟୀ ଥିବା ରୋଗିଣା ସ୍ତ୍ରୀ ଅଞ୍ଜଳୀଙ୍କ ମୃତ୍ୟ ହୋଇଥିଲା । ଖବର ବିଳମ୍ବରେ ପାଇବା ଯୋଗୁଁ ସୁରେନ ସୁରଟରୁ ଫେରିବା ବେଳକୁ ଏପଟେ ସମ୍ପର୍କୀ ମାନେ ଅଞ୍ଜଳୀଙ୍କ ଅନ୍ତିମ ସଂସ୍କାର କରି ସାରିଥିଲେ । ମୃତ୍ୟୁର ୩ ଦିନ ପରେ ସୁରେନ



ଘରକୁ ଫେରିଥିଲେ ହେଁ ସେ ସ୍ତ୍ରୀଙ୍କ ମଲା ମୁହଁ ମଧ ଦେଖିପାରି ନଥିଲେ । ଧାରକରଜ କରି କୌଣସି ମତେ ସ୍ତ୍ରୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କଲେ । ମା'ଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାବେ ସୁରେନ ଏବଂ ୩ ଝିଅ ଓ ୨ପୁଅ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ପିଲାମାନେ ବର୍ତ୍ତମାନ ଠିକ ଭାବେ ସ୍କୁଲ ମଧ ଯାଇ ପାରୁ ନାହାନ୍ତି । ସ୍ତ୍ରୀ ଚାଲିଯିବା ପରେ ବର୍ତ୍ତମାନ ସୁରେନ ଘରେ ରହି ୫ ସନ୍ତାନଙ୍କ ଲାଳନ ପାଳନରେ ଲାଗିଛନ୍ତି । ମା ଛେଉଣ୍ଡ ପିଲାଙ୍କ ପ୍ରତିପୋଷଣ ନିମନ୍ତେ ସେ କାମଧନ୍ଦା ପାଇଁ ଘରୁ ଗୋଡମଧ କାଢି ପାରୁନାହାନ୍ତି । ଅର୍ଥାଭାବରୁ ଭଙ୍ଗା ଦଦରା ଘରେ ପରିବାର ଜୀବନ ବିତାଉଥିଲେ । ଅନ୍ତ୍ୟୋଦୟ ଯୋଜନାରେ ମିଳୁଥିବା ୩୫ କେଜି ଚାଉଳ ହିଁ ଏବେ ସାହା ଭରସା । ଏଭଳି ପରିସ୍ଥିତିରେ ଭଲରେ ଦିଓଳି ଖାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ନୂଆଡିହି ଗ୍ରାମର ଗୌନ୍ତିଆ ସୁରେନ୍ଦ୍ର ପଟେଲ ସୁରେଶଙ୍କୁ ଯଥା ସମ୍ଭବ ସାହାଯ୍ୟ ମଧ କରିଥିଲେ ।

## ଲାଞ୍ଚ ନେଇ ଧରାପଡ଼ିଛନ୍ତି ୨୦ ପୋଲିସ

ଭୁବନେଶ୍ୱର, ୮/୧୨(ନିପ୍ର): ଦେଢ ବର୍ଷ ମଧରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ୨୦ଜଣ ପୋଲିସ ଅଧିକାରୀ/କର୍ମଚାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସେହିପରିଦେଢ଼ ମଧରେ, ୨୭୧ ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ବିଭିନ୍ନମକଦ୍ଦମାରେ ଗିରଫ କରାଯାଇଛି । ୧୭୪ ଜଣ ସରକାରୀ ଅଧିକାରୀ/କର୍ମଚାରୀ ଭିଜିଲାନ୍ସ କୋର୍ଟରେଦଣ୍ଡିତ ହୋଇଛନ୍ତି । ୩୩ ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ୬୫ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କ ପେନସନ ବନ୍ଦ କରିଦିଆଯାଇଛି । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ୨୨୨ କୋଟି ଲୁଟିଲେଣି ସାଇବର ଲୁଟେରା

ଭୁବନେଶ୍ୱର, ୮/୧୨(ନିପ୍ର): ରାଜ୍ୟରେ ମାତିଛନ୍ତି ସାଇବର ଲୁଟେରା, ୧୬ ମାସରେ ଲୁଟିଲେଣି ୨୨୨ କୋଟି । ବିଧାନସଭାରେ ଏନେଇ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜ୍ୟରେ ୧୬ ମାସରେ ଘଟିଛି ୩୪୮୬ଟି ସାଇବର କ୍ରାଇମ । ସାଇବର ଅପରାଧରେ ଗିରଫ ହୋଇଛନ୍ତି ୭୧୭୭, ୧୦୪ଙ୍କ ନାଁରେ ଚାର୍ଜସିଟ । ଉକ୍ତ ଅପରାଧରେ ୨୨୨ କୋଟି ୯ ଲକ୍ଷ ୮ ହଜାର ଟଙ୍କାର ଠକେଇ ହୋଇଛି । ୬୧ ଲକ୍ଷ ୩୬ ହଜାର ଟଙ୍କା ଫେରସ୍ତ ପାଇଛନ୍ତି ଠକେଇର ଶିକାର ବ୍ୟକ୍ତି । ୬ କୋଟି ୭୪ ଲକ୍ଷ ୯ ହଜାର ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ହୋଇଛି ଅଚଳ ।

## କ୍ରିକେଟ ବ୍ୟାଟ୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ

ବ୍ରହ୍ମପୁର, ୮/୧୨(ନିପ୍ର) : କ୍ରିକେଟ ବ୍ୟାଟ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ । ବ୍ରହ୍ମପୁର ରେଳ ଷ୍ଟେସନରୁ ଜିଆର ପୋଲିସ ଏହି ଗଞ୍ଜେଇ ଭର୍ତ୍ତି ବ୍ୟାଟକୁ ଜବତ କରିଛି । ଏହାସହିତ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଦୁଇଜଣ ଯୁବକଙ୍କୁ ମଧ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦୁହେଁ ପଶ୍ଚିମବଙ୍ଗ ମୁରସିଦାବାଦ ଜିଲ୍ଲାର ବୋଲି ଜଣାପଡିଛି । ତେଣୁ ପୋଲିସ ଏ ଘଟଣା ନେଇ ଅଧିକ ତଦନ୍ତ କରୁଛନ୍ତି । ସୂଚନା ଅନୁସାରେ, ଦୁଇ ଅଭିଯୁକ୍ତ ପଶ୍ଚିମବଙ୍ଗ ମୁରସିଦାବାଦରୁ ପ୍ଲାଷ୍ଟିକ ବ୍ୟାଟରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ ପାଇଁ ଟ୍ରେନ ଯୋଗେ ଯାଉଥିଲେ । ଏହି ସମୟରେ ସେମାନଙ୍କ ଭାବଭଙ୍ଗୀରୁ ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ଜିଆର ପୋଲିସ ସନ୍ଦେହ କରି ଆରପିଏଫ ଓ ସିଆଇବିଙ୍କ ସହାୟତାରେ ସେମାନଙ୍କ ଯାଞ୍ଚ କରିଥିଲେ । ଯାଞ୍ଚ କରିବାରୁ ସେମାନଙ୍କ ଠାରୁ ୨୩ଟି ବେକପେକ ଓ ୧୦ଟି କ୍ରିକେଟ ବ୍ୟାଟରୁ ଚୋରାରେ ଚାଲାଣ ହେଉଥିବା ୧୭ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଥିଲା । ପୋଲିସ ଉଭୟଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ।

# ୧୦ରୁ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା

ଭୁବନେଶ୍ୱର, ୮/୧୨(ନିପ୍ର): ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ କାର୍ଯ୍ୟରତ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ, ଓଡ଼ିଶା ଦ୍ୱାରା ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆସନ୍ତା ୧୦ ତାରିଖରୁ ୧୬ ଡିସେମ୍ବର ପର୍ଯ୍ୟନ୍ତ ଇଡ୍‌କୋ ପ୍ରଦର୍ଶନୀ ପଡିଆ, ୟୁନିଟ-୩, ଭୁବନେଶ୍ୱରଠାରେ ଆୟୋଜିତ ହେବ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହାର ଉଦ୍‌ଘାଟନ କରିବେ । ଚଳିତବର୍ଷ ମେଳାରେ ୧୩୦ ଷ୍ଟଲ୍ ଖୋଲାଯିବ । ଓଡ଼ିଶା ଓ ଅନ୍ୟ ରାଜ୍ୟରୁ ମୋଟ ୨୬୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ । ଏହା ସହିତ ରାଇରଙ୍ଗପୁର, କେନ୍ଦୁଝର ଓ ମାଲକାନଗିରିରେ ଚଳିତ ବର୍ଷ କ୍ଷେତ୍ରୀୟ କଳିଙ୍ଗ ହର୍ବାଲ ମେଳା ମଧ ଆୟୋଜିତ



ହେବ, ଯାହା ସ୍ଥାନୀୟ ଡିଏଫଓମାନଙ୍କ ଦ୍ୱାରା ପରିଚାଳିତ ହେବ । ଉଦ୍ଘାଟନୀ ଉତ୍ସବରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ, ପ୍ରେମ କୁମାର ଝା ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ କାର୍ତ୍ତିକ ଭି ଏବଂ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ମୁଖ୍ୟ ହିତାଧିକାରୀମାନଙ୍କ ମଧରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା, ଓ ସଚେତନତା ବୃଦ୍ଧି କରିବା । ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ ଓ ହୋମିଓପାଥିର ପ୍ରଚାର କରିବା ଏବଂ ଦର୍ଶକମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ସୁବିଧା ପ୍ରଦାନ । ଗତବର୍ଷ ଡାବର, ଇମାମି, ଆର୍ଯ୍ୟ ବୈଦ୍ୟଶାଳା କୋଟ୍ଟାକାଲ, ବୈଦ୍ୟନାଥ, ମୁଲତାନି ଏବଂ ବେସିକ୍ ଆୟୁର୍ବେଦ ଭଳି ଜଣାଶୁଣା କମ୍ପାନୀମାନେ ଅଂଶଗ୍ରହଣ କରିଥିଲେ ଓ ମୋଟ ବ୍ୟବସାୟ ୧,୦୨,୮୯,୬୦୦ /- ହୋଇଥିଲା । ଚଳିତବର୍ଷ ବୃହତ୍ତର ଅଂଶଗ୍ରହଣ ସହିତ ବ୍ୟବସାୟ ୨ କୋଟି ଅତିକ୍ରମ କରିବ ବୋଲି ଆକଳନ କରାଯାଉଛି । ମେଳା ସମୟରେ ବିଭିନ୍ନ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେବ ୧୧ ଡିସେମ୍ବର ପୂର୍ବାହ୍ନ ୧୧ ଟାରୁ ୨ଟା ପର୍ଯ୍ୟନ୍ତ ସରକାରୀ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଔଷଧୀୟ ଉଦ୍ଭିଦ କୁଇଜ୍ । ୧୨ ଡିସେମ୍ବର ମଧ୍ୟାହ୍ନ ୧୨ ଟାରୁ ୨ଟା ପର୍ଯ୍ୟନ୍ତ ନାରୀ ସମ୍ମିଳନୀ (ରୁଫଟପ୍ ପୋଷକ ବଗିଚା) । ୧୩ ଡିସେମ୍ବର ମଧ୍ୟାହ୍ନ ୧୨ ରୁ ୨ ଘଟିକା ସମୟରେ ଅଂଶଗ୍ରହଣକାରୀଙ୍କ ପାଇଁ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## କାନ୍ଥ ପଡ଼ି ବୃଦ୍ଧା ମୃତ

ଆସିକା, ୮/୧୨(ନିପ୍ର): ଆସିକା ବ୍ଲକ ଦେବଭୂମି ପଞ୍ଚାୟତ ହରିଜନ ସାହିରେ କାନ୍ଥ ପଡ଼ି ବୃଦ୍ଧାଙ୍କ ମତ୍ୟୁ ଘଟିଛି । ପ୍ରକାଶ ଥାଉକି ସ୍ୱର୍ଗତ ଭଜରାମ ନାୟକଙ୍କ ସ୍ତ୍ରୀ ଚନ୍ଦ୍ର ନାୟକ (୭୨)ଙ୍କ ଉପରେ ତାଙ୍କ ବାରିପଟେ ଚାଉଳ ବାଛୁଥିବା ସମୟରେ ମାଟି କାନ୍ଥଟି ପଡିଯାଇଥଲା । ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସିତ କରାଯାଇଥିଲା ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 17.11.2025, I, Rani Rozalin Champatiroy W/o- Rasmi Ranjan Ram, L-1916, Phase-II, Dumduma Housing Board Colony, Bhubaneswar (MC), Ps - Khandagiri, Dist - Khordha, Odisha, Pin-751019 do hereby declare that, I have changed my name from Rani Rozalin Champatiroy to Rani Rozalin Champatiray. Henceforth I shall be known as **RANI ROZALIN CHAMPATIRAY** for all purposes.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ